ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ଜୁଲାଇ ୫ /୨୦୧୯ (୧୬ ପୃଷ୍ଠା) Rayagada, Friday, July 5 / 2019 ★
୯ମ ଭାଗ ୧୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**'ମିଶନ୍ ମଙ୍ଗଲ୍'ରେ ଅକ୍ଷୟ୍ କୁମାର**

ସ୍ପେସ୍ ଡ୍ରାମା 'ମିଶନ୍ ମଙ୍ଗଲ୍'ରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଜଣେ ବୈଜ୍ଞାନିକ ଭୂମିକା ନେଇଛନ୍ତି।

୧୧

୧୫

**ହିମାଙ୍କୁ ସ୍ୱର୍ଣ୍ଣ ପଦକ**

ଭାରତୀୟ ସ୍ପ୍ରିଣ୍ଟର ହିମା ଦାସ ପୋଲାଣ୍ଡରେ ଅନୁଷ୍ଠିତ ପୋଜନାନ ଆଥ୍‌ଲେଟିକ୍ସ ଗ୍ରାଁ ପ୍ରିର ୨୦୦ ମିଟର ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



## ସଞ୍ଜ ନଇଁବା ପୂର୍ବରୁ

# ଶରଧାବାଲିରେ ତିନିରଥ



ଗୁରୁବାର ସନ୍ଧ୍ୟାରେ ଶରଧାବାଲିରେ ପହଞ୍ଚିଥିବା ତିନିରଥ। (ଫଟୋ: ଅନିଲ କୁମାର ସାହୁ)

- ଅନୁକୂଳ ପାଗ, ସଅଳ ନୀତିକାନ୍ତି
- ଗୁମୁଟରେ ଅଝଟ କଲେ କଳା ଠାକୁର
- ୨ଟା ୧୦ରେ ରଥଟଣା ଆରମ୍ଭ, ୬ଟା ୪୦ରେ ଶେଷ
- ୮ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ
- ଆଜି ଦାରୁଦିଅଁଙ୍କ ଆଡ଼ପମଣ୍ଡପ ବିଜେ

ପୁରୀ ଅଫିସ, ୪।୭

ଶ୍ରୀମନ୍ଦିର ଛାଡ଼ି ବଡଦାଣ୍ଡକୁ ଓହ୍ଲାଇ ଆସିଲେ ଚତୁର୍ଦ୍ଧାବିଗ୍ରହ। ତାଙ୍କ ସ୍ପର୍ଶରେ ରଥ, ପଥ ହେଲା ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ଘଟିଲା ମହାମିଳନ। ଦାରୁଦିଅଁଙ୍କ ଦର୍ଶନ ପାଇ ଭାବରେ ଭିଜିଲେ ଭକ୍ତ। ପରେ ଭଉଣୀ ଭାଇଙ୍କୁ ସାଥିରେ ଧରି କଳାଠାକୁର ବାହାରିଲେ ଜନ୍ମବେଦି ଅଭିମୁଖେ। ଗୁରୁବାର ଘୋଷଯାତ୍ରାରେ ଅନୁକୂଳ ପାଗ ଓ ସଅଳ ନୀତିକାନ୍ତି ଯୋଗୁ ସଞ୍ଜ ନଇଁବା ପୂର୍ବରୁ ଶରଧାବାଲିରେ ତିନିରଥ ପହଞ୍ଚିଛନ୍ତି। ରାତିରେ ରଥରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ଶୁକ୍ରବାର ଆଡ଼ପମଣ୍ଡପକୁ ବିଜେ କରିବେ ଦାରୁଦିଅଁ। ଏହି ନବଦିନାତ୍ମକ ଯାତ୍ରା ଦେଖିବା ଲାଗି ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଜନସମୁଦ୍ର ପାଲଟିଥିଲା ଶ୍ରୀକ୍ଷେତ୍ର। ମେଘୁଆ ପାଗ ସହ ସାମାନ୍ୟ ଗୁଳୁଗୁଳି ହେଉଥିଲେ ବି ଭକ୍ତ-ଭଗବାନଙ୍କ ମଧ୍ୟରେ ଏହା ବାଧକ ସାଜିପାରି ନ ଥିଲା। ରଥାରୂଢ ଠାକୁରଙ୍କ ଦର୍ଶନ ଲାଗି ଅପେକ୍ଷା କରିଥିଲେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ପ୍ରାତଃ ୫ଟା ୨୫ରେ ଠାକୁରଙ୍କ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା। ସକାଳ ୭ଟା ୪୫ରେ ସକାଳ ଧୂପ ବଢିଥିଲା। ଏହାପରେ ଦେଉଳ ପୁରୋହିତ ତିନିରଥ ପ୍ରତିଷ୍ଠା କରିଥିଲେ। ସକାଳ ୮ଟା ୫ରେ ମଙ୍ଗଳାର୍ପଣ ହୋଇ ପୁଷ୍ପାଞ୍ଜଳି ସରିଥିଲା। ନିର୍ଦ୍ଧାରିତ ପହଣ୍ଡି ନୀତିର ୧ଘଣ୍ଟା ୧୦ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୮ଟା ୨୦ରେ ବାଜିଥିଲା ବିଜେ କାହାଳୀ। ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସିଂହଦ୍ୱାର ସମ୍ମୁଖ। ପରମ୍ପରା ଅନୁଯାୟୀ, ଧାଡ଼ି ପହଣ୍ଡିରେ ଆସିଥିଲେ ଦାରୁବିଗ୍ରହ। ପ୍ରଥମେ ଶ୍ରୀସୁଦର୍ଶନ ଦର୍ପଦଳନ (ଦେବୀ ସୁଭଦ୍ରା) ରଥରେ ସକାଳ ୮ଟା ୫୦ରେ ବିଜେ କରିଥିଲେ। ଏହାପରେ ୯ଟା ୪୫ରେ ବଡ ଠାକୁର ବଳଭଦ୍ର ଏବଂ ୧୦ଟାରେ ଦେବୀ ସୁଭଦ୍ରା ରଥାରୂଢ ହୋଇଥିଲେ। ଶେଷରେ ଆସିଥିଲେ କଳାଠାକୁର। ତେବେ ପହଣ୍ଡି ବେଳେ ବେଶ୍ ଅଝଟ କରିଥିଲେ। ପୂର୍ବାହ୍ନ ୧୦ଟାରେ ସିଂହଦ୍ୱାର ଗୁମୁଟରେ ପହଞ୍ଚି ଯାଇଥିଲେ ମଧ ଆଉ ଆଗକୁ ବଢି ନ ଥିଲେ। ସତେ ଯେମିତି ଗୁମୁଟରୁ ବାହାରିବାକୁ ଇଚ୍ଛା ନ ଥିଲା। ପ୍ରାୟ ୩୫ ମିନିଟ୍ ଗୁମୁଟ ଭିତରେ ବାମ ଡାହାଣ ହୋଇଥିଲେ। ଶେଷରେ ଅଭିମାନ ଭାଙ୍ଗି ୧୦ଟା ୩୫ରେ ବାହାରକୁ ଆସିଥିଲେ। ଏହାପରେ ଟହଲି ଟହଲି ସାଢେ ୧୧ଟାରେ ରଥାରୂଢ ହୋଇଥିଲେ ହଟିଆ ଠାକୁର। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ପହଣ୍ଡି ଶେଷ ଲାଗି ସମୟ ଧାର୍ଯ୍ୟ ହୋଇଥିଲେ ହେଁ, ୧ଘଣ୍ଟା ପୂର୍ବରୁ ଅର୍ଥାତ୍ ସାଢେ ୧୧ଟା ସୁଦ୍ଧା ଏହା ସମ୍ପନ୍ନ ହୋଇଥିଲା। ୧୧ଟା ୫୦ରେ ମଦନମୋହନ ରଥକୁ ବିଜେ ହୋଇଥିଲେ। ଏହାପରେ ମହାପ୍ରଭୁଙ୍କ ଚିତା ଲାଗି କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କ ଶିଷ୍ୟ ଓ ସାଧକଙ୍କ ସହିତ ଆସି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ବେଶ ବଢିବା ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀନଅରରୁ ତାମଯାନରେ ଆସି ଅପରାହ୍ନ ୧ଟା ୧୦ରେ ତିନିରଥରେ ଛେରାପହଁରା କରିଥିଲେ। ଏହା ପରେ ସଙ୍ଗେସଙ୍ଗେ ଚାରମାଳ ଫିଟା ହୋଇ ଘୋଡ଼ା ଓ ସାରଥି ଲାଗି କରାଯାଇଥିଲା। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଏହାର ପ୍ରାୟ ୧ଘଣ୍ଟା ୫୦ ମିନିଟ ପୂର୍ବରୁ ଅର୍ଥାତ୍ ୨ଟା ୧୦ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ପରେ ୩ଟାରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ଶେଷରେ ଅପରାହ୍ନ ୩ଟା ୪୦ରେ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାଯାଇଥିଲା।

ତିନିରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣିନେଇଥିଲେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ। ଅପରାହ୍ନ ୫ଟା ୪୫ରେ ଶରଧାବାଲିରେ ଲାଗିଥିଲା ତାଳଧ୍ୱଜ ରଥ। ଏହାର ୧୦ମିନିଟ୍ ପରେ ଦର୍ପଦଳନ ରଥ ଏବଂ ଶେଷରେ ସନ୍ଧ୍ୟା ୬ଟା ୪୦ରେ ନନ୍ଦିଘୋଷ ରଥ ଶରଧାବାଲିରେ ପହଞ୍ଚିଥିଲା। ସେଠାରେ ପ୍ରଶାସନ ପକ୍ଷରୁ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ କରାଯାଇଛି। ଭକ୍ତମାନେ ରଥତଳେ ରହି ରଥାରୂଢ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବେ। ଶୁକ୍ରବାର ରଥରେ ଠାକୁରଙ୍କ ସନ୍ଧ୍ୟାଧୂପ ନୀତି ସରିବା ପରେ ପହଣ୍ଡି ହେବ। ଚତୁର୍ଦ୍ଧାବିଗ୍ରହ ଗୋଟି ପହଣ୍ଡିରେ ଯାଇ ଆଡ଼ପମଣ୍ଡପ ତଥା ଜନ୍ମବେଦିରେ ବିଜେ କରିବେ ଏବଂ ଶନିବାରଠାରୁ ସେଠାରେ ଭକ୍ତଙ୍କୁ ଦର୍ଶନ ଦେବେ। ରଥଯାତ୍ରାରେ ୮ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ପ୍ରାକ୍ ଆକଳନ କରାଯାଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଆଜି କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୪-୭

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଦୀର୍ଘ ୪୯ ବର୍ଷ ପରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ପରେ ପ୍ରଥମ ମହିଳା ଅର୍ଥମନ୍ତ୍ରୀ ଭାବେ ସେ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଆର୍ଥିକ ବିକାଶକୁ ଗତିଶୀଳ କରିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି, ବ୍ୟାଙ୍କ,ଏନ୍‌ବିଏଫ୍‌ସିରେ ସୃଷ୍ଟି ହୋଇଥିବା ନଗଦ ସଙ୍କଟ ଦୂର ସହ ରପ୍ତାନି ବୃଦ୍ଧି ଉପରେ ସେ ବଜେଟରେ ଜୋର୍ ଦେଇପାରନ୍ତି। ଏହାଛଡ଼ା ଭିତ୍ତିଭୂମିର ବିକାଶ ଲାଗି ଅଧିକ ପୁଞ୍ଜି ନିବେଶ, ମଧ୍ୟବିତ୍ତଙ୍କ ହାତରେ ଅଧିକ ଅର୍ଥ ଦେବା ଲକ୍ଷ୍ୟରେ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ରିହାତି ପ୍ରଦାନ ଆଦି ମଧ୍ୟ ତାଙ୍କ ପାଇଁ ବଡ଼ ଆହ୍ୱାନ ହେବ। ଏହାଛଡ଼ା କୃଷି କ୍ଷେତ୍ର ମୋଦି ସରକାରଙ୍କ ପ୍ରାଥମିକତା ହୋଇଥିବା ଦୃଷ୍ଟିରୁ ଚାଷୀଙ୍କ ଆୟ ବଢ଼ାଇବା ଲାଗି ବଜେଟରେ ବ୍ୟବସ୍ଥା କରିବା ତାଙ୍କ ପାଇଁ ଚାଲେଞ୍ଜ ହୋଇପାରେ। ମୌସୁମୀକୁ ନେଇ ଦେଖାଦେଇଥିବା ଅନିଶ୍ଚିତତା କାରଣରୁ ଫସଲ ଉତ୍ପାଦନ ଚଳିତ ବର୍ଷ ହ୍ରାସ ପାଇବା ସମ୍ଭାବନା ଥିବାରୁ ଦରଦାମ ବଢ଼ିବା ଯୋଗୁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଲାଗି ବଜେଟରେ ସେ ଗୁରୁତ୍ୱ ଦେଇପାରନ୍ତି।

## ୨୦ରେ ପାଟକୁରା ଭୋଟ, ୨୪ରେ ଗଣତି

ଭୁବନେଶ୍ୱର,୪।୭(ବ୍ୟୁରୋ)

ଦୀର୍ଘ ପ୍ରତୀକ୍ଷା ପରେ ୯୬ ନମ୍ବର ବିଧାନସଭା ଆସନ ପାଟକୁରାର ଭାଗ୍ୟ ଖୋଲିଛି। ଆସନ୍ତା ୨୦ ତାରିଖରେ ଏହି ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଜୁଲାଇ ୨୪ ତାରିଖରେ ଭୋଟ୍ ଗଣତି ହେବ। ୨୬ ତାରିଖ ସୁଦ୍ଧା ନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଶେଷ ହେବ। ଏ ନେଇ ଗୁରୁବାର ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଜୁଲାଇ ୪ ତାରିଖରୁ କେନ୍ଦ୍ରାପଡ଼ା ଜିଲାରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ୨୦୧୯ ଜାନୁୟାରୀ ୧ରେ ପ୍ରକାଶ ପାଇଥିବା ଭୋଟର ତାଲିକାରେ ନାମ ଥିବା ମତଦାତାମାନେ ଏହି ନିର୍ବାଚନରେ ମତଦାନ କରିପାରିବେ। ଏହି ନିର୍ବାଚନରେ ଇଭିଏମ୍ (ଇଲେକ୍ଟ୍ରୋନିକ ଭୋଟିଂ ମେଶିନ) ଏବଂ ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରେଲ୍ (ଭିଭିପିଏଟି) ବ୍ୟବହାର କରାଯିବ। ରାଜ୍ୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ ଭୋଟ ଦେବା ଲାଗି ଉଦ୍ଦିଷ୍ଟ ପରିଚୟପତ୍ର ଆଣିବାକୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ, ଗତ ସାଧାରଣ ନିର୍ବାଚନ ସମୟରେ ପାଟକୁରା ବିଧାନସଭା ନିର୍ବାଚନ ଚତୁର୍ଥ ପର୍ଯ୍ୟାୟରେ ଏପ୍ରିଲ ୨୦ ତାରିଖରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ ୨୩ ତାରିଖରେ ଫଳାଫଳ ପ୍ରକାଶ ପାଇଥାଆନ୍ତା। ଏପ୍ରିଲ ୨୦ ତାରିଖରେ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କର ମୃତ୍ୟୁ ହୋଇଥିଲା। ଫଳରେ ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ଗତ ମେ ୧୯ ତାରିଖରେ ଭୋଟ ଗ୍ରହଣ କରିବାକୁ ପୁଣି ଥରେ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ମେ ୩ ତାରିଖରେ ରାଜ୍ୟରେ ସାମୁଦ୍ରିକ ଝଡ଼ ଫନୀ ଓଡ଼ିଶା ଉପକୂଳ ଛୁଇଁଥିଲା। ଏଥିଯୋଗୁ ୧୪ଟି ଜିଲା ପ୍ରଭାବିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ନିର୍ବାଚନ କମିଶନ ପୁଣି ନିର୍ବାଚନକୁ ୬୦ ଦିନ ପାଇଁ ସ୍ଥଗିତ କରିଥିଲେ।

### ଆଜିର ସମ୍ପାଦକୀୟ

**ବାଉଁଶରାଣୀ ଚାଲି**

### ଆଜିର ମନ୍ତବ୍ୟ

" ପୂର୍ବ ୫ ବର୍ଷ ତୁଳନାରେ ଦଶଗୁଣା ଅଧିକ ଲଢ଼େଇ କରିବୁ।

– ରାହୁଲ ଗାନ୍ଧୀ, କଂଗ୍ରେସର କାମଚଳା ଅଧ୍ୟକ୍ଷ

### କିଛି ତଥ୍ୟ

୨୦୧୮-୧୯ରେ ଦେଶର ଜାତୀୟ ରାଜପଥରେ ୧.୫୮ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଛି। ଯାହାକି, ପୂର୍ବ ତୁଳନାରେ ୩ ଗୁଣା।

– ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ

NECC NATIONAL EGG CO-ORDINATION COMMITTEE 04.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 97 | 154 | 164 |
| CTC | 94 | 150 | 160 |
| DKL | 94 | 150 | 160 |
| BDK | 92 | 148 | 158 |
| BLS | 92 | 148 | 158 |
| ANG | 94 | 150 | 160 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers

## ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

# ଜିଡିପି ୭% ରହିବା ସମ୍ଭାବନା

- ବିତ୍ତୀୟ ନିଅଣ୍ଟ ୩.୪% ରହିବ
- ଖାଦ୍ୟଶସ୍ୟ ଉତ୍ପାଦନ ରହିପାରେ ୨୮୩.୪ ମିଲିୟନ ଟନ୍
- ଜିଏସ୍‌ଟି ବିକାଶ କ୍ଷେତ୍ରରେ ଚ୍ୟାଲେଞ୍ଜ ହୋଇପାରେ



ନୂଆଦିଲ୍ଲୀ,୪-୭

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ବଜେଟ ଉପସ୍ଥାପନ କରିବେ। ଏହାର ଦିନକ ପୂର୍ବରୁ ପରମ୍ପରା ଅନୁଯାୟୀ ଗୁରୁବାର ସେ ସଂସଦରେ ୨୦୧୮-୧୯ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କେ.ଭି. ସୁବ୍ରମଣ୍ୟନଙ୍କ ଦ୍ୱାରା ପ୍ରସ୍ତୁତ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ନିବେଶ ବୃଦ୍ଧି କାରଣରୁ ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭% ରହିବା ବୋଲି ଆଶାକରାଯାଉଛି।

ସର୍ଭେ ଅନୁଯାୟୀ, ଦେଶର ମୂଳ ଅର୍ଥନୈତିକ ଦୃଶ୍ୟପଟ ସ୍ଥିର ରହିଛି। ଏହି କାରଣରୁ ନିବେଶ ବୃଦ୍ଧି ହେଲେ ଚଳିତ ଆର୍ଥିକ ବର୍ଷରେ ଅର୍ଥନୀତି ଦୌଡିବ। ଏଥିସହିତ ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୩.୪%ରେ ରହିବ ବୋଲି ଆଶା ରହିଛି। ୨୦୧୮-୧୯ରେ ଜିଡିପି ହାର ୬.୮% ରହିଥିଲା ବେଳେ ୨୦୧୭-୧୮ରେ ଏହା ୭.୨% ଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିଗତ ୫ ବର୍ଷରେ ବିକାଶ ହାର ହାରାହାରି ୭.୫% ରହିଛି, ଯାହା କି ଅନ୍ତରୀଣ ବଜେଟରେ ମଧ ସମାନ ଅନୁମାନ କରାଯାଇଥିଲା। ଏହାର ଅର୍ଥ ଗତ ଆର୍ଥିକ ବର୍ଷ ତୁଳନାରେ ଦେଶର ବିକାଶ ହାର ସାମାନ୍ୟ ହ୍ରାସ ପାଇଛି ବୋଲି ସ୍ୱୀକାର କରାଯାଇଛି। କୃଷି ଓ ଏ ସମ୍ପର୍କିତ କ୍ଷେତ୍ର, ବାଣିଜ୍ୟ, ହୋଟେଲ, ପରିବହନ, ଭଣ୍ଡାର, ଟେଲିକମ୍ ଆଦି କ୍ଷେତ୍ରରେ ଅଭିବୃଦ୍ଧି ଧିମା ହେବା କାରଣରୁ ବିକାଶ ହାର ହ୍ରାସ ପାଇଛି ବୋଲି ଦର୍ଶାଯାଇଛି। ସର୍ଭେରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୫ ସୁଦ୍ଧା ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଭାବେ ଗଢ଼ିତୋଳିବା ଲାଗି ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଥିପାଇଁ ଘରୋଇ ନିବେଶ ଅତ୍ୟନ୍ତ ଜରୁରୀ। ବିକାଶ, ନିଯୁକ୍ତି, ରପ୍ତାନି ଓ ଚାହିଦା ବୃଦ୍ଧି ଲାଗି ଘରୋଇ ପୁଞ୍ଜିନିବେଶ ମୁଖ୍ୟ ଚାବି ହେବ। ଆର୍ଥିକ ବର୍ଷ ୨୦୨୦ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବ ବୋଲି କୁହାଯାଇଛି। ଏଥିଯୋଗୁ ଅର୍ଥନୀତି ଅଭିବୃଦ୍ଧିକୁ ସହାୟତା ମିଳିବ। ଆର୍ଥିକ ବର୍ଷ ୨୦୧୯ରେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ୨୮୩.୪ ମିଲିୟନ ଟନ ରହିବ ବୋଲି ଅନୁମାନ କରାଯାଇଛି। ଆମଦାନୀ ୧୫.୪% ଓ ରପ୍ତାନି ୧୨.୫% ରହିବ ବୋଲି ଆଶା ରହିଛି। ୨୦୧୮ ମଧ୍ୟଭାଗରୁ ଗ୍ରାମାଞ୍ଚଳରେ ମଜୁରୀ ବଢ଼ିବା ଆରମ୍ଭ ହୋଇଥିବା ବେଳେ ଧିମା ଅଭିବୃଦ୍ଧି, ଜିଏସ୍‌ଟି ଏବଂ କୃଷି ଯୋଜନା ବିତ୍ତୀୟ ନିଅଣ୍ଟ କ୍ଷେତ୍ରରେ ଚାଲେଞ୍ଜ ହୋଇପାରେ। ୨୦୧୮-୧୯ରେ ମୁଦ୍ରାସ୍ଫୀତି ହାର ୩.୪%ରେ ସୀମିତ ରହିଥିଲା ବେଳେ ୨୦୧୭-୧୮ ପରେ ନିବେଶ ବୃଦ୍ଧିରେ ସୁଧାର ହେଉଥିବା ସ୍ୱୀକାର କରାଯାଇଛି। ଚଳନ୍ତି ଜମା ନିଅଣ୍ଟ ପରିମାଣକୁ ଜିଡିପିର ୨.୧ ପ୍ରତିଶତରେ ସୀମିତ ରଖାଯିବାକୁ ପରାମର୍ଶ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ଏନ୍‌ବିଏଫ୍‌ସି ସେକ୍ଟରରେ ଚାପ ଯୋଗୁ ବିକାଶ ପ୍ରଭାବିତ ହେବ। ଆର୍ଥିକ ବର୍ଷ ୨୦୨୧ରେ ବିତ୍ତୀୟ ନିଅଣ୍ଟ ୩% ରହିବା ଅନୁମାନ କରାଯାଇଥିବା ବେଳେ ଆର୍ଥିକ ବର୍ଷ ୨୦୧୯-୨୦ରେ ଅଭିବୃଦ୍ଧି ଧିମା ହେଲେ ରାଜସ୍ୱ ଆୟ ପ୍ରଭାବିତ ହେବ ବୋଲି ସର୍ଭେ ରିପୋର୍ଟରେ ଚେତାବନୀ ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୮-୧୯ରେ ରବି ଫସଲ ଲାଗି ମୋଟ ଚାଷ ଅଞ୍ଚଳ ହ୍ରାସ ପାଇଥିଲା। ଫଳରେ କୃଷି ଉତ୍ପାଦନ ପ୍ରଭାବିତ ହୋଇଥିଲା। ଖାଦ୍ୟଶସ୍ୟ ମୂଲ୍ୟ କମିବା କାରଣରୁ ଚାଷୀ କମ୍ ଜମିରେ ଚାଷ କଲେ।

## ପ୍ରଥମଥର ଗଢ଼ିଲା ୩ ରଥ

- ସୁଭଦ୍ରାଙ୍କୁ ପହଣ୍ଡି କରି ରଥ ଟାଣିନେଲେ ମହିଳା

### ଶାବର ଶ୍ରୀକ୍ଷେତ୍ର

କୋରାପୁଟ,୪।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ଗୁରୁବାର ଏକାକାର ହୋଇଛନ୍ତି ଭକ୍ତ-ଭଗବାନ। ପବିତ୍ର ଘୋଷଯାତ୍ରାରେ ଏଠାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି । ନିର୍ଦ୍ଧାରିତ ସମୟର ଦେଢ଼ଘଣ୍ଟା ବିଳମ୍ବରେ ଅପରାହ୍ନ ୨ଟା ୩୦ରେ ପ୍ରଥମେ ବଳଭଦ୍ର, ୩ଟାରେ ସୁଭଦ୍ରା ଓ ୪ଟା ୩୦ରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ହେବାରୁ ବଳଭଦ୍ରଙ୍କ ରଥ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ସୁଭଦ୍ରାଙ୍କ ରଥ ସହରର ଦ୍ୱିତୀୟ ଟ୍ରାଫିକଛକ ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥ ପ୍ରଥମ ଟ୍ରାଫିକ ଛକ ନିକଟରେ ଅଟକି ରହିଛି। ଶୁକ୍ରବାର ସକାଳେ ଅନ୍ୟ ୨ ରଥ ଟଣାଯାଇ ମାଉସୀମା ମନ୍ଦିରରେ ପହଞ୍ଚିବ।

୧୯୭୨ ପରଠାରୁ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଚଳିତ ବର୍ଷ ପ୍ରଥମଥର ପାଇଁ ରଥଯାତ୍ରାରେ ୩ଟି ରଥ କରାଯାଇଥିଲା। ମହିଳାମାନେ କେବଳ ସୁଭଦ୍ରା ରଥ ଟାଣିଥିଲେ। ପୂର୍ବାହ୍ନରେ କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟି ସଭାପତି ତଥା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଡିଆଇଜି ହିମାଂଶୁ ଲାଲ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ଅପରାହ୍ନ ୧୨ଟା ୩୦ରେ ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧା ମୂରତି। ରଙ୍ଗବାଲି କୁମ୍ଭା ଗ୍ରାମର ଦାସି ନାୟକଙ୍କ ଦ୍ୱାରା ଜଗନ୍ନାଥ ରଥରେ ଛେରା ପହଁରା କରାଯାଇଥିଲା । ପରେ କୋରାପୁଟ ଜିଲାପାଳ ବଳଭଦ୍ରଙ୍କ ରଥକୁ ଛେରାପହଁରା କରିଥିବାବେଳେ ସୁଭଦ୍ରା ରଥକୁ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ ଛେରା ପହଁରା କରିଥିଲେ । ଏହି ଅବସରରେ ମନ୍ଦିର ପକ୍ଷରୁ ନିମନ୍ତ୍ରଣ ପାଇ ଆସିଥିବା ଗ୍ରାମର ମୁଖିଆମାନଙ୍କୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଜିଲାପାଳ ଶିରୋପା ପିନ୍ଧାଇଥିଲେ। ଜିଲାର ଆଦିବାସୀମାନେ ଆଣିଥିବା ଜଙ୍ଗଲି ଫଳମୂଳ ଶ୍ରୀଜୀଉଙ୍କୁ ଅର୍ପଣ କରିଥିଲେ। ସେହିପରି ଅପରକଣ୍ଡାପାଲିର ଶବରମାନେ ଆଣିଥିବା ଜଙ୍ଗଲି ଫୁଲ ଓ ଫଳ ଜଗନ୍ନାଥଙ୍କୁ ଦିଆଯାଇଥିଲା।

ରଥ ଟଣା ସମୟରେ ଦୁର୍ଘଟଣା: ୩ମୃତ ପୃଷ୍ଠା—୪




“ବିବାଦୀୟ ପ୍ରତ୍ୟର୍ପଣ ବିଲ୍ ବିରୋଧରେ ହଂକଂରେ ଚାଲିଥିବା ବିକ୍ଷୋଭକୁ ଦମନ କରିବା ବଦଳରେ ଏହାର ମୂଳ କାରଣକୁ ଚାଇନା ବୁଝିବା ଦରକାର।

-ଜେରେମି ହଣ୍ଟ,
ବ୍ରିଟେନ ବହିର୍ବ୍ୟାପାର ସଚିବ

## ସଂକ୍ଷେପରେ

### ୧୭ରେ କୁଳଭୂଷଣ ମାମଲା ରାୟ



**ନୂଆଦିଲ୍ଲୀ,୪।୭:** ପାକିସ୍ତାନରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ଉପରେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ଆସନ୍ତା ୧୭ ତାରିଖରେ ରାୟ ପ୍ରଦାନ କରିବ। ପାକିସ୍ତାନର ସାମରିକ ଅଦାଲତଙ୍କ ଦଣ୍ଡାଦେଶ ବିରୋଧରେ ଭାରତ ଜାତିସଂଘ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ହଗ୍‌ସ୍ଥିତ ପିସ୍ ପ୍ୟାଲେସ୍‌ରେ ୧୭ ତାରିଖରେ କୋର୍ଟର ଅଧ୍ୟକ୍ଷ ବିଚାରପତି ଅବଦୁଲକାୱି ଅହମ୍ମଦ ୟୁସୁଫ୍ ରାୟ ଘୋଷଣା କରିବେ ବୋଲି ଆଇସିଜେ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି।

### ଡଙ୍ଗା ବୁଡ଼ି ୨୭ ମୃତ

ଟେଗୁସିଗାଲ୍‌ପା(ହଣ୍ଡୁରାସ୍),୪।୭(ଏପି): କାରିବିୟାନ୍ ଉପକୂଳଠାରୁ କିଛି ଦୂରରେ ଏକ ମାଛଧରା ଡଙ୍ଗା ବୁଡ଼ିଯିବାରୁ ୨୭ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଥିବାବେଳେ ୯ଜଣ ନିଖୋଜ ଅଛନ୍ତି। ହଣ୍ଡୁରାନ୍ ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତିକୂଳ ପାଗ ଯୋଗୁ ଡଙ୍ଗାଟି ବୁଡ଼ିଯାଇଥିଲା। ଏ ପର୍ଯ୍ୟନ୍ତ ୨୭ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୫୫ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ୯ଜଣ ନିଖୋଜ ଅଛନ୍ତି। ସେନା ମୁଖପାତ୍ର ଜୋସ୍ ଡୋମିଙ୍ଗୋ ମେଜାଙ୍କ କହିବାନୁଯାୟୀ, ହଣ୍ଡୁରାସ୍‌ର ଉତ୍ତର ଉପକୂଳଠାରୁ ପାଖାପାଖି ୪୦ ନଟିକାଲ୍ ମାଇଲ ଦୂରରେ ଡଙ୍ଗାଟି ବୁଡ଼ିଯାଇଥିଲା। ମାଛ ଧରିବା ପାଇଁ ପାଗ ଅନୁକୂଳ ନ ଥିଲେ ହେଁ କ୍ୟାପ୍‌ଟେନ୍ ୱାଲି ଡଙ୍ଗା ନେଇ ସମୁଦ୍ର ମଧ୍ୟକୁ ଯାଇଥିଲେ।

## ହାଫିଜ୍‌ଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବ ପାକିସ୍ତାନ

# ଭୟରେ ଭୁଆଁ

ଲାହୋର/ନୂଆଦିଲ୍ଲୀ,୪।୭(ପି.ଟି.)

ଭାରତର କୂଟନୀତି ଓ ଅନ୍ତର୍ଜାତୀୟ ସମୁଦାୟର ଚାପ ଆଗରେ ମୁଣ୍ଡ ନୁଆଁଇ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ୍‌ଙ୍କ ସମେତ ତାଙ୍କର ୧୨ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରିଛି ପାକିସ୍ତାନ। ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣ ମାମଲାରେ ପଞ୍ଜାବ ପ୍ରଦେଶର ଆତଙ୍କବାଦ ମୁକାବିଲା ବିଭାଗ (ସିଟିଡି) ଜମାତ୍-ଉଦ୍-ଦାୱା (ଜେୟୁଡି) ନେତାମାନଙ୍କ ବିରୋଧରେ ପ୍ରମାଣ ପାଇଥିବା ଦର୍ଶାଇ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଲାହୋର ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହାକୁ ଅନ୍ତର୍ଜାତୀୟ ସମୁଦାୟକୁ ଭୁଆଁ ବୁଲାଇବା ପାଇଁ ଏହା ପାକିସ୍ତାନର କସ୍‌ମେଟିକ୍ ଷ୍ଟେପ୍ ବୋଲି ଭାରତ ଅଭିହିତ କରିଛି।



ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣକୁ ରୋକିବାରେ ବିଫଳ ହୋଇଥିବା ପାକିସ୍ତାନ ଗତବର୍ଷ ଜୁନ୍‌ରୁ ଫାଇନାନ୍‌ସିଆଲ ଆକ୍ସନ୍ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍) ଗ୍ରେ ଲିଷ୍ଟ (ଧୂସର ତାଲିକା)ରେ ରହିଛି। ଏହାସହ ଆସନ୍ତା ଅକ୍ଟୋବର ସୁଦ୍ଧା ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନ ନେଲେ ଏହାର ପରିଣାମ ଭୋଗିବ ବୋଲି ପ୍ୟାରିସ୍‌ସ୍ଥିତ ଏଫ୍‌ଏଟିଏଫ୍ ପକ୍ଷରୁ ଇସ୍‌ଲାମାବାଦକୁ ଚେତାବନୀ ଦିଆଯାଇଛି। ସେହିପରି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆସନ୍ତା ୨୨ରେ ୱାଶିଂଟନ ଗସ୍ତକରି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନର ଅନୁରୋଧକ୍ରମେ ଆମେରିକା ବୁଧବାର ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍‌ଏ)କୁ ଏକ ବିଶ୍ୱ ଆତଙ୍କବାଦୀ ସଙ୍ଗଠନ ଭାବେ ଘୋଷଣା କରିଛି। ହାଫିଜ୍ ସୟିଦ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଲଶ୍କର-ଇ-ତୋଇବା (ଏଲ୍‌ଇଟି)କୁ ଆମେରିକା ୨୦୧୪ ଜୁନ୍‌ରେ ଅନ୍ତର୍ଜାତୀୟ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିଥିବାବେଳେ ପାକିସ୍ତାନ ଏହାକୁ ଅସ୍ୱୀକାର କରିଆସୁଛି। ଏହାସହ ହାଫିଜ୍‌ଙ୍କୁ ଗିରଫ କରିବା ନାମରେ ସୁରକ୍ଷା ଦେଇଆସୁଛି। ଏଭଳି ସମୟରେ ଦାତବ୍ୟ ଅନୁଷ୍ଠାନ ନାମରେ ଚାଲିଥିବା ୫ଟି ସଙ୍ଗଠନକୁ ଏବଂ ହାଫିଜ୍ ତଥା ତାଙ୍କ ୧୨ ବରିଷ୍ଠ ସହଯୋଗୀଙ୍କ ବିରୋଧରେ ହଠାତ୍ ପ୍ରମାଣ ପାଇ ୨୩ଟି ମାମଲା ରୁଜୁ କରିବା ସ୍ୱାଭାବିକ ମନେହେଉନାହିଁ। ଏନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି, ପାକିସ୍ତାନର ଲୋକଦେଖାଣିଆ ପଦକ୍ଷେପକୁ ନେଇ କେହି ବୋକା ହେବାର ନାହିଁ। କାରଣ ପାକିସ୍ତାନ ସବୁବେଳେ କାର୍ଯ୍ୟାନୁଷ୍ଠାନ ନେବା କଥା ଦାବି କରିଥାଏ। କିନ୍ତୁ ପ୍ରକୃତପକ୍ଷେ ସେପରି କରି ନ ଥାଏ। ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ବିଶ୍ୱ ସମୁଦାୟକୁ ଦେଖାଇବା ଲାଗି ପାକିସ୍ତାନ ଏବେ ଏପରି କରୁଛି। ଏହା ଇସ୍‌ଲାମାବାଦର ଦୋମୁହାଁ ଚେହେରାକୁ ପଦାରେ ପକାଇଛି। କାରଣ ୧୯୯୩ ମୁମ୍ବାଇ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଦାଉଦ୍ ଇବ୍ରାହିମ୍ ପାକିସ୍ତାନରେ ଆତ୍ମଗୋପନ କରିଥିବାବେଳେ ଏହାକୁ ପଡ଼ୋଶୀ ଦେଶ ଅସ୍ୱୀକାର କରୁଛି।



କୋଲକାତାସ୍ଥିତ ଇସ୍କନ ମନ୍ଦିରରେ ରଥଯାତ୍ରା ବେଳେ ପୂଜାର୍ଚ୍ଚନା କରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

# ରାହୁଲ, ୟେଚୁରୀଙ୍କୁ ଜାମିନ

ମୁମ୍ବାଇ,୪।୭(ପି.ଟି.)

ଏକ ମାନହାନି ମାମଲାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଗୁରୁବାର କୋର୍ଟରେ ହାଜର ହୋଇ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। କୋର୍ଟ ସେମାନଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ତେବେ ସେମାନଙ୍କ ମାମଲାର ବିଚାର ଚାଲିବ ବୋଲି କହିଛନ୍ତି। ଫେବୃୟାରୀ ମାସରେ ଜାରି ସମନ ଅନୁଯାୟୀ ରାହୁଲ ଓ ୟେଚୁରୀ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମାଜଗାଓଁ-ସେୱରୀ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ବୟାନ ରେକର୍ଡ କରାଯିବା ସହ ସାକ୍ଷ୍ୟପ୍ରମାଣ ସଂଗ୍ରହ କରାଯିବ ବୋଲି ଅଦାଲତ କହିଛନ୍ତି। ପ୍ରତ୍ୟେକଙ୍କୁ ୧୫୦୦୦ ଟଙ୍କା ଲେଖାଏଁ ସିଓରିଟି ବଣ୍ଡରେ କୋର୍ଟ



### ମାନହାନି ମାମଲା

ଜାମିନ ପ୍ରଦାନ କରିଛନ୍ତି। ଖବରଦାତା ଗୌରୀ ଲଙ୍କେଶ ହତ୍ୟା ମାମଲାରେ ଆରଏସ୍‌ଏସ୍ ସମ୍ପୃକ୍ତ ବୋଲି ରାହୁଲ ଓ ୟେଚୁରୀ ଅଭିଯୋଗ ଆଣିଥିଲେ। ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ଧ୍ରୁତିମାନ୍ ଜୋଷୀ ଉଭୟଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ।

## ୩୫୮ ଖଣି ଲିଜ୍ ବାତିଲ ଆବେଦନ

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୪।୭(ପି.ଟି.)

ସାନି ମୂଲ୍ୟାୟନ କରା ନ ଯାଇ ଦେଶରେ ୩୫୮ରୁ ଅଧିକ ଲୁହାପଥର ଖଣି ବିଭିନ୍ନ କମ୍ପାନୀକୁ ଆବଣ୍ଟନ କରାଯିବା ଅଥବା ଲିଜ୍ ମିଆଦ ବୃଦ୍ଧି କିମ୍ବା ବଳବତ୍ତର ରଖାଯାଇଥିବାରୁ ସେଗୁଡ଼ିକୁ କାହିଁକି ବାତିଲ କରା ନ ଯିବ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜବାବ ରଖିବା ଲାଗି ସରକାର କୋର୍ଟଙ୍କୁ ଅଧିକ ସମୟ ମାଗିଛନ୍ତି।

ଆଇନ ଅନୁଯାୟୀ ଉପଯୁକ୍ତ ପଦ୍ଧତିରେ ଖଣିଗୁଡ଼ିକୁ ଲିଜ୍ ଦିଆଯାଇ ନ ଥିବାରୁ ସେଗୁଡ଼ିକର ଲିଜ୍ ବାତିଲ କରିବା ଲାଗି ଆବେଦନକାରୀ ଆଇନଜୀବୀ ଏମ୍.ଏଲ୍. ଶର୍ମା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ବି.ଆର୍. ଗଭାଇଙ୍କ ଖଣ୍ଡପୀଠ ଜବାବ ଦେବା ଲାଗି ସରକାରଙ୍କୁ ୪ ସପ୍ତାହ ସମୟ ଦେଇଛନ୍ତି ଓ ମାମଲାର ସମ୍ପୂର୍ଣ୍ଣ ଶୁଣାଣି ହେବା ଆବଶ୍ୟକ ବୋଲି କହିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏ.ଏନ୍.ଏସ୍. ନାଦ୍‌କର୍ଣ୍ଣି ହାଜର ହୋଇ ଜବାବ ରଖିବା ଲାଗି କୋର୍ଟଙ୍କୁ ଅଧିକ ସମୟ ମାଗିଥିଲେ। ଏପ୍ରିଲ ୧୬ରେ ସର୍ବୋଚ୍ଚ ଅଦାଲତ ଅଭିଯୋଗ ଉପରେ ଏତଲା ଦାଏର କରିବା ସହ ଘଟଣାର ତଦନ୍ତ କରିବା ଲାଗି ସିବିଆଇକୁ କହିଥିଲେ। ଏହା ବ୍ୟତୀତ ମାମଲା ପରିଚାଳନାରେ ସହାୟତା ଲାଗି ବରିଷ୍ଠ ଆଇନଜୀବୀ ପି.ଏସ୍. ନରସିଂହଙ୍କୁ ଆମିକସ୍ କ୍ୟୁରୀ ନିଯୁକ୍ତ କରିଥିଲେ। ସରକାର ୨୮୮ଟି ଖଣିର ଲିଜ୍‌କୁ ବଢ଼ାଇ ଦେଇଛନ୍ତି। ଏହା ବଦଳରେ ରାଜନୈତିକ ଦଳଗୁଡ଼ିକୁ ମୋଟା ଅଙ୍କର ଚାନ୍ଦା ମିଳିଥିବା ଶର୍ମା ଜାଣିବାକୁ ପାଇଥିଲେ। ଏଥିପାଇଁ ୪ ଲକ୍ଷ କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥିବା ଶର୍ମା ତାଙ୍କ ପିଟିଶନ୍‌ରେ ଦର୍ଶାଇଥିଲେ। ୩୫୮ରୁ ଅଧିକ ଖଣିର ଲିଜ୍ ମିଆଦ ବଢ଼ାଯାଇଛି କିମ୍ବା ନୂଆ ଲିଜ୍ ଦିଆଯାଇଛି। ଏଥିପାଇଁ ଖଣିର ପୁନଃମୂଲ୍ୟାୟନ କରାଯାଇନି କିମ୍ବା ନିଲାମ ପ୍ରକ୍ରିୟାର ସହାୟତା ନିଆଯାଇନାହିଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆଇନ ଅନୁଯାୟୀ ଖୋଳାଯାଇଥିବା ଲୁହାପଥରର ବଜାର ମୂଲ୍ୟ ଅନୁଯାୟୀ ଅର୍ଥ ସମ୍ପୃକ୍ତ ଖଣି କମ୍ପାନୀଗୁଡ଼ିକଠାରୁ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନର ଅଦାଲତଙ୍କୁ ଅନୁରୋଧ କରିଥିଲେ।

# ଯନ୍ତ୍ରୀଙ୍କ ଉପରେ କାଦୁଅ ଢାଳିଲେ ରାଣେଙ୍କ ପୁଅ

ନୂଆଦିଲ୍ଲୀ,୪।୭ (ପି.ଟି.)

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେଙ୍କ ପୁଅ ତଥା କଂଗ୍ରେସ ବିଧାୟକ ନୀତେଶ ରାଣେ ଜଣେ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ କାଦୁଅ ଫିଙ୍ଗିବା ଅଭିଯୋଗ ହେବା ପରେ ତାଙ୍କୁ ଗିରଫ କରାଯାଇଛି। ନିମ୍ନମାନର ରାସ୍ତା କାମକୁ ନେଇ ବିଧାୟକ ଏଭଳି ଅଭଦ୍ରୋଚିତ ବ୍ୟବହାର କରିବା ପରେ ଏନେଇ ପୋଲିସରେ ମାମଲା ରୁଜୁ କରାଯାଇଥିଲା। ଏବେ ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିବାରେ ଲାଗିଛି। ରାସ୍ତା କାମ ତଦାରଖ କରିବା ସହ ବିଧାୟକ ମୁମ୍ବାଇ- ଗୋଆ ଜାତୀୟ ରାଜପଥର କାଙ୍କଭାଲିସ୍ଥିତ ବ୍ରିଜ୍‌ରେ ଯନ୍ତ୍ରୀଙ୍କୁ ବାନ୍ଧିଦେଇଥିଲେ। ରାଜପଥ କାମ ନିମ୍ନ ମାନର ହୋଇଥିବା ଅଭିଯୋଗ ପରେ ବିଧାୟକ ସେଠାକୁ ଯାଇଥିଲେ। ତା' ପରେ ବିଧାୟକ ଓ ତାଙ୍କ ସମର୍ଥକମାନେ ଯନ୍ତ୍ରୀଙ୍କୁ ଘେରିବା ସହ ଅଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରି ତାଙ୍କ ଉପରକୁ କାଦୁଅ ଫିଙ୍ଗିଥିଲେ। ପରେ ଏ ସମ୍ପର୍କିତ ଭିଡିଓ ଲୋକଲୋଚନକୁ ଆସିଥିଲା। ସ୍ୱାଭିମାନ ସଙ୍ଗଠନର କର୍ମକର୍ତ୍ତାମାନେ ନିମ୍ନ ମାନର ରାସ୍ତା କାମକୁ ନେଇ ବିକ୍ଷୋଭ କରିବାବେଳେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଗୁରୁବାର ଏହି ଘଟଣା। ଘଟିବା ପୂର୍ବରୁ ନୀତେଶ ମତ୍ସ୍ୟ ବିଭାଗର ଜଣେ

### ବିଧାୟକ ନୀତେଶ ଗିରଫ



ଅଧିକାରୀଙ୍କୁ କୌଣସି କାରଣରୁ ମାଛ ଫିଙ୍ଗିଥିବା ଅଭିଯୋଗ ହୋଇଥିଲା।

ମଧ୍ୟପ୍ରଦେଶରେ ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟଙ୍କ ପୁଅ ତଥା ବିଧାୟକ ଆକାଶ ବିଜୟବର୍ଗୀୟ ଜଣେ ସରକାରୀ ଅଧିକାରୀଙ୍କୁ ଅଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା ଅଭିଯୋଗରେ ଗିରଫ ହୋଇଥିଲେ।

# ଆଧାର ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୪।୭

ଆଧାର ସଂଶୋଧନ ବିଲ୍ ଗୁରୁବାର ଲୋକ ସଭାରେ ଗୃହୀତ ହୋଇଛି। ବ୍ୟାଙ୍କରେ ଜମା ଖାତା ଖୋଲିବା, ମୋବାଇଲ ଫୋନ୍ ପାଇଁ ସିମ୍‌କାର୍ଡ ସଂଗ୍ରହ ଲାଗି ଆଧାରକୁ ପରିଚୟପତ୍ର ଭାବେ ବ୍ୟବହାର କରିବା ନିମନ୍ତେ ଆଇନଗତ ସ୍ୱୀକୃତି ଦେବା ଲାଗି କେନ୍ଦ୍ର ସରକାର ଆଧାର ଓ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍ ଆଣିଥିଲେ। ଆଧାରକୁ ପରିଚୟ ଭାବେ ବ୍ୟବହାର କରିବା ସ୍ୱେଚ୍ଛାକୃତ ଏବଂ ଜଣେ ଚାହିଁଲେ ଏଥିପାଇଁ ଅନୁମତି ଦେଇପାରିବେ ବୋଲି ଆଇନ ତଥା ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦ ଗୃହକୁ ପ୍ରତିଶ୍ରୁତି ଦେବା ପରେ ବିଲ୍ ବାଚନିକ ଭୋଟରେ ଗୃହୀତ ହୋଇଥିଲା। ବ୍ୟକ୍ତିଗତ ଗୋପନୀୟତା ଓ ସୁରକ୍ଷାକୁ ନେଇ ଯେଉଁ ସମସ୍ୟା ଆଶଙ୍କା କରାଯାଉଥିଲା ତାହାକୁ ସଂଶୋଧନ ଜରିଆରେ ଦୂର କରାଯାଇଛି। ଆଧାର ଅଭାବରୁ କେହି ଯେପରି ସରକାରୀ ଯୋଜନାଗୁଡ଼ିକର ସୁବିଧା ଓ ସେବା ପାଇବାରୁ ବଞ୍ଚିତ ନ ହୁଏ ତାହା ସୁନିଶ୍ଚିତ କରିବା ବିଲ୍‌ର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଥିଲେ। ଘରୋଇ କମ୍ପାନୀ ଆଧାର ତଥ୍ୟକୁ ଗଚ୍ଛିତ ରଖିଲେ ଏଥିପାଇଁ ସଂଶୋଧିତ ବିଲ୍‌ରେ ୧ କୋଟି ଟଙ୍କା



### ତଥ୍ୟ ସୁରକ୍ଷା ଆଇନ ଦାବି କଲା ବିଜେଡି

ଜରିମାନା ଏବଂ ଜେଲ୍‌ଦଣ୍ଡର ବ୍ୟବସ୍ଥା ରହିଛି।

ପୂର୍ବରୁ ଆଧାର ସଂଶୋଧନ ବିଲ୍ ଆଲୋଚନା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିବାବେଳେ ବିଜେଡି ଏହାକୁ ସମର୍ଥନ ଜଣାଇଥିଲା। ତେବେ ଆଧାର ମାଧ୍ୟମରେ ସଂଗୃହୀତ ବ୍ୟକ୍ତିଗତ ତଥ୍ୟ କମ୍ପାନୀଗୁଡ଼ିକ ଦ୍ୱାରା ଯେପରି ଅପବ୍ୟବହାର ନ ହୁଏ, ସେଥିପାଇଁ ସରକାର ତଥ୍ୟ ସୁରକ୍ଷା ବିଲ୍ ଆଣିବାକୁ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର ପ୍ରସ୍ତାବ ଦେଇଥିଲେ।

ଆଲୋଚନାରେ ଭାଗନେଇ ପିନାକୀ କହିଥିଲେ, ସୂଚନା ଓ ତଥ୍ୟ ହେଉଛି ବର୍ତ୍ତମାନ ସମାଜର ନୂଆ ଇନ୍ଧନ। ଯିଏ ତଥ୍ୟକୁ ନିୟନ୍ତ୍ରଣ କରିବ ସେ ଆଗାମୀ ଦିନରେ ଜୀବନଯାପନକୁ ନିୟନ୍ତ୍ରଣ କରିବ। ଆମ ଦେଶର ତଥ୍ୟ ଉପରେ ପଡୋଶୀ ଦେଶର ନଜର ରହିଛି। ଭାରତର ପ୍ରାୟ ୨୦ କୋଟି ଲୋକ ଟିକ୍‌ଟକ୍ ବ୍ୟବହାର କରୁଛନ୍ତି, ଯାହା ଏକ ଚାଇନା କମ୍ପାନୀ। ହସ୍ପିଟାଲର ନର୍ସଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକ ଭିନ୍ନ ଭିନ୍ନ ସ୍ଥାନରୁ ଟିକ୍‌ଟକ୍ ଭିଡିଓ ପ୍ରସ୍ତୁତ କରୁଛନ୍ତି, ଯାହା ଚିନ୍ତାଜନକ ବୋଲି ପିନାକୀ ଆଶଙ୍କା ବ୍ୟକ୍ତ କରଥିଲେ।

ଆଧାର ଓ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୧୯ ଆଇନରେ ପରିଣତ ହେଲେ ଗତ ମାର୍ଚ୍ଚରେ ସରକାର ଆଣିଥିବା ଅଧ୍ୟାଦେଶ ସ୍ଥାନରେ କାର୍ଯ୍ୟକାରୀ ହେବ। ବିଲ୍‌କୁ ବିରୋଧ କରି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ, ପୂର୍ବ ସରକାର ଅଧ୍ୟାଦେଶ ଆଣିଥିବାବେଳେ ବର୍ତ୍ତମାନ ସରକାର ଏହାକୁ ଆଇନରେ ପରିଣତ କରିବା ପାଇଁ ବିଲ୍ ଆଣିଛନ୍ତି। କୌଣସି କାରଣ ନ ଥାଇ ସରକାର ଅଧ୍ୟାଦେଶ ରାସ୍ତା ବାଛୁଥିବାରୁ ସେ ସମାଲୋଚନା କରିଥିଲେ।

JUPITER DEGREE COLLEGE
GANGAPADA, BHUBANESWAR
(Affiliated to UTKAL UNIVERSITY)
Estd : 2016
OUR UNIVERSITY RESULT 2019 (1st Batch)
Many came with below 60%, Now walked out with 80% and more
Physics (Hons)
DEBAPRASAD PATRA - 89.75%, SANGITA SAHOO - 87.25%, DIBYALIPSA - 85.5%, SB PRIYADATTA - 85%, BISWAJIT PUHAN - 84.5%, SIKHARANI PATRA - 83.5%, SANDHYARANI GIRI - 83%, CHINMAYA KU MOHANTA - 82.75%, RASHMI REKHA NAYAK - 82.25%, SHIVANI MUND - 80.1%, PRADYUSH - 80.1%, MANOJ MEHER - 80%, USHA PALLAVI - 80% and many more...
Chemistry (Hons)
BIPASNA JENA - 92%, PRIYADARSHINI PRADHAN - 89.25%, SWAGATIKA SAHOO - 88%, SPANDAN NANDA - 87.5%, ARCHANA GHADEI - 85.75%, LOPAMUDRA SWAIN - 85.75%, PRANGYAPARAMITA SWAIN - 85.25%, RITUPARNA BISWAL - 85%, ANANYA RATH - 85%, ANWESHA PANDA - 83.75%, SUCHISMITA SUBUDHI - 82.5% and many more...
CAMPUS RECRUITMENT by Tech Mahindra at our own campus

OUR NATIONAL ACHIEVERS 2019

SPANDAN NANDA C.U. RAJASTHAN & HARYANA
DEBA PRASAD PATRA IIT JAM PHY
S.B PRIYADATTA IIT JAM PHY
Many more at Other Institutes of Repute...
Admission Going on, Apply ONLINE through SAMS...
+3 Hons.
SCIENCE : Phy, Chem, Math, Bot & Zool
COMMERCE : Management, Accountancy
ARTS : Pol. Sc, Sociology, Psychology
Special Features :
Highly qualified & experienced faculty members. Audio Visual computerised AC class rooms. Due emphasis on national level academic entrance examinations. Special focus on Banking, Railway, SSC & Civil service exams. Permanent building with Auditorium and Play-ground for outdoor & indoor games. Separate hostel for Boys & Girls.
Campus : Gangapada, Near OLD Toll Plaza, P.S-Janla, Dist-Khurda
City Office : 1, Gopabandhu Nagar, Near Unit 8 DAV, Nayapalli, BBSR-12
9437230748, 7749948473, 8280052008




# ମୌସୁମୀ ଦୁର୍ବଳ, ୯ ଯାଏ କାଁ ଭାଁ ବର୍ଷା

**ଭୁବନେଶ୍ୱର,୪।୭(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଭାବହୀନ ରହିଛି। ଆକାଶ ମେଘାଚ୍ଛନ୍ନ ରହୁଥିଲେ ମଧ୍ୟ କାଁ ଭାଁ ବର୍ଷା ହେଉଛି। ଆସନ୍ତା ୯ ତାରିଖ ଯାଏ ରାଜ୍ୟରେ ବଡ଼ ବର୍ଷାର ସମ୍ଭାବନା ନାହିଁ। ଲଘୁଚାପର କିଛି ଆକାର ଦିଶୁ ନାହିଁ। ତେବେ ୭ ତାରିଖରେ ଘୂର୍ଣ୍ଣିବଳୟ ଯୋଗୁ ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୮ ଓ ୯ ତାରିଖରେ ଉତ୍ତର ଓଡିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବର୍ଷା ପରିମାଣ ସାମାନ୍ୟ ବଢ଼ିବା ସମ୍ଭାବନା ରହିଛି। ତେବେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ମୌସୁମୀ ଦୁର୍ବଳ ରହୁଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡାରେ ୫.୮, ଭୁବନେଶ୍ୱର ୬.୭, କେନ୍ଦୁଝର ୪.୬, ସୁନ୍ଦରଗଡ ୮, ସମ୍ବଲପୁର ୩.୮, ତାଳଚେର ୪, ଭବାନୀପାଟଣା ୧୮ ଟିଟିଲାଗଡ ୧୦ ଏବଂ ମାଲକାନଗିରିରେ ୧୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




## ■ କେନ୍ଦ୍ର ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୧୮

# ତ୍ୱରିତ ନ୍ୟାୟ ପ୍ରଦାନରେ ଓଡ଼ିଶା ସ୍ଥିତି ଦୟନୀୟ

ଭୁବନେଶ୍ୱର,୪।୭(ବ୍ୟୁରୋ)

- ୨୦୪୧ରେ ରାଜ୍ୟର ଜନସଂଖ୍ୟା ହାର ଜାତୀୟ ହାରଠାରୁ କମ୍ ରହିବ
- ପିଲାଙ୍କ ସଂଖ୍ୟା କମିବ, ବୟସ୍କଙ୍କ ସଂଖ୍ୟା ବଢ଼ିବ

ରାଜ୍ୟରେ ଲୋକମାନେ ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘ ବର୍ଷ ଧରି ମାମଲା ଗଡ଼ି ଚାଲୁଛି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ଦୀର୍ଘ ୮ ମାସ ହେବ କୋର୍ଟ କଚେରି ବନ୍ଦ ରହିଛି। ଲୋକମାନେ ନ୍ୟାୟ ପାଇଁ ତହଳବିକଳ ହେଉଛନ୍ତି। ଅନ୍ୟ ପକ୍ଷରେ ହାଇକୋର୍ଟରେ କଲେଜିୟମ ବ୍ୟବସ୍ଥାକୁ ବିରୋଧ କରି ଓକିଲମାନେ ୪ଟି କୋର୍ଟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ କୋର୍ଟରେ ମାମଲା ଗଡ଼ିଚାଲିଛି। ଅନେକ ସମୟରେ ଓକିଲଙ୍କ ଆନ୍ଦୋଳନ ମଧ୍ୟ ନ୍ୟାୟିକ ବ୍ୟବସ୍ଥାକୁ ପ୍ରଭାବିତ କରୁଛି। ଗତ ବିଧାନସଭା ଅଧିବେଶନ କାଳରେ କୋର୍ଟ ଧର୍ମଘଟ ଓ ଦୀର୍ଘ ବର୍ଷ ଧରି ଗଡୁଥିବା ମାମଲାକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଗୁରୁବାର ଲୋକ ସଭାରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୮-୧୯ରେ ଓଡ଼ିଶାର ତଳ କୋର୍ଟରୁ ଆରମ୍ଭକରି ଜିଲାକୋର୍ଟ ଯାଏ ମାଳ ମାଳ କେସ୍ ଦୀର୍ଘ ବର୍ଷ ଧରି ଗଡ଼ିବା ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଜିଲା ଓ ତଳ କୋର୍ଟରେ ମାମଲା ଫଇସଲା କରିବାରେ ଓଡ଼ିଶାର ସ୍ଥିତି ଅତ୍ୟନ୍ତ ଦୟନୀୟ। କୋର୍ଟରେ ଫୌଜଦାରି କେସ୍ ହାରାହାରି ୪ ବର୍ଷ ଧରି ଗଡୁଥିବା ବେଳେ ଦେୱାନି ମାମଲାଗୁଡ଼ିକ ୫ ବର୍ଷ ଧରି ଗଡ଼ିଚାଲୁଛି। ଜାତୀୟ ହାର ତୁଳନାରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଫୌଜଦାରି ଓ ଦେୱାନି ମାମଲାଗୁଡିକ ଦୀର୍ଘ ବର୍ଷ ଧରି ପଡ଼ିରହୁଛି। ପଞ୍ଜାବ ଓ ଦିଲ୍ଲୀରେ ମାମଲାଗୁଡ଼ିକର ତ୍ୱରିତ ବିଚାର ହେଉଥିବା ରିପୋର୍ଟରେ ଦର୍ଶାଯାଇଛି।

ଏହାଛଡ଼ା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ,୨୦୨୧-୪୧ ମଧ୍ୟରେ ରାଜ୍ୟର ଜନସଂଖ୍ୟା ବୃଦ୍ଧି ୧୦.୩ ପ୍ରତିଶତ ରହିବ, ଯାହାକି ଜାତୀୟ ହାରଠାରୁ ୨ ପ୍ରତିଶତ କମ୍ ରହିବ। ୨୦୨୧ ସୁଦ୍ଧା ରାଜ୍ୟର ଜନସଂଖ୍ୟା ୪୫.୪ ନିୟୁତକୁ ବୃଦ୍ଧି ପାଇବା ବେଳେ ୨୦୩୧ ସୁଦ୍ଧା ୪୮.୨ ଏବଂ ୨୦୪୧ ସୁଦ୍ଧା ୫୦.୧ ନିୟୁତ ହେବ ବୋଲି ଆକଳନ କରାଯାଇଛି। ସେମାନଙ୍କ ମଧ୍ୟରୁ ୨୦୩୧ସୁଦ୍ଧା ଶୂନରୁ ୧୯ ବର୍ଷର ପିଲାମାନଙ୍କ ସଂଖ୍ୟା ୧୩.୭ ନିୟୁତ ହେବା ବେଳେ ୨୦୪୧ରେ ତାହା ୧୩.୧ ନିୟୁତକୁ ଖସିଯିବ । ସେହିପରି ୨୦୩୧ରେ ୨୦ରୁ ୫୯ ବର୍ଷ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ୨୮.୧ ନିୟୁତ ହେବା ବେଳେ ୨୦୪୧ ବେଳକୁ ୨୯.୭ ନିୟୁତକୁ ବୃଦ୍ଧି ହେବ ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।

**UTKAL UNIVERSITY**
**CENTRE FOR IT EDUCATION**
**P.G. DEPARTMENT OF STATISTICS**
VANI VIHAR, BHUBANESWAR-751004, ODISHA, INDIA
UTKAL UNIVERSITY
NAAC-A+ Accreditation
☎ : 0674 - 2567711 / 2567275 / 9438014469. Website : www.citeutkal.com
e-mail : admission@citeutkal.com, centreforiteducation@gmail.com

**ADMISSION NOTICE 2019-20 FOR M. TECH. (IT)**

Applications are invited for admission for the 2 Year Full time Program on M. Tech in Information Technology in the department for the academic session 2019-20 under PPP mode.

**SELECTION PROCEDURE**

Selection of candidates for admission shall be made on the basis of Entrance Test to be conducted by the **Centre for IT Education, P.G. Department of Statistics, Utkal University on 20.07.2019 at 01:00 P.M-02:30 P.M.**

**ELIGIBILITY FOR ADMISSION**

(i) Master's degree in Computer Science/Information Technology/Computer Applications/Statistics/Mathematics/Physics/Electronic Sciences or any other qualification considered equivalent.
(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).
Candidates waiting for final result may provisionally be admitted into M. Tech. (IT) course, provided that such candidates shall submit their pass result/CLC before filling up forms for the 1st semester examination.

**HOW TO APPLY**

Eligible candidates are required to apply to the Course Head/Director, Centre for IT Education, P.G. Department of Statistics, Utkal University in the prescribed application form downloadable from the **Website-http://www.utkaluniversity.ac.in, http://www.citeutkal.com** from 15.04.2019 along with Two Bank Drafts i.e., (i) **Rs. 150/-** in favour of **"Comptroller of Finance, Utkal University"** towards Application Form fees, and (ii) **Rs. 350/-** in favour of **"Centre for IT Education, Utkal University"** towards the Entrance Test fees drawn on any nationalized bank payable at Bhubaneswar, at the time of submission of the application form. **The downloaded application forms are also available in the department.**

**For details about Course Fee & Structure, visit the website-www.citeutkal.com**

**Last date of issue and submission of the application form is 16.07.2019 (5:00 P.M)**

**Course Director, M. Tech.(IT)**

# ଲୋକ ସଭାରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କଲେ ଓଡ଼ିଆ ଏମ୍‌ପି

ଭୁବନେଶ୍ୱର,୪।୭(ବ୍ୟୁରୋ)

## ପ୍ରମିଳାଙ୍କୁ ପ୍ରଶଂସା କଲେ ବାଚସ୍ପତି


ପ୍ରମିଳା ବିଶୋଇ


ଶର୍ମିଷ୍ଠା ସେଠୀ


ଚନ୍ଦ୍ରାଣୀ ମୁର୍ମୁ

ଲୋକ ସଭାରେ ଗୁରୁବାର ଏକାଧିକ ଓଡ଼ିଆ ଏମ୍‌ପି ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ବିଜେଡି ଟିକେଟ୍‌ରେ ଆସ୍କାରୁ ବିଜୟୀ ହୋଇଥିବା ପ୍ରମିଳା ବିଶୋଇ ପ୍ରଥମଥର ପାଇଁ ନିମ୍ନସଦନରେ କହିଥିବା ଦେଖିବାକୁ ମିଳିଥିଲା। ସ୍ୱଳ୍ପ ସମୟ ମଧ୍ୟରେ ସେ ଅଙ୍ଗନୱାଡି କର୍ମଚାରୀଙ୍କ ଦରମା ବୃଦ୍ଧି ନେଇ ଦାବି କରିଥିଲେ। ପ୍ରମିଳା କହିଥିଲେ ଯେ, ମହିଳା ସଶକ୍ତୀକରଣ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ୨୦୧୮ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଆଶା ଓ ଅଙ୍ଗନୱାଡି କର୍ମଚାରୀଙ୍କ ଭତ୍ତା ୪୫୦୦ ଟଙ୍କାକୁ ବୃଦ୍ଧି କରିଥିଲେ। ଏତିକି ଅର୍ଥ ଯଥେଷ୍ଟ ନୁହେଁ। ତୃଣମୂଳସ୍ତରରେ କାମ କରୁଥିବା ମହିଳାଙ୍କୁ ଉଚିତ ସମ୍ମାନ ମିଳିବା ଦରକାର। ତେଣୁ ଅଙ୍ଗନୱାଡି କର୍ମଚାରୀଙ୍କ ଭତ୍ତା ୧୫,୦୦୦ ଟଙ୍କା ଓ ସହାୟକଙ୍କ ଭତ୍ତା ୧୨,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ସେ ତାଙ୍କ ଦାବି ଉପସ୍ଥାପନ କରିଥିଲେ। ଦାବି ଉପସ୍ଥାପନ ପରେ ରଥଯାତ୍ରା ଅବସରରେ ପ୍ରମିଳା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରମିଳା ବକ୍ତବ୍ୟ ରଖିବା ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଲୋକ ସଭା ସର୍ବକନିଷ୍ଠ ସଦସ୍ୟା ତଥା କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ମଧ୍ୟ ନିଜ ଅଞ୍ଚଳ ସମସ୍ୟା ଉପସ୍ଥାପନ କରିଥିଲେ। ଚନ୍ଦ୍ରାଣୀ କହିଥିଲେ ଯେ, କେନ୍ଦୁଝର ଅଞ୍ଚଳରେ ବାସ କରୁଥିବା ଆଦିବାସୀମାନେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭରଶୀଳ। ଖଣି କାର୍ଯ୍ୟ ହେଉଥିବାରୁ ସେମାନଙ୍କୁ ବିସ୍ଥାପିତ ହେବାକୁ ପଡୁଛି। ତେଣୁ ସ୍ଥାନୀୟ ଅଞ୍ଚଳରେ ରାଉରକେଲା ପରି ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇ ପାରିଲେ, ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରନ୍ତା। ଏହା ଦ୍ୱାରା କେନ୍ଦୁଝର ସମେତ ଅନ୍ୟ ଜିଲାବାସୀ ମଧ୍ୟ ଉପକୃତ ହୋଇପାରନ୍ତେ ବୋଲି ଚନ୍ଦ୍ରାଣୀ କହିଛନ୍ତି। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ରେଳବିଭାଗ ପ୍ରସଙ୍ଗ ଗୃହରେ ଉଠାଇଛନ୍ତି। ଶର୍ମିଷ୍ଠା କହିଛନ୍ତି ଯେ, ଯାଜପୁର-କେନ୍ଦୁଝର ରୋଡ୍‌ରୁ ଧାମରା ବନ୍ଦର ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରାଯାଉ। ଏହି ରେଳପଥ ଯାଜପୁର ଏବଂ ଆରଡି ଭାୟା ଦେଇ ଯାଉ। ୯୫ କି.ମି. ଏହି ରେଳପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଦୀର୍ଘଦିନର ଦାବି। ତେଣୁ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରନ୍ତୁ। ଅନ୍ୟପକ୍ଷରେ କଂଗ୍ରେସରୁ ବିଜୟୀ ହୋଇଥିବା କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିନା ପ୍ରଫେସରରେ ଚାଲୁଥିବା ନେଇ ମାନବସମ୍ବଳ ମନ୍ତ୍ରଣାଳୟର ହସ୍ତକ୍ଷେପ ଲୋଡି ଚିଠି ଲେଖିଛନ୍ତି।

## ■ ପାରିବାରିକ ବିବାଦର ଦୁଃଖ

# ଶ୍ୱଶୁରଙ୍କ ଗଳା କାଟିଲେ ଜ୍ୱାଇଁ

ବାଲେଶ୍ୱର ଅଫିସ/ବୈଶିଙ୍ଗା/ବେତନଟୀ,୪।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମନ୍ତ୍ରୀଡାହି ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ବିବାଦକୁ କେନ୍ଦ୍ର କରି ଜଣେ ଯୁବକ ନିଜ ଶ୍ୱଶୁରଙ୍କ ଗଳାକୁ କାଟି ଦେଇଛନ୍ତି। ଆହତ ଶ୍ୱଶୁରଙ୍କ ନାମ ରତ୍ନାକର ମହାନ୍ତ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଗତ ୩ ବର୍ଷ ତଳେ ରତ୍ନାକରଙ୍କ ସାନଝିଅ ରୁବିଙ୍କ ସହ ବଡ଼ସାହି ଥାନା ଗିଧୁନିଶୁଳ ଗ୍ରାମର ଲିଙ୍ଗରାଜଙ୍କ ବିବାହ ହୋଇଥିଲା। କିଛିଦିନ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ। ଏହାପରେ ଅଧିକ ଯୌତୁକ ଦାବି କରି ଲିଙ୍ଗରାଜ ରୁବିଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗୁଥିଲା । ୫ମାସ ପୂର୍ବରୁ ରୁବି ନିଜର ୨ ବର୍ଷର ପୁଅକୁ ଧରି ବାପଘର ମନ୍ତ୍ରୀଡ଼ାହି ଗ୍ରାମକୁ ପଳାଇ ଆସିଥିଲେ। ଏହାକୁ କିନ୍ତୁ ଲିଙ୍ଗରାଜ ସହଜରେ ଗ୍ରହଣ କରିପାରି ନ ଥିଲେ। ରୁବିଙ୍କୁ ତାଙ୍କ ବାପା ଅର୍ଥାତ୍ ରତ୍ନାକର ଘରେ ଆଶ୍ରୟ ଦେଇଥିବାରୁ ତାଙ୍କ ଉପରେ ଲିଙ୍ଗରାଜଙ୍କ ରାଗ ବଢ଼ିଥିଲା। ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ସେ ଶ୍ୱଶୁର ଘରେ ପହଞ୍ଚିଥିଲେ। ସମସ୍ତେ ଶୋଇଥିବାର ସୁଯୋଗ ନେଇ ସେ ଲୁଚି ଲୁଚି ରତ୍ନାକର ଶୋଇଥିବା ଘରେ ପଶିଥିଲେ। ଏହାପରେ ତାଙ୍କ ପାଟିରେ ହାତ ଦେଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଦେଇଥିଲେ। ରତ୍ନାକର ଜୋରରେ ଚିତ୍କାର କରିବାରୁ ପରିବାର ଲୋକ ଉଠିପଡ଼ିଥିଲେ। ସେମାନେ ଲିଙ୍ଗରାଜଙ୍କୁ ଚିହ୍ନି ପାରିଥିଲେ ମଧ୍ୟ ତାଙ୍କୁ ଅଟକାଇବା ସମ୍ଭବ ହୋଇ ନ ଥିଲା। ରତ୍ନାକରଙ୍କୁ ତୁରନ୍ତ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଏନେଇ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ.୧୨୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।


ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ରତ୍ନାକର ମହାନ୍ତ।

## ଶେଖ୍ ହାସିନାଙ୍କୁ ଆକ୍ରମଣ ମାମଲା

# ୯ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ

ଢାକା,୪।୭

ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗିରଫ ହୋଇଥିବା ବିରୋଧୀ ଦଳର ୯ ଜଣ ସଦସ୍ୟଙ୍କୁ କୋର୍ଟ ଗୁରୁବାର ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ୨୫ ବର୍ଷ ତଳ(୧୯୯୪)ର ଏହି ଆକ୍ରମଣ ଘଟଣାରେ ୧୩ ଜଣ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିଥିବା ସରକାରୀ ଓକିଲ ଅମିନୁଲ ଇସ୍‌ଲାମ କହିଛନ୍ତି। ଆକ୍ରମଣ ବେଳେ ହସିନା ବିରୋଧୀ ଦଳ ନେତ୍ରୀ ଥିଲେ। ଖାଲେଦା ଜିଆଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ତାଙ୍କ ଦଳର ସଦସ୍ୟମାନେ ହସିନାଙ୍କୁ ମାରିବା ଲାଗି ସେ ଯାଉଥିବା ଟ୍ରେନ ଉପରକୁ ବୋମାମାଡ଼ କରିବା ସହ ନିଆଁ ଲଗାଇ ଦେଇଥିଲେ। ଜିଆ ଏବେ ଦୁର୍ନୀତି ମାମଲାରେ ଜେଲ୍‌ରେ ଅଛନ୍ତି। କୋର୍ଟ ରାୟ ପ୍ରକାଶ ପାଇବା ପରେ ଏହା ବିରୋଧରେ ଆମେ ଉପର କୋର୍ଟକୁ ଯିବୁ ବୋଲି ପ୍ରତିପକ୍ଷ ଓକିଲ ମାସୁଦ ଖଣ୍ଡକର କହିଛନ୍ତି। ପ୍ରକାଶଥାଉ କି, ୨୦୦୪ରେ ମଧ୍ୟ ହସିନାଙ୍କ ଉପରକୁ ଢାକା ରାଲିବେଳେ ଗ୍ରେନେଡ୍ ମାଡ଼ ହୋଇଥିଲା। ଏଥିରେ ୨୪ ଜଣ ପ୍ରାଣ ହରାଇଥିବାବେଳେ ୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏଥିଲାଗି ୨୦୧୮ରେ ୧୯ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:...............................
ଜନ୍ମ ତାରିଖ: ...........................


ସାଇପ୍ରଜ୍ଞା
ପରିବାରବର୍ଗ


ଗୁଡୁ
ପରିବାରବର୍ଗ


ସାଇ ସମ୍ପନ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଉନିଟ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଆସାମ ମୁଖ୍ୟମନ୍ତ୍ରୀଙ୍କ ସହ ପେଟ୍ରୋଲିୟମ ମନ୍ତ୍ରୀଙ୍କ ଆଲୋଚନା

# ଉତ୍ତର-ପୂର୍ବ ହେବ ହାଇଡ୍ରୋକାର୍ବନ ଶିଳ୍ପରେ ଅଗ୍ରଣୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୪।୭(ବ୍ୟୁରୋ)**



କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଶାସ୍ତ୍ରୀଭବନଠାରେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସହ ସାକ୍ଷାତ କରିଥିଲେ। ଆସାମର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଦୁହିଁଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଧର୍ମେନ୍ଦ୍ର ଆସାମର ବିକାଶ ପାଇଁ ସେଠାକାର ହାଇଡ୍ରୋକାର୍ବନ କ୍ଷମତାର ଲାଭ ଉଠାଇବା ଏବଂ ଭାରତର ଶକ୍ତି ଆଧାରିତ ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବା ପାଇଁ ଉତ୍ତର-ପୂର୍ବକୁ ହାଇଡ୍ରୋକାର୍ବନର ଅଗ୍ରଣୀ ଅଞ୍ଚଳଭାବେ ଗଢ଼ିତୋଳିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାଛଡ଼ା ଆସାମର ବିଭିନ୍ନ ତୈଳ ଏବଂ ଗ୍ୟାସ୍ ପ୍ରକଳ୍ପର ପ୍ରଗତି ତଥା ନୁମାଲିଗଡ଼ରେ ହେବାକୁ ଥିବା ବାୟୋରିଫାଇନେରି ଏବଂ ବାରାଉଣୀ-ଗୁଆହାଟୀ ଗ୍ୟାସ୍ ପାଇପଲାଇନ ବିସ୍ତାର କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆସାମର ମହିଳାଙ୍କ ଜୀବନଶୈଳୀକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେଠାରେ ଏଲପିଜି ବ୍ୟବହାରକାରୀଙ୍କ ସଂଖ୍ୟା ୮୦ ପ୍ରତିଶତକୁ ବୃଦ୍ଧି ପାଇଛି। ଆସାମର ମୋଟ ୭୩ ଲକ୍ଷ ଘର ମଧ୍ୟରୁ ୬୪ ଲକ୍ଷ ଘରେ ଏଲପିଜି ସଂଯୋଗ ହୋଇଛି। ଏହାକୁ ୧୦୦ ପ୍ରତିଶତ କରିବା ପାଇଁ ଦ୍ରୁତଗତିରେ କାମ ଚାଲୁଥିବା ଧର୍ମେନ୍ଦ୍ର କହିଥିଲେ। ସେହିପରି ଆସାମରେ ତୈଳ ଏବଂ ଗ୍ୟାସ୍ ଭିତ୍ତିଭୂମିର ବିକାଶ କରିବା ଏବଂ ଆସାମର ଲୋକଙ୍କୁ ଏଥିରେ ଯୋଡ଼ିବା ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ତୈଳ, ଗ୍ୟାସ୍ ଓ ଇସ୍ପାତ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇଁ ଭାରତ ସରକାରଙ୍କ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ଧର୍ମେନ୍ଦ୍ର ସୋନୱାଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ରଥ ଟଣା ସମୟରେ ଦୁର୍ଘଟଣା: ୩ମୃତ

**କାଳିଆପାଣି,(ଡି.ଏନ୍.ଏ.)/ ଖୋର୍ଦ୍ଧା ଅଫିସ ୪।୭**

ପବିତ୍ର ରଥଯାତ୍ରା ପାଇଁ ସାରା ରାଜ୍ୟ ଜଗନ୍ନାଥମୟ ହୋଇଥିବାବେଳେ ଯାଜପୁର ଜିଲା କାଳିଆପାଣି ଓ ଖୋର୍ଦ୍ଧା ଜିଲା ବାଣପୁରରେ ଘଟିଛି ଅଭାବନୀୟ ଘଟଣା। କାଳିଆପାଣିସ୍ଥିତ ଟାଟା କଲୋନୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ରଥ ଟଣା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବାଣପୁର ପଲଟଣ ପଡ଼ିଆ ନିକଟରେ ରଥ ଚକା ତଳେ ପଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ଟାଟା କଲୋନୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଗୁରୁବାର ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ଲୁହାରେ ନିର୍ମିତ ରଥକୁ ମୋଡ଼ଣି ଦେଉଥିବା ସମୟରେ ଏହା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ରଥ ଟାଣୁଥିବା ୧୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଗୁରୁତର ଆହତ ହୋଇଥିବା ୯ଜଣଙ୍କୁ ତୁରନ୍ତ ଟାଟା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୭ଜଣ ଚିକିତ୍ସିତ ହେଉଛନ୍ତି। ମୃତ ୨ଜଣ ହେଉଛନ୍ତି ବିହାର ଅଞ୍ଚଳର ଭରତ ରାୟ(୫୫) ଓ କାମାକ୍ଷାନଗରର ସୁଚିନ୍ତ ଲେଙ୍କା(୪୦)। ଭରତ ଅଟୋଗ୍ଲାସ କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାବେଳେ ସୁଚିନ୍ତ ନାରାୟଣୀ ଏଣ୍ଡ ସନ୍ସ କମ୍ପାନୀର କର୍ମଚାରୀ ଅଟନ୍ତି। ଏଭଳି ଘଟଣାପରେ ସେଠାରେ ରଥଟାଣକୁ ବନ୍ଦ କରି ଦିଆଯାଇଛି। ଖବର ପାଇ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ତୋରା, ଥାନା ଅଧିକାରୀ ରମାକାନ୍ତ ପୁରୁଲି ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଡାକ୍ତରଖାନାରେ ଆହତଙ୍କୁ ଭେଟିଥିଲେ। ସେହିପରି ବାଣପୁର ପଲଟଣ ପଡ଼ିଆସ୍ଥିତ ବଡ଼ଦେଉଳଆଡ଼ ଚରଣ ଚକାଦେବଙ୍କ ରଥ ଚକାତଳେ ପଡ଼ି ସ୍ଥାନୀୟ ଦିଆଙ୍ଗ ସାହିର ଅକ୍ଷୟ ପାତ୍ରଙ୍କ ୭ବର୍ଷର ପୁଅ ସୁନୀଲଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବାପରେ କ୍ଷତିପୂରଣ ଦାବିରେ ସନ୍ଧ୍ୟା ୬ଟାରେ ମୃତଦେହକୁ ବାଣପୁର ଥାନା ସମ୍ମୁଖରେ ରଖି ଧାରଣା ଦିଆଯାଇଥିଲା। ଥାନା ସମ୍ମୁଖରେ ଟାୟାର ଜାଳି ବାଣପୁର ବଜାର ରାସ୍ତାକୁ ଉତ୍ତେଜିତ ଲୋକେ ଅବରୋଧ କରିଥିଲେ। ବାଣପୁରରେ ଉତ୍ତେଜନା ଲାଗି ରହିଛି।

### ଓଲା ଡ୍ରାଇଭରଙ୍କୁ ଆକ୍ରମଣ, କାର, ଅଫିସ ଭଙ୍ଗାରୁଜା ଘଟଣା

# ଜେଲଗଲେ ୧୯ ଅଭିଯୁକ୍ତ

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

ପୋଲିସ ଉପସ୍ଥିତିରେ ଓଲା କାର୍ଯ୍ୟାଳୟରେ ଭଙ୍ଗାରୁଜା, ଓଲା ଡ୍ରାଇଭରଙ୍କୁ ଅଟକାଇ ମାଡ ମାରିବା ସହ ଗାଡି ଭାଙ୍ଗାରୁଜା ଘଟଣାରେ ପୋଲିସ ସଂପୃକ୍ତ ୧୯ଜଣଙ୍କୁ ଗିରଫ କରିଛି। ଶହୀଦନଗର ଥାନା ପୋଲିସ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବାବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଯାଇଛି। ସେମାନେ ହେଲେ ନୟାପଲ୍ଲୀ ଥାନା ସାଲିଆସାହିରେ ରହୁଥିବା ଚନ୍ଦ୍ର ମୋହନ ହେମ୍ବ୍ରମ(୨୯), ଦେବେନ୍ଦ୍ର ମୁର୍ମୁ(୩୨), ଯଦୁ ଭଣା(୩୭), ଶିବଦତ୍ତ ଦାସ(୨୪), କେନ୍ଦୁଝର ଅଞ୍ଚଳର ମଧୁସୂଦନ ସାହୁ(୩୮), ସିଦ୍ଧାର୍ଥ ରଥ (୨୬), ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା କନ୍ଦ୍ରିନାଥ ଓଝା(୪୨), ସଞ୍ଜୟ ସାହୁ(୩୧), ଖଣ୍ଡଗିରି ଥାନା ଅଞ୍ଚଳର ବିଶ୍ୱନାଥ ସେଠୀ(୩୯), କମଳା କାନ୍ତ ବେହେରା(୪୩), ଗଣେଶ୍ୱର ସେଠୀ (୪୨), ଏୟାରଫିଲ୍ଡଥାନା ଅଞ୍ଚଳର ଭିନେଶ କୁମାର ସାହୁ(୩୨), ଶିଶିର କୁମାର ବେହେରା(୩୪), ଚନ୍ଦ୍ରଶେଖରପୁର ଅଞ୍ଚଳର ବ୍ରଜମୋହନ ଖନ୍ଦୁଆ(୪୦) ଏବଂ କମଳଲୋଚନ ସାହୁ(୨୯)। ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ଅନୁଯାୟୀ, ଓଲା କମ୍ପାନୀ ଠାରୁ ଲିଜ୍‌ସୂତ୍ରରେ କାର୍‌ନେଇ ଚଳାଉଥିବା ଡ୍ରାଇଭରମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟ ସହ ଅଫିସ ସମ୍ମୁଖରେ ଧାରଣା ଦେଉଥିଲେ। ଏହି ସମୟରେ ଗଣ୍ଡଗୋଳ ହୋଇଥିଲା ।

# ଭାରତୀୟ ଜ୍ଞାନପୀଠ ଓଡ଼ିଆ ଭାଷା ପରାମର୍ଶଦାତା କମିଟିକୁ ୩ ନୂଆ ସଦସ୍ୟ ମନୋନୀତ

**ଭୁବନେଶ୍ୱର,୪।୭(ବ୍ୟୁରୋ)**

ଭାରତୀୟ ଜ୍ଞାନପୀଠର ପରାମର୍ଶଦାତା କମିଟିକୁ ପୁନର୍ଗଠନ କରାଯାଇଛି। ଏହିକ୍ରମରେ ଓଡ଼ିଆ ଭାଷା ପରାମର୍ଶଦାତା କମିଟିରେ ନୂଆ ସଦସ୍ୟ ମନୋନୀତ ହୋଇଛନ୍ତି। ଏହି କମିଟିରେ ଆବାହକଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସଦସ୍ୟଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଓ ଡ. ରଞ୍ଜିତା ନାୟକ ମନୋନୀତ ହୋଇଥିବା ସୂଚନା ମିଳିଛି। ନବନିର୍ବାଚିତ ସଦସ୍ୟମାନେ ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟ କରିବେ ଏବଂ ଓଡ଼ିଆ ଭାଷାର ଶ୍ରେଷ୍ଠ ପୁସ୍ତକ ଓ ଲେଖକଙ୍କ ନାମକୁ ମର୍ଯ୍ୟାଦାଜନକ ଜ୍ଞାନପୀଠ ପୁରସ୍କାର ପାଇଁ ସୁପାରିଶ କରିବେ। ଏହାସହ ଭାରତୀୟ ଜ୍ଞାନପୀଠ ପକ୍ଷରୁ ପ୍ରଦାନ କରାଯାଉଥିବା ସମ୍ମାନଜନକ ମୂର୍ତ୍ତିଦେବୀ ପୁରସ୍କାର ପାଇଁ ମଧ୍ୟ ଏହି ପରାମର୍ଶଦାତା କମିଟି ଓଡ଼ିଆ ଲେଖକଙ୍କ ନାମ କେନ୍ଦ୍ରୀୟ କମିଟିକୁ ସୁପାରିଶ କରିବେ। ଓଡ଼ିଆ ଭଳି ପ୍ରତି ଭାଷାରେ ଏହି ପରାମର୍ଶଦାତା କମିଟି ରହିଛି। ପ୍ରତି ୩ବର୍ଷରେ ଥରେ କମିଟିକୁ ପୁନର୍ଗଠନ କରାଯାଇଥାଏ। ବର୍ତ୍ତମାନ ଖ୍ୟାତନାମା ଓଡ଼ିଆ ଲେଖିକା ଡ. ପ୍ରତିଭା ରାୟ ବର୍ତ୍ତମାନ ଭାରତୀୟ ଜ୍ଞାନପୀଠ ସିଲେକ୍ସନ ବୋର୍ଡର ଅଧ୍ୟକ୍ଷ ରହିଛନ୍ତି।

### ଚାଷୀଙ୍କ ଅଭିନବ ପ୍ରତିବାଦ

# ରଥ ବଦଳରେ ଟ୍ରାକ୍ଟରରେ ଜଗନ୍ନାଥଙ୍କୁ ବସାଇ ମଣ୍ଡିକୁ ଆଣିଲେ


ଟ୍ରାକ୍ଟରରେ ଜଗନ୍ନାଥଙ୍କୁ ବସାଇ ଚାଷୀମାନେ ନେଉଛନ୍ତି।

**କୁନାଗଡ଼,୪।୭(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୁନାଗଡ଼ ବ୍ଲକ ଗୋଡିଛେଣ୍ଡିଆ ପଞ୍ଚାୟତ ବେଲଗୁଡ଼ା ମଣ୍ଡିରେ ଧାନ ନ ଉଠିବାରୁ ଚାଷୀମାନେ ଅଭିନବ ପ୍ରତିବାଦ କରିଛନ୍ତି। ଗୁରୁବାର ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥଙ୍କୁ ଏକ ଟ୍ରାକ୍ଟରରେ ବସାଇ ସ୍ଥାନୀୟ ନୂଆପଡ଼ା ଛକଠାରୁ ମଣ୍ଡି ପର୍ଯ୍ୟନ୍ତ ଆଣିଥିଲେ। ରଥ ବଦଳରେ ସେମାନେ ଟ୍ରାକ୍ଟରରେ ନେଇଥିଲେ। ଶେଷରେ ଶ୍ରୀଜଗନ୍ନାଥଙ୍କୁ ମଣ୍ଡିକୁ ନେଇ ପୂଜାର୍ଚ୍ଚନା କରିବା ସହ ଅସ୍ଥାୟୀ ମାଉସୀ ଘରେ ରଖିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଦାଶିଗାଁ ପ୍ୟାକ୍ସ ଅଧୀନରେ ଥିବା ବେଲଗୁଡ଼ା ମଣ୍ଡିଗତ ୧ ତାରିଖରୁ ଟାର୍ଗେଟ ଅଭାବରୁ ବନ୍ଦ ରହିଛି। ଫଳରେ ଏହି ମଣ୍ଡି ଉପରେ ନିର୍ଭର କରୁଥିବା ବେଲଗୁଡ଼ା ସମେତ ଗୋଡିଛେଣ୍ଡିଆ, ଚିଙ୍କିଲି, କାଲୁଲାବନ୍ଧ, ହରିହରପୁର, ଖୁର୍ସେଲଗୁଡା ଆଦି ଗ୍ରାମର ଚାଷୀମାନେ ଧାନ ବିକ୍ରି କରି ନ ପାରି ମଣ୍ଡିରେ ପଡି ରହିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ଏହି ମଣ୍ଡିରେ ୨୭ଜଣ ଚାଷୀଙ୍କ ୫ ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ରହିଛି। ଏ ନେଇ ଦାଶିଗାଁ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ବିଷ୍ଣୁ ବଲ୍ଲଭ ସାହୁଙ୍କୁ ପଚାରିବାରୁ ଟାର୍ଗେଟ ଅଭାବରୁ ମଣ୍ଡି ବନ୍ଦ ରହିଛି। ଟାର୍ଗେଟ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅନୁଭବୀ ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନତା ଅବଲମ୍ବନ ନ କଲେ କ୍ଷତିରେ ପଡ଼ିପାରନ୍ତି। ବନ୍ଧୁଙ୍କ ଅନୁରୋଧକ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** - ଆଶା କରୁଥିବା ବିଗୁଡ଼ ଅର୍ଥ ପାଇ ଖୁସି ହେବେ ଓ କାମଗୁଡ଼ିକ ସହଜରେ ସମ୍ପନ୍ନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ମାଙ୍ଗଳିକ କାମରେ ବନ୍ଧୁଙ୍କ ଠାରୁ ଉପାୟ ଓ ପ୍ରେରଣା ପାଇ ସୁଫଳ କାର୍ଯ୍ୟ ସାଧନ କରିପାରନ୍ତି। ପ୍ରଶାସନିକ ସ୍ତରରେ, ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** - ଚନ୍ଦ୍ରଙ୍କ ପ୍ରଭାବରେ ଭାଗ୍ୟୋଦୟ ଘଟିବ ଗୋଟିଏ କଥା, କିନ୍ତୁ କଲା କେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ସାହିତ୍ୟ, ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିପାରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** - ଆଶା କରୁଥିବା ଶୁଭ ସମ୍ବାଦଟି ବନ୍ଧୁଙ୍କ ଜରିଆରେ ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉଦାସିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା କାରଣରୁ କାର୍ଯ୍ୟହାନିର ଆଶଙ୍କା ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସି ରହିପାରନ୍ତି।

**ସିଂହ** - କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟସାଧନ କରିପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ କିମ୍ବା ଅଟକି ରହିଥିବା କାମ ମଧ୍ୟ ସମ୍ପନ୍ନ ହେବ। ମାଙ୍ଗଳିକକାମରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜିଦିନରେ ଅଧିକାଂଶ ସମୟ ବିତିବ।

**କନ୍ୟା** - ଆର୍ଥିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମରେ ଉପସ୍ଥିତ ହୋଇପାରିବେ ନାହିଁ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଯୋଗୁ ଦୁଃଖାନୁଭବ କରିପାରନ୍ତି। ପରକାଠାରେ ପଡିଭୁଲ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ। ପ୍ରଶାସନିକ ସ୍ତରରେ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** - ଆଜି ଯାହା କରିବା କଥା ବାରମ୍ବାର ଚିନ୍ତା କରିବା ପରେ ପଦକ୍ଷେପ ନେବା ଭଲ ହେବ। ପୂର୍ବରୁ କଳହ ଲାଗିଥିବା ବସ୍ତୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ଅପରାହ୍ନରେ ପାରିବାରିକ ଅଶାନ୍ତି ହେତୁରୁ ମାନସିକ ଅବସାଦ ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** - ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଅଳ୍ପକୁ ଅନୁମୟ ବିନୟ କରିବାକୁ ପଡ଼ିପାରେ। କଳା,ସାହିତ୍ୟ, ସଙ୍ଗୀତ, କେଳିକ୍ରୀଡ଼ା, ପ୍ରଯୋଗିତା, କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରି ପାରିବେ ନାହିଁ। ଛୋଟଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତିରେ ଉଦ୍‌ବିଗ୍ନ ରହିପାରନ୍ତି।

**ଧନୁ** - ପାପଗ୍ରହ ପ୍ରଭାବରୁ ଶାରୀରିକ ସୁସ୍ଥତା କେତେକାଂଶରେ ବ୍ୟାହତ ହୋଇପାରେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେବାର ଆଶଙ୍କା ରହିଛି। ସଭାସମିତିରେ ତର୍କବିତର୍କର ସମ୍ଭାବନା ରହିଛି।

**ମକର** - ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନ ଜନିତ ସାମୟିକ ଆନନ୍ଦ ଅନୁଭବ କରିବେ। ଭୁଲ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ ମାନସିକ ସ୍ୱାସ୍ଥ୍ୟ ବେଶୀ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ଯୋଗୁ ସାମାଜିକ ମାନ ବିବ୍ରତ ରହିପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** - ସମସ୍ତ ପ୍ରକାରର ପ୍ରତିବନ୍ଧକକୁ ଦୂରେଇ ନେଇ ଚେଷ୍ଟା କରୁଥିବା କାମକୁ ସମ୍ପନ୍ନ କରିପାରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ପଡି ରହିଥିବା ବକେୟା ଅର୍ଥ ବନ୍ଧୁଙ୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ପୁତ୍ରକନ୍ୟାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବାକୁ ପଡିବ।

**ମୀନ** - ପରୋକ୍ଷ ଶତ୍ରୁ କାରଣରୁ ପାଖ ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବ। ଅର୍ଥ ସମ୍ପର୍କକୁ ନେଇ କୌଣସି ବନ୍ଧୁଙ୍କ ସହ ବିବାଦଗ୍ରସ୍ତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ମତାନୈକ୍ୟ ଘଟିପାରେ।

ଆଜି ଆଷାଢ଼ ଶୁକ୍ଳ ତୃତୀୟା ଶୁକ୍ରବାର, ଜୁଲାଇ ୫ ତାରିଖ, ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ ଓ ବିଦ୍ୟାରମ୍ଭ ପାଇଁ ଶୁଭଦିନ। ସକାଳ ଘ.୭।୪୯ମି. ମଧ୍ୟେ ଘ.୪।୪୩ମି. ଗତେ, ଘ.୨।୧୯ମି. ମଧ୍ୟେ ଅମୃତବେଳା। ସକାଳ ଘ.୬।୪୯ମି. ଗତେ ଘ.୮।୨୧ମି. ମଧ୍ୟେ, ଘ.୧୧।୪୨ମି. ଗତେ ଘ.୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୨୮ମି. ଗତେ ଘ.୧୧।୫୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate
SALE

ହସ୍ପିଟାଲଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଫୁଲକାଉଣ୍ଟିଡ଼ Delhi Public Schoolକୁ ଲାଗି ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। 9438432164. D-66718

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524. D-66720

ଭୁବନେଶ୍ୱର ଜଟଣୀଗେଟ୍ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଙ୍କୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ 9438525948. D-66717

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୭୦/- ଟଙ୍କା। Contact: 9668135813. D-59932

BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥିଲା ଘରବାରି plot ଶସ୍ତାରେ କିଣନ୍ତୁ 7978773097. D-66719

Morning sun residency simplex near Hanspal 33,00,000/-(Handover 1month). 8908015464, 9853347909. D-66713

ବିଜ୍ଞାପନଦାତାଙ୍କ ଜ୍ଞାତାର୍ଥେ ...

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡ୍‌କୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। 9583725970. D-66721

Readymade 3BHK flat 3rd floor (TOP) at Palasuni Canal Road, Rasulgarh, 1652 sqft. 7978584549. D-66597

Residential plot available 7k.m from Bhubaneswar Airport (Sundarpada Road) with 52' mainroad, 30' subroad, "First registration and possession then instalment". 9937149474, 9938463721. D-67004

ଘରବାରି demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣବରିଲୋ ପିଚୁରାସ୍ତାକଡ଼ରେ 2400sqft. 13,20,000/-9437306208. D-66722

ଭୁବନେଶ୍ୱର CV Raman College frontରେ developed plot 10,00,000/-ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଜାରୁ ବିକ୍ରିହେବ। 9178660666. D-66586

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66918

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (expert). Call: 7377048581, 0674-2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal body massage by gents and ladies therapist. Ph. 9090466257. D-13186

Kajal ayurvedic massage club fully relaxed by smart lady, home service available. 9937637219. D-66916

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

Herbal full body massage smart boy's therapist, home services available here. 9937929638. D-13219

Summer special mesmerizing offer expert therapeutic refreshing massage appointment: 9668374480. D-66593

Herbal full body massage by smart/expert therapist. Contact: 8338067247.D-66590

Ayurvedic full body massage ladies/gents smart experts therapist. 9114697517. D-66917

Relaxable massage by trained therapist, home service available for men/women. 8144653265. D-67003

AFFIDAVIT

Affidavit before Notary, Kamakhyanagar, declared that Anupama Debi and Anupama Biswal, W/o. Judhistir Biswal, Mundideuli, Kamakhyanagar, Dist: Dhenkanal, is one and same person all purposes. D-66809

ପାଠକଙ୍କ ପାଇଁ ସୂଚନା: ...

## ସଂକ୍ଷେପରେ

### ରାଜ୍ୟ ସଭା: ଏମ୍‌ପି ଭାବେ ଅମର, ସସ୍ମିତଙ୍କ ଶପଥ ଗ୍ରହଣ

**ଭୁବନେଶ୍ୱର,୪।୭(ବ୍ୟୁରୋ):** ସଦ୍ୟ ସମାପ୍ତ ହୋଇଥିବା ରାଜ୍ୟ ସଭା ନିର୍ବାଚନରେ ବିଜେଡି ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଏବଂ ମୁଖପାତ୍ର ସସ୍ମିତ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁଙ୍କ ଉପସ୍ଥିତିରେ ଦୁଇ ବିଜେଡି ନେତା ଗୁରୁବାର ସଦସ୍ୟ ଭାବେ ଶପଥ ନେଇଛନ୍ତି। ଉଭୟ ଅମର ଏବଂ ସସ୍ମିତ ଓଡ଼ିଆରେ ଶପଥପାଠ କରିଛନ୍ତି। ଅମର ୫ ବର୍ଷ ଏବଂ ସସ୍ମିତ ୩ ବର୍ଷ ପାଇଁ ଉଚ୍ଚ ସଦନକୁ ମନୋନୀତ ହୋଇଛନ୍ତି। ଅନ୍ୟ ଆସନରେ ଭାଜପାର ଅଶ୍ୱିନୀ ବୈଷ୍ଣବ ବିଜେଡି ସମର୍ଥନରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କିଛିଦିନ ପୂର୍ବେ ସେ ଶପଥ ଗ୍ରହଣ କରିଥିଲେ।

### ଜେଲ ଗଲେ ଏଏପି ବିଧାୟକ



**ନୂଆଦିଲ୍ଲୀ,୪।୭(ପି.ଟି.):** ୨୦୧୫ ବିଧାନସଭା ନିର୍ବାଚନ ପ୍ରଚାର ବେଳେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାୟକ ସୋମ୍ ଦତ୍ତଙ୍କୁ ଗୁରୁବାର ଦିଲ୍ଲୀର ଏକ ଅଦାଲତ ୬ ମାସ ଜେଲଦଣ୍ଡ ସମେତ ୨ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ସମର ବିଶାଲ୍ ଗତ ସପ୍ତାହରେ ସୋମ୍‌ଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଦିଲ୍ଲୀ ସଦର ବଜାର ନିର୍ବାଚନ ମଣ୍ଡଳୀର ବିଧାୟକ ଥିବା ସୋମ୍‌ଙ୍କୁ ଆଇପିସିର ବିଭିନ୍ନ ଧାରାରେ ଦୋଷୀସାବ୍ୟସ୍ତ କରାଯାଇଥିଲା। ୨୦୧୫ ଜାନୁୟାରୀ ୧୦ ତାରିଖରେ ରାତିରେ ସୋମ ତାଙ୍କର ୫୦ ଜଣ ସମର୍ଥକଙ୍କ ସହ ଅଭିଯୋଗକାରୀଙ୍କ ଫ୍ଲାଟ୍‌ରେ ପ୍ରବେଶ କରି ତାଙ୍କୁ ଆକ୍ରମଣ କରିଥିଲେ।

### ରେଳଧାରଣାରେ ୩ ବର୍ଷରେ ମରିଛନ୍ତି ୩୨ ହଜାର ପ୍ରାଣୀ

**ନୂଆଦିଲ୍ଲୀ,୪।୭(ପି.ଟି.):** ଗତ ୩ ବର୍ଷ ମଧ୍ୟରେ ରେଳ ଧାରଣାରେ କଟି ୩୨ ହଜାରରୁ ଅଧିକ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ଚଳିତ ବର୍ଷ ଜୁନ୍ ୨୦ ତାରିଖ ସୁଦ୍ଧା ୩,୪୭୯ ପ୍ରାଣୀଙ୍କ ମୃତ୍ୟୁ ହୋଇଥିବା ରେଳୱେ ତଥ୍ୟରୁ ଜଣାପଡିଛି। ଏଥିରେ ହାତୀଙ୍କୁ ସାମିଲ କରାଯାଇନାହିଁ। ୩ ବର୍ଷରେ ଟ୍ରେନ ଦୁର୍ଘଟଣାରେ ୬୦ ହାତୀ ପ୍ରାଣ ହରାଇଥିବାବେଳେ ଗତ ଜୁନ୍ ୨୦ ସୁଦ୍ଧା ୫ ହାତୀ ମରିଛନ୍ତି। ତଥ୍ୟ ଅନୁଯାୟୀ ୨୦୧୬ରେ ୭୯୪୫ ପ୍ରାଣୀଙ୍କର ରେଳଲାଇନରେ ଜୀବନ ଯାଇଥିବାବେଳେ ୨୦୧୭ରେ ୧୧,୬୮୩ ଏବଂ ୨୦୧୮ରେ ୧୨,୬୨୫ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଅର୍ଥାତ ୩ ବର୍ଷରେ ମୋଟ ୩୨,୨୫୩ ପ୍ରାଣୀଙ୍କ ଜୀବନ ଯାଇଛି। ରେଳ ଦୁର୍ଘଟଣା କମିଥିବାବେଳେ ଦୁର୍ଘଟଣାଜନିତ ପ୍ରାଣୀ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି ବୋଲି ଜଣେ ବରିଷ୍ଠ ରେଳୱେ ଅଧିକାରୀ କହିଛନ୍ତି। ୨୦୧୪ରୁ ୨୦୧୬ ମଧ୍ୟରେ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣୀ ମୃତ୍ୟୁସଂଖ୍ୟା ୪୦୦୦ ମଧ୍ୟରେ ସୀମିତ ଥିଲା।

■ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ

# ଓଡ଼ିଶାର ଦାବିକୁ କେନ୍ଦ୍ରର ଅଗ୍ରାହ୍ୟ

ଭୁବନେଶ୍ୱର, ୪।୭(ବ୍ୟୁରୋ)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ନେଇ ଶାସକ ବିଜେଡି କରି ଆସୁଥିବା ରାଜନୀତିକୁ ଶକ୍ତ ଆଘାତ ଲାଗିଛି। ଓଡ଼ିଶା କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବାରୁ ଏହାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ନିକଟରେ ଦାବି କରିଥିଲେ। କିନ୍ତୁ କେନ୍ଦ୍ର ସରକାର ମୁଖ୍ୟମନ୍ତ୍ରୀଙ୍କ ଏହି ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ରାଜ୍ୟ ସଭାରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ବୁଧବାର ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି, ଚତୁର୍ଦ୍ଦଶ ଅର୍ଥ କମିଶନ ସ୍ୱତନ୍ତ୍ର ଓ ସାଧାରଣ ବର୍ଗ ରାଜ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ରଖି ନାହାନ୍ତି। ସେଥିଲାଗି ବର୍ତ୍ତମାନ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବ୍ୟବସ୍ଥା ପ୍ରଚଳିତ ନାହିଁ। ପ୍ରସନ୍ନ ତାଙ୍କ ପ୍ରଶ୍ନରେ ଓଡ଼ିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ କେନ୍ଦ୍ର ସରକାର ଏହାକୁ ମାନଦଣ୍ଡ ଭାବେ ବିଚାରକରି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବେ କି ବୋଲି ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହିଁଥିଲେ। ଏହାସହ ଫନୀ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ କେତେ ସହାୟତା ଦେଇଥିବା ନେଇ ଜାଣିବାକୁ ଚାହିଁଥିଲେ। ପ୍ରସନ୍ନଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ଏସ୍‌ଡିଆର୍‌ଏଫ୍‌ରୁ ଓଡ଼ିଶା ସରକାରଙ୍କୁ ଏପ୍ରିଲ ୨୯ରେ ଅଗ୍ରିମ ୩୪୦.୮୭ କୋଟି ଟଙ୍କା ଦିଆଯାଇଥିଲା। ଏହାପରେ ପ୍ରଧାନମନ୍ତ୍ରୀ ନିଜେ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବାପରେ ମେ ୭ରେ ୧ ହଜାର କୋଟି ଟଙ୍କାର ଅତିରିକ୍ତ ସହାୟତା ଦିଆଯାଇଛି। ଓଡ଼ିଶା ସରକାର ଏନ୍‌ଡିଆର୍‌ଏଫ୍‌ରୁ ୫୨୨୭.୬୮ କୋଟି ଟଙ୍କା ଦାବି କରିଛି। ଏନେଇ ଏକ ସ୍ମାରକପତ୍ର ମଧ୍ୟ କେନ୍ଦ୍ରକୁ ଦିଆଯାଇଛି। ଏହା ମିଳିବା ପରେ ମନ୍ତ୍ରଣାଳୟ ପକ୍ଷରୁ ଏକ କମିଟି ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି। ରିପୋର୍ଟ ମିଳିବା ପରେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଏନ୍‌ଡିଆର୍‌ଏଫ୍‌ରୁ ପୁଣିଥରେ ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ତେବେ ଚତୁର୍ଦ୍ଦଶ ଅର୍ଥ କମିଶନରେ କୌଣସି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ମିଳିବା ନେଇ ବ୍ୟବସ୍ଥା ନାହିଁ ବୋଲି କେନ୍ଦ୍ର ଯେଉଁ କଥା କହୁଛି ତାହା ଠିକ୍ ନୁହେଁ। ଏଭଳି ତଥ୍ୟ ରଖି କେନ୍ଦ୍ର ସରକାର ବିଭ୍ରାନ୍ତି କରୁଛନ୍ତି ବୋଲି ପ୍ରସନ୍ନ କହିଛନ୍ତି। ପ୍ରକାଶ ଯେ, ସାଧାରଣ ନିର୍ବାଚନ ପରେ ଗତ ଜୁନ୍ ୧୧ରେ ନବୀନ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ। ଏହାପରେ ଗତ ଜୁନ୍ ୧୫ରେ ନୀତି ଆୟୋଗ ପରିଚାଳନା ବୈଠକ ଏବଂ ୧୯ରେ ସର୍ବଦଳୀୟ ବୈଠକରେ ନବୀନ ଯୋଗଦେଇଥିଲେ। ଓଡ଼ିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ ଘୋଷଣାକରି ନିର୍ଦ୍ଦିଷ୍ଟ ଅବଧି ପାଇଁ ଆର୍ଥିକ ପ୍ୟାକେଜ ଦେବାକୁ ସେ ଦାବି କରିଥିଲେ।



ଗୁଜରାଟର ଅହମଦାବାଦ ଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆରତି କରୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଓ ସ୍ତ୍ରୀ ସୋନାଲ ଶାହ।

## ରଥଯାତ୍ରାର ଶୁଭେଚ୍ଛା ଜଣାଇଲେ ମୋଦି, ନବୀନ, ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୭(ବ୍ୟୁରୋ)

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଟୁଇଟର ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭକାମନା। ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଏବଂ ସମୃଦ୍ଧି ପାଇଁ ଆମେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା, ଜୟ ଜଗନ୍ନାଥ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଯୋଗଦାନ କରିବା ସହ ସାମାଜିକ ଗଣମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟର ମାଧ୍ୟମରେ ନବୀନ କହିଛନ୍ତି, ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ସାରା ବିଶ୍ୱର ସମସ୍ତ ଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଅନୁରୂପ ଭାବେ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ଟୁଇଟ୍ କରି ଧର୍ମେନ୍ଦ୍ର କହିଛନ୍ତି, ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ୧୩୦ କୋଟି ଭାରତୀୟ ତଥା ସାଢ଼େ ୪ କୋଟି ଓଡ଼ିଆଙ୍କ ଉପରେ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଅଛି ଓ ଆଗକୁ ମଧ୍ୟ ରହିବ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କାମନା। ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ କୁସୁମିତ ହେଉ।

ଅନ୍ୟମାନଙ୍କ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ମଧ୍ୟ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଆରେ ଟୁଇଟ୍ କରି ଶାହ କହିଛନ୍ତି, ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମ୍ଭ ସମସ୍ତଙ୍କ ଉପରେ ସଦା ସର୍ବଦା ରହିଥାଉ। ଜୟ ଜଗନ୍ନାଥ। ଅର୍ଥମନ୍ତ୍ରୀ ନିର୍ମଳା ସୀଥାରମଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରଥଯାତ୍ରା ଶୁଭେଚ୍ଛାଟିକୁ ରିଟୁଇଟ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ, ନୀତିନ ଗଡକରୀ, ନରେନ୍ଦ୍ର ସିଂ ତୋମର, ରମେଶ ପୋଖରିୱାଲ ନିଶଙ୍କ, ଅର୍ଜୁନ ମୁଣ୍ଡା, ସ୍ମୃତି ଇରାନୀ, ଡକ୍ଟର ହର୍ଷବର୍ଦ୍ଧନ, ପ୍ରକାଶ ଜାଭଡେକର, ଗିରିରାଜ ସିଂ ଏବଂ ଗଜେନ୍ଦ୍ର ସିଂ ଶେଖାୱତ ପ୍ରମୁଖ ଘୋଷଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି।

### ରଥଯାତ୍ରା ଦେଖିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ, ୪।୭:** ମହାପ୍ରଭୁଙ୍କ ରଥଯାତ୍ରା ଦେଖିଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଏସ୍. ଜାଭେରୀ ପ୍ରମୁଖ ପବିତ୍ର ରଥଯାତ୍ରାରେ ରଥାରୂଢ଼ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ସମସ୍ତେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଛାତ ଉପରେ ବସି ମହାପ୍ରଭୁଙ୍କ ଏହି ମହାନ ଯାତ୍ରା ଦେଖିଛନ୍ତି। ଏଥିସହିତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ରାଜ୍ୟର ମନ୍ତ୍ରୀମାନେ ମଧ୍ୟ ସୂଚନା କେନ୍ଦ୍ର ଛାତ ଉପରେ ବସି ଠାକୁରଙ୍କୁ ଦର୍ଶନ କରିଥିଲେ। ମନ୍ତ୍ରୀ ପ୍ରଦୀପ ଅମାତ, ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ସମୀର ରଞ୍ଜନ ଦାଶ, ରଘୁନନ୍ଦନ ଦାସ, ଦିବ୍ୟଶଙ୍କର ମିଶ୍ର, ତୁଷାରକାନ୍ତି ବେହେରା, ବିକ୍ରମ କେଶରୀ ଆରୁଖ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର ମଧ୍ୟ ମହାପ୍ରଭୁଙ୍କୁ ରଥରେ ଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ରଥଯାତ୍ରା ବିଶେଷାଙ୍କ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁକୁ ଉନ୍ମୋଚନ କରିଥିଲେ।

### ଦୁଇ ନାବାଳିକା ଭଉଣୀଙ୍କୁ ଅସଦାଚରଣ ଅଭିଯୋଗ

**ବାହାନଗା, ୪।୭(ଡି.ଏନ.ଏ.):** ବାହାନଗା ବ୍ଲକ ଖନ୍ତାପଡା ଥାନା ଅଞ୍ଚଳରେ ଦୁଇ ନାବାଳିକା ଭଉଣୀଙ୍କୁ ସେମାନଙ୍କ ସମ୍ପର୍କୀୟ ଭାଇ ଅସଦାଚରଣ କରିଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ କରାଯାଇନାହିଁ। ତେବେ ନାବାଳିକାଦ୍ୱୟଙ୍କ ଭବିଷ୍ୟତକୁ ନଜରରେ ରଖି ନାବାଳିକାଙ୍କ ପରିବାର ପକ୍ଷରୁ ବିଚାରବିମର୍ଶ କରି ନିଷ୍ପତ୍ତି ନେବା ପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବେ ବୋଲି ଖନ୍ତାପଡା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି।

ସମ୍ପୃକ୍ତ ୨ ନାବାଳିକା ପ୍ରତିଦିନ ତାଙ୍କ ଦାଦା ଘରକୁ ଯାଇଥାନ୍ତି। ଗତ ୩ ଦିନ ତଳେ ସେମାନେ ପୂର୍ବଭଳି ଦାଦାଙ୍କ ଘରକୁ କୌଣସି କାରଣ ପାଇଁ ଯାଇଥିବା ବେଳେ ଦାଦା ପୁଅ ଭାଇ(୨୩) ବର୍ଷ ଦୁଇ ଭଉଣୀଙ୍କ ପ୍ରତି ଅସଦାଚରଣ କରିଥିବା ଘରକୁ ଆସି ମା'ଙ୍କଠାରେ ପ୍ରକାଶ କରିଥିଲେ। ମାତ୍ର ଘରେ ଦୁଇଭଉଣୀଙ୍କ ବାପା ନ ଥିବାରୁ ମା' କୌଣସି ନିଷ୍ପତି ନେଇ ନ ଥିଲେ। ବୁଧବାର ରାତିରେ ନାବାଳିକାଙ୍କ ବାପା ଆସିବା ପରେ ସେମାନେ ଗୁରୁବାର ଖନ୍ତାପଡା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।

### ୨ ନାବାଳକଙ୍କ ସଲିଳ ସମାଧି

ସୋର/ ଜଳେଶ୍ୱର, ୪।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ପୃଥକ ସ୍ଥାନରେ ୨ ନାବାଳକଙ୍କ ସଲିଳ ସମାଧି ଘଟିଛି। ସୋର ଥାନା ସାଜନପୁର ପଞ୍ଚାୟତ ଅଧୀନ ବରହମ୍ପୁର ଗ୍ରାମର ଖଗେନ୍ଦ୍ର ବେହେରାଙ୍କ ୧୦ ବର୍ଷର ପୁଅ ଜୟପ୍ରକାଶ ଗୁରୁବାର ମଧ୍ୟାହ୍ନରେ ବଡ଼ଭାଇ ସହ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ିଯାଇଥିଲେ। ତାଙ୍କ ବଡ଼ଭାଇ ଉଦ୍ଧାର କରିବାକୁ ଚେଷ୍ଟା କରି ନ ପାରିବାରୁ ଘର ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ କେସ୍ (ନଂ. ୨୬/୧୯)ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

# ଦିଲ୍ଲୀ ରଥଯାତ୍ରା ଓଡ଼ିଆ ଅସ୍ମିତାର ପରିଚୟ ଦେଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୪।୭(ବ୍ୟୁରୋ)

ରଥଯାତ୍ରା ଓଡ଼ିଆ ସଂସ୍କୃତି ଏବଂ ଅସ୍ମିତାକୁ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ପରିପ୍ରକାଶ କରିଛି। ଏଥିରେ ଲକ୍ଷାଧିକ ଲୋକଙ୍କ ସମାବେଶ ଓଡ଼ିଆ ଲୋକଙ୍କ ପରିଚୟ ଦେଇଛି । ପବିତ୍ର ରଥଯାତ୍ରା ଅବସରରେ ଦିଲ୍ଲୀର ହଉଜଖାସ୍‌ସ୍ଥିତ ଜଗନ୍ନାଥ ମନ୍ଦିରରେ ପକ୍ଷରୁ ଆୟୋଜିତ ରଥଯାତ୍ରାରେ ଛେରା ପହଁରା କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ରଥରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବାପରେ ସେଠାରେ ଉପସ୍ଥିତ ଜଗନ୍ନାଥପ୍ରେମୀଙ୍କୁ ଧର୍ମେନ୍ଦ୍ର ସମ୍ବୋଧନ କରି କହିଛନ୍ତି, ବିଶ୍ୱର କୋଣ ଅନୁକୋଣର ଜଗନ୍ନାଥପ୍ରେମୀ ଭଉଣୀ, ଭାଇମାନେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଳନ କରୁଛନ୍ତି । ଭାରତବର୍ଷର ବିଭିନ୍ନ ସହର ଓ ପୃଥିବୀର ବିଭିନ୍ନ ଦେଶରେ ଆଜିର ତିଥିରେ ମହାପ୍ରଭୁଙ୍କ ଘୋଷଯାତ୍ରା ଆରମ୍ଭ ହୋଇଯାଇଛି । ମହାପ୍ରଭୁଙ୍କ ଏହି ମହାପର୍ବରେ ସାମିଲ ହୋଇଥିବା ସମସ୍ତ ଭକ୍ତଗଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ୧୩୦ କୋଟି ଭାରତୀୟ ଏବଂ ସାଢେ ୪ କୋଟି ଓଡ଼ିଆ ଭାଷାଭାଷୀ ଲୋକଙ୍କ ଉପରେ ମହାପ୍ରଭୁଙ୍କ ଆଶୀର୍ବାଦ ଓ କୃପା ନିରନ୍ତର ଜାରି ରହିବା ନେଇ ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା କରୁଛି । ଧର୍ମେନ୍ଦ୍ରଙ୍କ ସହ ଓଡ଼ିଶା ଭାଜପାର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଏହି ଉତ୍ସବରେ ସାମିଲ ହୋଇଥିଲେ ।



ନୂଆଦିଲ୍ଲୀସ୍ଥିତ ହାଉସ୍‌ଖାସ୍ ଜଗନ୍ନାଥ ମନ୍ଦିର ନିକଟରେ ରଥ ଉପରେ ଧର୍ମେନ୍ଦ୍ର ପ୍ରଧାନ ଛେରାପହଁରା କରୁଛନ୍ତି।



## ଜିଲା ଟିଠି
## ରାୟଗଡ଼ା

### ଭାରି ପଡୁଛି ଭାରିଯାନ

ଆଇନକାନୁନ ସବୁ ଲୋକଙ୍କ ପାଇଁ ଏବଂ ସେମାନଙ୍କ ସ୍ୱାର୍ଥରେ ନିହିତ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ଓ ପୋଲିସ ଲୋକଙ୍କ ହିତରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥାଏ। ବଡ଼ବଡ଼ିଆଙ୍କ ସ୍ୱାର୍ଥରେ ଆଘାତ ହେଲେ କିମ୍ବା ସେମାନଙ୍କ ଚାପରେ ହେଉ, ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ପରିବର୍ତ୍ତନ କରାଗଲେ ଏହା ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିଥାଏ। ସେହିଭଳି ପ୍ରଶାସନ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପୁଣି ତାହାକୁ ପ୍ରତ୍ୟାହାର କରିବା ଘଟଣା ଏବେ ରାୟଗଡ଼ାରେ ଚର୍ଚ୍ଚାର ବିଷୟ ପାଲଟିଛି। ରାୟଗଡ଼ା ସହର ଭିତରକୁ ଦିନରେ ଭାରିଯାନ ପ୍ରବେଶ କରିବା ଯୋଗୁ ଲୋକଙ୍କ ପ୍ରାଣହାନି ହେବା ପରେ ପ୍ରଶାସନ ଏବଂ ପୋଲିସ ସହର ଭିତରକୁ ଭାରିଯାନ ପ୍ରବେଶ ଉପରେ କଟକଣା ଜାରି କରିଥିଲା। ପରବର୍ତ୍ତୀ ସମୟରେ ଏହାକୁ ନେଇ ବିବାଦ ଘନୀଭୂତ ହୋଇଥିଲା। ଗୋଟିଏ ଗୋଷ୍ଠୀ ଦିନରେ ସହର ଭିତରକୁ ଭାରିଯାନ ପ୍ରବେଶକୁ ଅନୁମତି ଦିଆଯାଉ ବୋଲି ଦାବି କରିଥିଲେ। ଏହାକୁ ନେଇ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିଥିଲେ। ଶେଷରେ ପ୍ରଶାସନ ସେମାନଙ୍କ ନିକଟରେ ମୁଣ୍ଡ ନୁଆଁଇ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲା। ଦିନରେ ଭାରିଯାନ ପ୍ରବେଶକୁ ଅନୁମତି ଦିଆଯାଇଥିଲା। ପ୍ରଶାସନର ଏପରି ନିଷ୍ପତ୍ତି ପରିବର୍ତ୍ତନ ସଚେତନ ନାଗରିକଙ୍କୁ ଖୁବ୍ ବ୍ୟଥିତ କରିଛି। ଲୋକଙ୍କ ଜୀବନହାନି ଘଟୁଥିବାବେଳେ ସହର ଭିତରକୁ ଭାରିଯାନ ପ୍ରବେଶ କାହା ସ୍ୱାର୍ଥରେ ବୋଲି ମତପ୍ରକାଶ ପାଇଛି। କିଛି ମାସ ତଳେ ଭାରିଯାନ ଧକ୍କାରେ ଜଣେ ଯନ୍ତ୍ରୀଙ୍କ ପୁଅ ପ୍ରାଣ ହରାଇଥିଲେ। ଏହାପରେ ପ୍ରଶାସନ ସକାଳ ୭ରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ଭିତରକୁ ଭାରିଯାନ ପ୍ରବେଶ ଉପରେ କଟକଣା ଲଗାଇଥିଲା। ହେଲେ ଏହି ନିଷ୍ପତ୍ତିରେ ପ୍ରଶାସନ ଅଟଳ ରହିପାରି ନ ଥିଲା। ପ୍ରବଳ ବିରୋଧ ଓ ଚାପ ଯୋଗୁ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ପ୍ରଶାସନର ତରବରିଆ ପଦକ୍ଷେପକୁ ରାୟଗଡ଼ାବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ପ୍ରଶାସନ ନିଷ୍ପତ୍ତି ପରିବର୍ତ୍ତନ କରିବା ପରେ ଯୁବଗୋଷ୍ଠୀ ଏହାର ପ୍ରତିବାଦ କରିଛନ୍ତି। ଜିଲା ପ୍ରଶାସନ ଏହା ଉପରେ ପୁନର୍ବିଚାର କରିବାକୁ ସେମାନେ ଦାବି କରିଛନ୍ତି। ହେଲେ କୌଣସି ପରିବର୍ତ୍ତନ ହୋଇନାହିଁ। ମଙ୍ଗଳବାର ପୁଣି ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି କେତେ ଜୀବନ ଗଲା ପରେ ପ୍ରଶାସନ ଏ ଦିଗରେ ଚେତିବ ? କେବେ ନିଷ୍ପତ୍ତିର ପୁନର୍ବିଚାର ହେବ ? ଉଭୟପକ୍ଷ ନିଜନିଜ ଦାବିରେ ଅଟଳ। ପରିସ୍ଥିତି ଏପରି ନ ହେଉ ଯାହା ଏ ଦିଗରେ ଏକ ଆନ୍ଦୋଳନକୁ ଜନ୍ମ ଦେବ। ଏପରି ସ୍ଥିତିରେ ପ୍ରଶାସନର ଭୂମିକା ସନ୍ଦେହ ଘେରକୁ ଆସିଯାଇଛି।

– ପ୍ରଦୀପ ପାଢ଼ୀ

ଗୁଣିଗାରେଡ଼ି ସନ୍ଦେହ

## ଗୋଟିଏ ପରିବାରକୁ ଗାଁରୁ ବାସନ୍ଦ



ପଞ୍ଚାୟତ ଅଫିସରେ ଆଶ୍ରୟ ନେଇଥିବା ଇନ୍ଦ୍ରଙ୍କ ପରିବାର।


ଦୁର୍ଗୀ, ୪।୭

ଏବେବି ଲୋକଙ୍କ ଭିତରେ ଭରି ରହିଛି ଅନ୍ଧ ବିଶ୍ୱାସ। ଡିଜିଟାଲ ଯୁଗରେ ଗୁଣି ଗାରେଡି ସନ୍ଦେହରେ ଗୋଟିଏ ପରିବାରକୁ ବାସନ୍ଦ କରାଯାଇଛି। ଘଟଣାଟି ଘଟିଛି ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡୁମୁରୁନେଲି ପଞ୍ଚାୟତର ଟେଁଗିଲି ଗାଁରେ। ବାସନ୍ଦ ହୋଇଥିବା ପରିବାର ଏବେ ବିଷମକଟକ ପଞ୍ଚାୟତ ଅଫିସରେ ଆଶ୍ରୟ ନେଇଛନ୍ତି। ପୋଲିସ ଘଟଣାର ସମାଧାନ କଲେ ଗାଁକୁ ଫେରିବା ଆଶାରେ ସେମାନେ ଅପେକ୍ଷା କରି ରହିଛନ୍ତି।

ଟେଁଗିଲି ଗାଁର ଶବର ମାଣ୍ଡିକାଙ୍କ ସ୍ତ୍ରୀ ଦୀର୍ଘ ଦିନ ଧରି ରୋଗଗ୍ରସ୍ତ ଥିଲେ। କିଛି ଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ଇନ୍ଦ୍ର ଉଲକାଙ୍କ ସ୍ତ୍ରୀ ଲାଛିମୀ ତାଙ୍କୁ ଗୁଣି କରିଥିବା ଗ୍ରାମବାସୀ ସନ୍ଦେହ କରି ତାଙ୍କ ପରିବାରକୁ ଗାଁରୁ ବାସନ୍ଦ କରିଥିଲେ। ଏଥିସହ ଗ୍ରାମବାସୀ ତାଙ୍କ ପରିବାରକୁ ଆକ୍ରମଣ କରିବା ସହ ଘର ଭାଙ୍ଗି ଦେଇଥିଲେ। ଗାଁରୁ ବାହାରି ଯିବାକୁ କହିଥିଲେ। ସେମାନେ ଗାଁରୁ ଚାଲି ଆସିଥିଲେ। ବିଷମକଟକ ପୋଲିସର ଆଶ୍ରୟ ନେଇଥିଲେ। ପୋଲିସ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ଗାଁକୁ ଯିବୁ ବୋଲି ଇନ୍ଦ୍ରଙ୍କ ପରିବାର କହିଛନ୍ତି।

## ହାତୀ ଶାବକର ମୃତଦେହ ଉଦ୍ଧାର

ସାତମାଇଲ, ୪।୭(ଡି.ଏନ୍.ଏ.)



ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ ଅଧୀନ ବାଲିସାହି ନିକଟ ମୁଣ୍ଡିଆରୁ ଗୁରୁବାର ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରାଯାଇଛି। ଏହାର ଆନୁମାନିକ ବୟସ ୨ମାସ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ହାତୀ ଛୁଆର ମୃତ୍ୟୁ କିପରି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ଅଞ୍ଚଳବାସୀଙ୍କ କହିବା କଥା, ଜରଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାସେ ହେଲା ଏକ ପଲରେ ୧୫ଟି ହାତୀ ଉତ୍ପାତ ସୃଷ୍ଟି କରି ଚାଲିଛନ୍ତି। ସପ୍ତାହେ ହେଲେ ଉକ୍ତ ହାତୀପଲ ବାଲିକିଆରୀ ଅଞ୍ଚଳରେ ଘରଦ୍ୱାର ନଷ୍ଟ କରିବା ସହ ଧାନଚାଉଳ ଖାଇଯାଉଛନ୍ତି। ବାଡ଼ି ବଗିଚାରେ ପଶି ଫସଲ କ୍ଷତି କରୁଛନ୍ତି। ଉକ୍ତ ହାତୀ ପଲରେ ୩ ଶାବକ ଥିଲେ। ସେଥିରୁ ଗୋଟିଏ ହେଉଛି ଉକ୍ତ ମୃତ ଶାବକ। ଦୁଇଦିନ ତଳେ ମା'ହାତୀଠାରୁ ହାତୀ ଛୁଆ ଖାଦ୍ୟ ଖାଉଥିବା ଗ୍ରାମବାସୀ ଦେଖିଥିଲେ। ହଠାତ୍ ଶାବକର ମୃତ୍ୟୁ କିପରି ହେଲା ତାହା ସନ୍ଦେହ ସେମାନେ ଜାଣି ନ ଥିବା କହିଛନ୍ତି।

ଗୁରୁବାର ସକାଳେ ମୁଣ୍ଡିଆରେ ହାତୀପଲ ଗର୍ଜନ କରୁଥିବା ଶୁଣି ଅଞ୍ଚଳବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ରେଞ୍ଜର ମଧୁସୂଦନ ପାତ୍ର , ଫରେଷ୍ଟର ସୁଦର୍ଶନ ଦେହୁରୀ, ଫରେଷ୍ଟ ଗାର୍ଡ ମୁକ୍ତି ପ୍ରସାଦ ବେହେରା ପହଞ୍ଚି ଖୋଜାଖୋଜି କରିବା ବେଳେ ହାତୀ ଶାବକ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ମା' ମୃତ ଶାବକକୁ ଜଗି ରହିଥିଲା। ତେଣୁ ବନ କର୍ମଚାରୀ ପାଖ ମାଡ଼ିପାରି ନ ଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ମା' ହାତୀ ଜଙ୍ଗଲକୁ ପଳାଇଥିଲା। ଏହାପରେ ବନ କର୍ମଚାରୀ ମୃତ ଶାବକକୁ ଉଦ୍ଧାର କରି ମୁଣ୍ଡିଆ ତଳକୁ ଆଣିଥିଲେ। ରାସୋଳ ପ୍ରାଣୀଧନ ଚିକିତ୍ସକ ଅଭିଷେକ ସାହୁ ହାତୀଟିର ବ୍ୟବଚ୍ଛେଦ କରିବା ପରେ ମୃତଦେହ ପୋତିଦିଆଯାଇଛି। ରିପୋର୍ଟ ଆସିବା ପରେ ହାତୀ ଶାବକର ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଜଣାପଡ଼ିବ ବୋଲି ରେଞ୍ଜର କହିଛନ୍ତି।

# ବାଉଁଶରାଣୀ ଚାଲି

ଏନ୍‌ଡିଏ ସରକାର ମୋଦିଙ୍କ ନେତୃତ୍ୱରେ ତାଙ୍କ ଦ୍ୱିତୀୟ ପାଳିରେ ଜୁଲାଇ ୫ ତାରିଖରେ ପ୍ରଥମ ପୂର୍ଣ୍ଣକାଳୀନ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହି ଅବସରରେ ଅଭିବୃଦ୍ଧିକୁ ସଂଜୀବିତ କରିବା, ନିଯୁକ୍ତି ସୃଷ୍ଟି କରିବା, ଅର୍ଥନୀତିରେ ସୁଧାର ଆଣିବା, ଟିକସ ରିହାତି ପ୍ରଦାନ କରିବା ଏବଂ ଏଗୁଡ଼ିକ ସହ ବିବେକବାନ୍ ଭାବେ ଆର୍ଥିକ ନିଷ୍ପତ୍ତି ଗ୍ରହଣ କରିବା ପ୍ରତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦୃଷ୍ଟି ଦେବା ଆଶା କରାଯାଉଛି। ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀଙ୍କ ହାତରେ ଅନେକ ଦାୟିତ୍ୱ ରହିଛି। ଦେଶରେ ବେକାରି ହାର ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ଏବଂ ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସୀରେ ଭାରତ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତିର ମାନ୍ୟତା ହରାଇବା ସହ ଦ୍ୱିତୀୟ ସ୍ଥାନରେ ଥିବା ଚାଇନା ଏହି ସ୍ଥାନକୁ ଉନ୍ନୀତ ହୋଇଛି। କୃଷି ଅଭିବୃଦ୍ଧି ମାନ୍ଦେଇଯାଇଛି। ଏବର୍ଷ ପୁଣି ଜୁନ୍ ସୁଦ୍ଧା ୩୫ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାରୁ କୃଷି ଅଭିବୃଦ୍ଧି ଆଶାଜନକ ହେବା ଆଶା ନାହିଁ। ଅଧିକାଂଶ ରାଜ୍ୟରେ ଧାନବୁଣା ଓ ରୁଆ ବିଳମ୍ବିତ ହୋଇଛି। ଅର୍ଥମନ୍ତ୍ରୀଙ୍କ ବୃହତ୍ ଆହ୍ୱାନଗୁଡ଼ିକ ମଧ୍ୟରେ ରହିଛି କୃଷିକ୍ଷେତ୍ରକୁ ସହାୟତା ଯୋଗାଇବା ପାଇଁ ୮୭୦ ଶହ କୋଟି ଟଙ୍କା ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଜନମଙ୍ଗଳ କାର୍ଯ୍ୟଗୁଡ଼ିକ ପାଇଁ ଅର୍ଥ ଯୋଗାଡ଼ କରିବା। ଏଥିସହ ମଧ୍ୟ ତାଙ୍କୁ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୩.୪ ପ୍ରତିଶତ ଭିତରେ ସୀମିତ ରଖିବାକୁ ହେବ। କ୍ରମଶଃ ତଳକୁ ଖସୁଥିବା ଅର୍ଥନୀତିରେ ଉନ୍ନତି ଆଣିବା ଅର୍ଥମନ୍ତ୍ରୀଙ୍କ ପାଇଁ ଏକ ବିରାଟ ବୋଝ।

ଆଉ ଗୋଟିଏ ଆହ୍ୱାନ ହେଉଛି ଉଭୟ ଉପଭୋଗ ଓ ପୁଞ୍ଜିନିବେଶ ବୃଦ୍ଧିକରିବା। କିନ୍ତୁ ଏହାର ବିପରୀତ ଲକ୍ଷଣମାନ ଦେଖିବାକୁ ମିଳୁଛି। ଶିଳ୍ପ ଉତ୍ପାଦନ ଏପ୍ରିଲ ମାସରେ ବିଯୁକ୍ତାତ୍ମକ ରହିଥିବା ବେଳେ ଅଟୋମୋବାଇଲ କମ୍ପାନୀଗୁଡ଼ିକ କ୍ଷୀୟମାଣ ଚାହିଦା ପରିପ୍ରେକ୍ଷୀରେ ଇନ୍‌ଭେଣ୍ଟରୀ ପାଇଲ୍-ଅପ୍‌ର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ କରିବା ପାଇଁ ଗୋଟିଏ ବାଟ ହେଉଛି ଆୟକର ହ୍ରାସ କରି ଖାଉଟିମାନଙ୍କ ହାତରେ ଅଧିକ ଟଙ୍କା ରହିବାର ବ୍ୟବସ୍ଥା କରିବା। ମୋଦି ସରକାର ଉପରେ ମଧ୍ୟବିତ୍ତ ବର୍ଗଙ୍କର ଯଥେଷ୍ଟ ଆଶା ଓ ଭରସା ରହିଛି। ପୀୟୂଷ ଗୋୟଲ ତାଙ୍କ ମଧ୍ୟବର୍ତ୍ତିକାଳୀନ ବଜେଟରେ ବାର୍ଷିକ ୫ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିବା

## ଆଜିର ଅର୍ଥନୀତି

ବେତନଭୋଗୀ କର୍ମଚାରୀଙ୍କ ପାଇଁ ଯେଉଁ ଆୟକର ଘୋଷଣା କରିଥିଲେ ତାହା ଆଶାନୁରୂପ ନ ଥିଲା। ତେବେ ଟାଣଟୁଣ ଆର୍ଥିକ ସ୍ଥିତିକୁ ଚାହିଁଲେ ଏସବୁ କହିବା ସହଜ ହୋଇପାରେ, ମାତ୍ର କରିବା ସହଜ ନୁହେଁ।

ଜିଏସ୍‌ଟି ଆୟ ହ୍ରାସ ପାଇଛି। ପ୍ରତ୍ୟକ୍ଷ ଟିକସରୁ ଆୟ ମଧ୍ୟ କମିଛି। ନୂଆ ଅର୍ଥମନ୍ତ୍ରୀଙ୍କୁ ଜିଏସ୍‌ଟି ଢାଞ୍ଚା ଓ ପ୍ରକ୍ରିୟାଗୁଡ଼ିକୁ ସହଜ କରିବାର ଅବଶ୍ୟକତା ମଧ୍ୟ ରହିଛି। ତାଙ୍କ ପୂର୍ବସୂରି ଓ ପରାମର୍ଶଦାତା ଅରୁଣ ଜେଟ୍‌ଲୀ ଚଳିତ ସପ୍ତାହରେ ଟୁଇଟ୍ କରି ଜିଏସ୍‌ଟି ସ୍ଲାବ୍‌ଗୁଡ଼ିକୁ କମାଇ ଦୁଇ ରଖିବାକୁ ପରାମର୍ଶ ଦେଇଛନ୍ତି। ଜେଟ୍‌ଲୀ କହିଛନ୍ତି ଯେ ଏହି ପଦକ୍ଷେପ ନେବା ପାଇଁ ଏହା ଉପଯୁକ୍ତ ସମୟ। ସୀତାରାମନ୍ ତାହା କରିବାକୁ ପଦକ୍ଷେପ ନେଇପାରନ୍ତି। ସେ ମଧ୍ୟ ରପ୍ତାନିକୁ ପ୍ରତିଯୋଗିତାକ୍ଷମ କରିବା ପାଇଁ ଭିତ୍ତିଭୂମିର ବିକାଶ ଲାଗି ଚେଷ୍ଟା କରିବେ। ରପ୍ତାନି ହ୍ରାସ ପାଇବା ଯୋଗୁ ଉତ୍ପାଦନ କ୍ଷେତ୍ର ଉପରେ ପ୍ରଭାବ ପଡ଼ିବା ସହ ନିଯୁକ୍ତି ମଧ୍ୟ ସଂକୁଚିତ ହେଉଛି। ଅଧିକ ସୁବିଧାସୁଯୋଗ ପ୍ରଦାନ କରି ବିଦେଶୀ ପୁଞ୍ଜିନିବେଶ ବୃଦ୍ଧିକରିବା ଲାଗି ପଦକ୍ଷେପ ନେବାର ଆବଶ୍ୟକତା ମଧ୍ୟ ରହିଛି। ଭୂମି ଓ ଶ୍ରମ ସଂସ୍କାର ପ୍ରତି ମଧ୍ୟ ସରକାରଙ୍କୁ ଦୃଷ୍ଟିଦେବାକୁ ପଡ଼ିବ।

ପୀୟୂଷ ଗୋୟଲଙ୍କ ଦ୍ୱାରା ଉପସ୍ଥାପିତ ମଧ୍ୟବର୍ତ୍ତିକାଳୀନ ବଜେଟରେ ପ୍ରଦତ୍ତ ୨୦୧୮-୧୯ର ଅଭିବୃଦ୍ଧି ସଂଖ୍ୟା କିପରି ହାସଲ କରାଯିବ, ତାହା ମଧ୍ୟ ସୀତାରାମନ୍‌ଙ୍କ ପାଇଁ ଏକ ସମସ୍ୟା। କାରଣ ଆଗରୁ ପୂର୍ବାନୁମାନ କରାଯାଇଥିବା ସଂଖ୍ୟା ବଦଳିଛି। ମୁଖ୍ୟତଃ ଚିନ୍ତାର ବିଷୟ ହେଲା ସଂଶୋଧିତ ଆକଳନ ଅନୁସାରେ ଯେତିକି ରାଜସ୍ୱ ମିଳିବ ବୋଲି କୁହାଯାଇଥିଲା, ତାହା ୧୧ ପ୍ରତିଶତ ବା ୧.୬ ଟ୍ରିଲିୟନ (ଲକ୍ଷ କୋଟି) ଟଙ୍କା ହ୍ରାସ ପାଇଛି। ଆଗରୁ ୧୪.୮୪ ଟ୍ରିଲିୟନ ରାଜସ୍ୱ ଆଦାୟ ହେବ ବୋଲି ଆକଳନ କରାଯାଇଥିବା ବେଳେ ବାସ୍ତବରେ ତାହା ୧୩.୧୭ ଟ୍ରିଲିୟନ ଟଙ୍କା ହେବ ବୋଲି ଜଣାପଡ଼ିଛି। ଜଣେ ଭାଜପା ମନ୍ତ୍ରୀଙ୍କ ଦ୍ୱାରା ପ୍ରଥମୋକ୍ତ ପୂର୍ବାନୁମାନ ଉପସ୍ଥାପିତ କରାଯାଇଥିବା ବେଳେ ପରିବର୍ତ୍ତିତ ସଂଖ୍ୟା ତାଙ୍କୁ ଅକଳରେ ପକାଇଦେବା ସ୍ୱାଭାବିକ। ମଧ୍ୟବର୍ତ୍ତିକାଳୀନ ବଜେଟରେ ଉପସ୍ଥାପିତ ସଂଖ୍ୟା ସଂଶୋଧିତ ଆକଳନଠାରୁ କାହିଁକି ଅଲଗା ହେଲା ତାହା ନୂଆ ଅର୍ଥମନ୍ତ୍ରୀଙ୍କୁ ବୁଝାଇବାକୁ ହେବ। ସଂଶୋଧିତ ଆକଳନଠାରୁ ନେଟ୍ ଟିକସ ରାଜସ୍ୱ କାହିଁକି ୧୧ ପ୍ରତିଶତ କମିଲା ତାକୁ ନେଇ ପ୍ରଶ୍ନ ଉଠିପାରେ। ତେବେ ସେ ଯାହା ହେଉ ସୀତାରାମନ୍‌ଙ୍କୁ ଏବେ ବାଉଁଶରାଣୀ ପରି ଦଉଡ଼ିରେ ଚାଲିବା ପରି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଜଣାପଡ଼ିଛି।

# ସେମାନେ ମନେପଡ଼ନ୍ତି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଆଜି ଆଉ ରାଜତନ୍ତ୍ର ନାହିଁ। ଆସିଛି ଗଣତନ୍ତ୍ର। ଏବେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ଶାସନ କରୁଛନ୍ତି। ଯେହେତୁ ଜନସାଧାରଣ ନିଜ ପସନ୍ଦ ଅନୁସାରେ ଶାସକ ବାଛନ୍ତି, ତେଣୁ ସେମାନଙ୍କ କଥା ଶାସକ ଶୁଣିବେ ବୋଲି ସେମାନଙ୍କର ଆଶା କରିବା ସ୍ୱାଭାବିକ। ମାତ୍ର ନିର୍ବାଚନ ସରିଗଲେ ଦୃଶ୍ୟପଟ ବଦଳିଯାଏ। ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ କେତେଜଣ ହୁଅନ୍ତି ମନ୍ତ୍ରୀ। ତା'ପରେ ଜନସାଧାରଣଙ୍କଠାରୁ ତାଙ୍କ ଦୂରତ୍ୱ ବଢ଼ିଯାଏ। ଜନସାଧାରଣ ସହଜରେ ତାଙ୍କୁ ସାକ୍ଷାତ କରିପାରନ୍ତି ନାହିଁ। ସାକ୍ଷାତ କରିବା ପାଇଁ ନିମ୍ନସ୍ତରୀୟ ଦଳୀୟ ନେତାଙ୍କ ସାହାଯ୍ୟ ନେବାକୁ ହୁଏ ଓ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡ଼େ।

ସେତେବେଳେ ମନେପଡ଼େ ପିଲାଦିନେ ଶୁଣିଥିବା ଜଣେ ରାଜାଙ୍କ କାହାଣୀ। ସେହି ରାଜା ପ୍ରଜାମାନଙ୍କ ଦୁଃଖସୁଖ ବୁଝିବା ପାଇଁ ଅନେକ ସାମନ୍ତ ଓ ଅମାତ୍ୟ ନିଯୁକ୍ତ କରିଥାନ୍ତି। ମାତ୍ର କ୍ଷମତା ପାଇ ସେମାନେ ବନିଯାନ୍ତି ସ୍ୱେଚ୍ଛାଚାରୀ ଓ ଦୁର୍ନୀତିଗ୍ରସ୍ତ। ଫଳରେ ଶୋଷିତ ହୁଅନ୍ତି ପ୍ରଜାକୁଳ। ରାଜାଙ୍କୁ ସାକ୍ଷାତ କରିବାର ସୁଯୋଗ ନ ଥିବାରୁ ପ୍ରଜାମାନେ ସାମନ୍ତ ଓ ଅମାତ୍ୟ ଦ୍ୱାରା ଶୋଷିତ ହୋଇ ଦୁଃଖ ଭୋଗନ୍ତି। ଦିନେ ରାଜା ଛଦ୍ମବେଶରେ ବୁଲୁବୁଲୁ ଜାଣିବାକୁ ପାଇଲେ ଯେ, ତାଙ୍କ ସହ ପ୍ରଜାମାନଙ୍କ ସିଧାସଳଖ ସମ୍ପର୍କ ନ ଥିବାରୁ ପ୍ରଜାମାନେ ସାମନ୍ତମାନଙ୍କ ଦ୍ୱାରା ପ୍ରପୀଡ଼ିତ ହେଉଛନ୍ତି। ତେଣୁ ସେ ତିଆରି କଲେ ଏକ ନୂଆ ଯୋଜନା। ନିଜ ଶୟନକକ୍ଷରେ ଏକ ଘଣ୍ଟା ବାନ୍ଧିବାର ବ୍ୟବସ୍ଥା କଲେ। ସେହି ଘଣ୍ଟାରେ ଏକ ଲମ୍ବା ଦଉଡ଼ିର ଗୋଟିଏ ପ୍ରାନ୍ତ ବନ୍ଧାଯାଇ ଅନ୍ୟପ୍ରାନ୍ତଟିକୁ ରାଜନବରର ପ୍ରବେଶ ଦ୍ୱାରରେ ଝୁଲାଇ ଦିଆଗଲା। ଘୋଷଣା କରାଗଲା, ପ୍ରଜାମାନେ ସେମାନଙ୍କ ଆପତ୍ତି ଅଭିଯୋଗ ରାଜାଙ୍କ ଦୃଷ୍ଟିକୁ ଆଣିବା ପାଇଁ ରାଜନବରର ଦ୍ୱାରଦେଶରେ ଝୁଲୁଥିବା ଦଉଡିକୁ ଟାଣିବେ। ରାଜା ସେମାନଙ୍କୁ ସାକ୍ଷାତର ସୁଯୋଗ ଦେବେ ଓ ସେମାନଙ୍କ ସମସ୍ୟା ସମାଧାନ କରିବେ। ଏହି ବ୍ୟବସ୍ଥା ଲାଗୁ ହେଲା ପରେ ପ୍ରଜାମାନେ ସୁଶାସନ ପାଇଲେ ଓ ଦୁର୍ନୀତିଗ୍ରସ୍ତ ସାମନ୍ତମାନେ ପଦଚ୍ୟୁତ ହେଲେ। ପରବର୍ତ୍ତୀ ସମୟରେ ସେହି ରାଜାଙ୍କ ବଂଶଧରମାନେ ମଧ୍ୟ ସେହି ବ୍ୟବସ୍ଥା ଚାଲୁରଖିଲେ। ଜଣେ ରାଜା ପ୍ରବେଶଦ୍ୱାରରେ ନିଯୁକ୍ତି ଦେଲେ ଜଣେ ଦ୍ୱାରପାଳଙ୍କୁ। ଦେଖାଗଲା, ରାଜାଙ୍କୁ ଦୁଃଖ ଜଣାଇବାକୁ ଆସିଥିବା ପ୍ରଜା ସେହି ଦ୍ୱାରପାଳକୁ ସନ୍ତୁଷ୍ଟ ନ କଲା ପର୍ଯ୍ୟନ୍ତ ଘଣ୍ଟା ଦଉଡି ଟାଣିବାର ସୁଯୋଗ ପାଇଲା ନାହିଁ। ଅବଶ୍ୟ ଆଜି ଆଉ ରାଜାନାହାନ୍ତି କି ତାଙ୍କର ଅମାତ୍ୟ ଓ ସାମନ୍ତ ନାହାନ୍ତି। ତଥାପି ଏକ ଭିନ୍ନ ନାମରେ ସେହି ସମାନ ବ୍ୟବସ୍ଥା ଚାଲିଛି। ରାଜାଙ୍କ ସ୍ଥାନରେ ଅଛନ୍ତି ମନ୍ତ୍ରୀ। ତାଙ୍କୁ ସହଯୋଗ କରିବା ପାଇଁ ଅଛନ୍ତି ସଚିବ, ନିର୍ଦ୍ଦେଶକ, ଜିଲାପାଳ ଆଦି ଅନେକ ପ୍ରଶାସନିକ ଅଧିକାରୀ। ମନ୍ତ୍ରୀଙ୍କ ପାଖକୁ ଯିବା ପୂର୍ବରୁ ଏମାନଙ୍କ ପାଖରେ ଆପତ୍ତି ଅଭିଯୋଗ ଦେବାକୁ ହୁଏ। ରାଜନବରର ପ୍ରବେଶ ଦ୍ୱାରରେ ବସିଥିବା ଦ୍ୱାରରକ୍ଷୀକୁ ସନ୍ତୁଷ୍ଟ ନ କଲେ ଘଣ୍ଟା ଦଉଡିକୁ ଟାଣି ନ ପାରି ରାଜାଙ୍କ ସାକ୍ଷାତରୁ ବଞ୍ଚିତ ହେବା ଭଳି ଆଜି ବି ମନ୍ତ୍ରୀ ଓ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରରକ୍ଷୀଙ୍କୁ ଖୁସି ନ କଲେ ସେମାନଙ୍କ ସାକ୍ଷାତ ମିଳୁନାହିଁ। ଶାସନତନ୍ତ୍ରରେ ନାମ ଓ ଶାସକମାନଙ୍କ ପଦର ନାମ ସିନା ବଦଳିଛି, ଶାସନ ପଦ୍ଧତିରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ।

ଯେତେବେଳେ ବନ୍ୟା କିମ୍ବା ବାତ୍ୟା ଆସେ ଓଡ଼ିଶାର ଅସଂଖ୍ୟ ଲୋକ ଗୃହଶୂନ୍ୟ ହୋଇଯାନ୍ତି। ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଆସନ୍ତି ସେମାନଙ୍କ ଦୁର୍ଦ୍ଦଶା ଦେଖିବା ପାଇଁ। ବାଣ୍ଟିଦିଅନ୍ତି ଖାଦ୍ୟପୁଡିଆ ଓ ଲୁଗାପଟା। ଲୋକଙ୍କ ଦୁର୍ଦ୍ଦଶା ଦେଖିବାକୁ ଆସି ନିଅନ୍ତି ଭ୍ରମଣ ଭତ୍ତା। ତା'ପରେ ରାଜଧାନୀ ଫେରି ଶୀତତାପନିୟନ୍ତ୍ରିତ କକ୍ଷରେ ନିଦ୍ରା ଯାଆନ୍ତି। ସେତେବେଳେ ମନେପଡ଼ନ୍ତି ଉତ୍କଳମଣି ଗୋପବନ୍ଧୁ ଯିଏ ନିଜର ରୋଗଗ୍ରସ୍ତ ପୁଅକୁ ଛାଡି ବନ୍ୟାକ୍ଲିଷ୍ଟ ଲୋକଙ୍କ ସେବା କରିବା ପାଇଁ ବାହାରିଆସନ୍ତି। ମନେପଡନ୍ତି ପାରଳାଖେମୁଣ୍ଡିର କୃଷ୍ଣଚନ୍ଦ୍ର ଗଜପତି। ଥରେ ତିନିଦିନ ଧରି ବର୍ଷା ଲାଗିରହିଲା। ରାଜା ଥାନ୍ତି ନବବିବାହିତ। ରାଜ୍ୟର ମଧ୍ୟଭାଗରେ ପ୍ରବାହିତ ବଂଶଧାରା ନଦୀ। ତା' କୂଳରେ ଅବସ୍ଥିତ କାଶୀନଗର ସହର। ପ୍ରବଳ ବର୍ଷା ଲାଗି ରହିବାରୁ ନଦୀର ଜଳସ୍ତର ବୃଦ୍ଧିହେବାକୁ ଲାଗିଲା। ଯେକୌଣସି ସମୟରେ ଜନବସତି ଭାସିଯିବାର ଆଶଙ୍କାରେ ରାଜା ବିବ୍ରତ ହୋଇପଡିଲେ। ସେ ଶୋଇପାରିଲେ ନାହିଁ। ଡକାଇଲେ ମୁଖ୍ୟ ଇଞ୍ଜିନିୟର ମୁଲ୍ଲାର ସାହେବଙ୍କୁ। ନିଜେ ବାହାରି ପଡିଲେ କାଶୀନଗର। ସାଙ୍ଗରେ ଚାଲିଲେ ମୁଲ୍ଲାର ସାହେବ ଓ ୪୦/୫୦ ରାଜ କର୍ମଚାରୀ। ରାଜାଙ୍କ ଉପସ୍ଥିତିରେ ସେମାନେ ବର୍ଷାକୁ ଖାତିର ନ କରି ମାଟି ପଥର ଖୋଳି ନଦୀବନ୍ଧରେ ଢାଳିଲେ। ପାଞ୍ଚମାଇଲ ନଦୀବନ୍ଧରେ ତିନିଫୁଟ ଆଡିବନ୍ଧ ତିଆରି ହେଲା। ଏହି କାମରେ ସହରବାସୀ ମଧ୍ୟ ସହଯୋଗ କଲେ। ରାଜା ନିଜେ ଛିଡା ହୋଇ ରହିଲେ କାମ ଶେଷ ହେବା ପର୍ଯ୍ୟନ୍ତ। ଲୋକଙ୍କ ଦୁର୍ଦ୍ଦଶା ସମୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଲୋକଙ୍କୁ ସହଯୋଗର ହାତ ବଢାଇବା ଶାସକ ଆଜି କାହାନ୍ତି ?

ଆଜିର ମନ୍ତ୍ରୀମାନେ ଯେଭଳି ଭାବରେ ସୁଖସ୍ୱାଚ୍ଛନ୍ଦ୍ୟରେ ରହୁଛନ୍ତି ଓ ସ୍ୱତନ୍ତ୍ର ସୁବିଧା ଉପଭୋଗ କରୁଛନ୍ତି, ସେକଥା ଚିନ୍ତା କଲାବେଳେ ମନେପଡନ୍ତି ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ। ରେଳମନ୍ତ୍ରୀ ଥିବାବେଳେ ଦିନେ ସେ ଆଲ୍ଲାହାବାଦ ଆସିବା ପାଇଁ ଦିଲ୍ଲୀ ରେଳଷ୍ଟେଶନରେ ଗାଡିକୁ ଅପେକ୍ଷା କରିଥାନ୍ତି। ସାଙ୍ଗରେ ଥାନ୍ତି ତାଙ୍କର ସ୍ତ୍ରୀ। ଏପ୍ରିଲ ମାସର ପ୍ରଚଣ୍ଡ ଗରମରେ ଶାସ୍ତ୍ରୀ ମୁହଁରୁ ଘନଘନ ଝାଳ ପୋଛୁଥାନ୍ତି। ଯଥାସମୟରେ ଗାଡି ପହଞ୍ଚିଲା। ସ୍ତ୍ରୀଙ୍କ ସହ ଶାସ୍ତ୍ରିଜୀ ଉଦ୍ଦିଷ୍ଟ ଡବାକୁ ପଶିଗଲେ। ଡବା ଭିତରେ ଅନୁଭବ କଲେ ଥଣ୍ଡା। ଡବାଟି ଥିଲା ଶୀତତାପ ନିୟନ୍ତ୍ରିତ। ଶାସ୍ତ୍ରିଜୀ ସେକ୍ରେଟାରୀଙ୍କୁ କହିଲେ, ''ଯାହାହେଉ, ରେଳଯାତ୍ରୀମାନେ ପ୍ରଚଣ୍ଡ ଗରମରୁ ରକ୍ଷା ପାଇପାରୁଛନ୍ତି।'' ଅଳ୍ପ ହସି ସେକ୍ରେଟାରୀ କହିଲେ, ଏହି ଶୀତତାପନିୟନ୍ତ୍ରିତ ବ୍ୟବସ୍ଥା ସାଧାରଣ ରେଳଯାତ୍ରୀମାନଙ୍କ ପାଇଁ ନୁହେଁ ସାର୍। କେବଳ ଆପଣଙ୍କ ଯିବା ପାଇଁ ସ୍ୱତନ୍ତ୍ର ଭାବରେ ଏପରି ବ୍ୟବସ୍ଥା କରାଯାଇଛି। ଏକଥା ଶୁଣି ଶାସ୍ତ୍ରିଜୀ ଗମ୍ଭୀର ହୋଇଗଲେ। ପରବର୍ତ୍ତୀ ଷ୍ଟେଶନ ଆସିବା କ୍ଷଣି ସେ ସେହି ଡବାରୁ ଓହ୍ଲାଇପଡିଲେ ଓ ସାଧାରଣ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଡବାରେ ଚଢିଲେ। ସେକ୍ରେଟାରୀ ତାଙ୍କୁ ଶୀତତାପନିୟନ୍ତ୍ରିତ ଡବାକୁ ଫେରିଯିବା ପାଇଁ ଅନୁରୋଧ କରନ୍ତେ ସେ କହିଲେ, ''ଭଗବାନ୍ ମୋତେ ମନ୍ତ୍ରୀ କରି ଜନ୍ମ ଦେଇନାହାନ୍ତି। ଯେଉଁ ସାଧାରଣଲୋକେ ମୋତେ ଭୋଟ ଦେଇ ନିର୍ବାଚିତ କରିଛନ୍ତି ସେମାନଙ୍କୁ ଗରମ ଭିତରେ ଛାଡିଦେଇ ମୁଁ କିପରି ଆରାମରେ ଯାଇପାରିବି ?''

ଆଜି ମନେପଡନ୍ତି ମୟୂରଭଞ୍ଜର ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ। ସେ କହୁଥିଲେ, ରାଜ୍ୟ ତାଙ୍କର ପ୍ରକୃତ ସମ୍ପତ୍ତି ନୁହେଁ କି ରାଜକୋଷ ତାଙ୍କର ହାତବାକ୍ସ ନୁହେଁ। ରାଜ୍ୟର ଧନ ପ୍ରଜାଙ୍କର। ଏଥିରେ ତାଙ୍କର ଅଧିକାର ନାହିଁ। ଏକ ସମୟର କଥା। ମହାରାଜାଙ୍କ ବୈଠକଖାନାର ଛାତରୁ ପାଣି ପଡୁଥାଏ। ଏ ଅବସ୍ଥା ଦେଖି ଜଣେ କର୍ମଚାରୀ କହିଲେ, 'ମଣିମା, ବୈଠକଖାନାକୁ ଏହି ବର୍ଷ ମରାମତି ନ କଲେ ଆରବର୍ଷକୁ ଛାତଟି ଭାଙ୍ଗିପଡିବ।' ମହାରାଜା କହିଲେ କ'ଣ କରିବି, ଏବର୍ଷ ବଜେଟରେ ଟଙ୍କା ନାହିଁ। ରାସ୍ତା, ସ୍କୁଲ, ଡାକ୍ତରଖାନା, କେନାଲ ଆଦି କରିବାରେ ସବୁତକ ଟଙ୍କା ବ୍ୟୟିତ ହୋଇଛି। ଆରବର୍ଷକୁ ଦେଖାଯିବ। ମହାରାଜାଙ୍କ ପାଇଁ ବୈଠକଖାନାର ମରାମତି ଅପେକ୍ଷା ଜନହିତକର କାର୍ଯ୍ୟ ବେଶି ଗୁରୁତ୍ୱପୂର୍ଣ୍ଣ ଥିଲା। ଥରେ ତାଙ୍କର ଦୁଇ କଲେଜପଢୁଆ ପୁଅ ଭଲ କୋଟ ତିଆରି କରିବା ପାଇଁ ମହାରାଜାଙ୍କୁ କହିଲେ। ମହାରାଜା କହିଲେ, 'ତୁମମାନଙ୍କ ପାଇଁ ଯେତିକି ଟଙ୍କା ପଠାଇବା କଥା ପଠାଇଥିଲି। ବର୍ତ୍ତମାନ ମୋ ପାଖରେ ଅର୍ଥ ନାହିଁ। ଆରମାସକୁ ଦେଖାଯିବ। ବର୍ତ୍ତମାନ ଯାହା ଅଛି ତାହା ପିନ୍ଧ। ଆଜିର ମନ୍ତ୍ରୀ ଓ ପ୍ରଶାସକମାନଙ୍କ ବିଳାସପୂର୍ଣ୍ଣ ଚଳଣି ଦେଖିଲେ ମନେପଡନ୍ତି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ ଓ ଲାଲବାହାଦୁର ଶାସ୍ତ୍ରୀ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ,
ମୋ-୯୪୩୭୩୨୯୨୬୩

# ଆଦିବାସୀ ସଂସ୍କୃତି ଓ ଜଗନ୍ନାଥ

ଉମାଶଙ୍କର ପ୍ରସାଦ

ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଓଡ଼ିଶାର ମୂଳ ସଂସ୍କୃତି ହେଉଛି ଆଦିବାସୀ ସଂସ୍କୃତି। ଏହି ଆଦିମ ଜାତିକୁ ଅନେକେ ଅଷ୍ଟ୍ରିକ ବୋଲି କହିଛନ୍ତି। ଅଭିଲେଖଗୁଡ଼ିକରେ ସେମାନଙ୍କୁ ଆଟବିକ ବୋଲି କୁହାଯାଇଛି। ଆମେ କହୁଛୁ ଆଦିବାସୀ। ଆମର ଧର୍ମ, କର୍ମ, ଶ୍ରାଦ୍ଧ, ବିବାହ, ସନ୍ତାନ ଜନ୍ମ, ମୃତ୍ୟୁ ପ୍ରଭୃତିରେ ଆଦିବାସୀ ପ୍ରଭାବ ବ୍ୟାପକ ଭାବେ ରହିଅଛି। ଆମେ ସେମାନଙ୍କଠାରୁ ଜନ୍ମାନ୍ତରବାଦ, ପରଲୋକ ଧାରଣା, ପ୍ରେତତତ୍ତ୍ୱ, ପିତୃ ତର୍ପଣ, ପିଣ୍ଡଦାନ ଓ ବହୁ ଓଷାବ୍ରତ ପ୍ରଭୃତି ଗ୍ରହଣ କରିଛୁ। ଗ୍ରାମଦେବତା ପୂଜା, ଲିଙ୍ଗ ପୂଜା, ନାଗ ପୂଜା, ଇନ୍ଦ୍ର ପୂଜା ମୂଳତଃ ସେଇମାନଙ୍କର। ଯଦି ଆମେ ଶବ୍ଦଭଣ୍ଡାରକୁ ଦେଖିବା ତେବେ ଆମ ତୋଷାଳି, କଳିଙ୍ଗ, ଧଉଳି ଓ ଉତ୍କଳ ପ୍ରଭୃତି ଶବ୍ଦ ମୂଳତଃ ଆଦିବାସୀ।

ଓଡ଼ିଶା ଉତ୍ତର ଓ ଦକ୍ଷିଣ ଭାରତର ସଂଯୋଗ ସେତୁ ସହ ଆର୍ଯ୍ୟ, ଦ୍ରାବିଡ଼ ଶାବର ସଂସ୍କୃତିର ମନୋଜ୍ଞ ସମନ୍ୱୟ। କେବଳ ଭୌଗୋଳିକ ଦୃଷ୍ଟିକୋଣରୁ ନୁହେଁ - ଚିନ୍ତା ଚେତନା, ଦର୍ଶନ, ଧର୍ମଭାବନା, ରୀତିନୀତି, ଆଚାର ବିଚାରରେ ଓଡ଼ିଶା ହେଉଛି ସମଗ୍ର ଭାରତବର୍ଷରେ ଏକ ମନୋଜ୍ଞ ସମନ୍ୱୟ କ୍ଷେତ୍ର। ଏହା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସଂସ୍କୃତି ସହ ଆସି ସେଥିରୁ ଭଲଭାବକୁ ଗ୍ରହଣ କରିଛି ଏବଂ ନିଜର ଅସ୍ତିତ୍ୱକୁ ବଜାୟ ରଖିଛି। ଏହାର ପରିପ୍ରକାଶ ଘଟିଛି କଳା, ଭାସ୍କର୍ଯ୍ୟ, ଶିଳ୍ପ, ସ୍ଥାପତ୍ୟ, ନୃତ୍ୟ, ଗୀତ, ସାମରିକ ଐତିହ୍ୟ ପ୍ରଭୃତି ମାଧ୍ୟମରେ। ପୋଥି ଓ ପଥର ମଧ୍ୟରେ ଆଦିବାସୀ ସଂସ୍କୃତିର ପ୍ରଭାବ ଏବେ ମଧ୍ୟ ଦୃଷ୍ଟିଗୋଚର ହୁଏ। କୋରାପୁଟର ଶାବରୀ ନଦୀକୂଳ ସେମାନଙ୍କର ଆଦି ବାସସ୍ଥଳୀ ଥିଲା। ମହେନ୍ଦ୍ରଗିରି ଏମାନଙ୍କ ଚରାଭୂଇଁ ଥିଲା। ଏମାନେ ମାଟିର ସୁଖଦୁଃଖ, ହାନିଲାଭ ସହ ଓତପ୍ରୋତ ଭାବେ ଜଡ଼ିତ ଥିଲେ। ମହାଭାରତ ଯୁଦ୍ଧରେ ପୁତ୍ର ସହିତ ଯୋଗଦାନ କରିଥିବା କଳିଙ୍ଗରାଜା ଶତାୟୁଧଙ୍କ ସୈନ୍ୟବାହିନୀରେ ସଂଖ୍ୟାଧିକ ଶବର ବା ପୁଳିନ୍ଦ ରହିଥିଲେ (ମହାଭାରତ, ଭୀଷ୍ମପର୍ବ, ୧୬/୬୨୩) ଶବରମାନଙ୍କ ବାସ୍ତବ ବର୍ଣ୍ଣନା କାଦମ୍ବରି (ପୂର୍ବଭାଗ ପୃ୬୬-୬୭) ଓ ବରାହ ମିହିରଙ୍କ ବୃହତ୍ ସଂହିତା (୧୪/୮-୧୦)ରେ ରହିଅଛି। ଓଡ଼ିଆ ସାହିତ୍ୟରେ ସାରଳା, ବଳରାମ, ଉପେନ୍ଦ୍ର ପ୍ରମୁଖଙ୍କ କାବ୍ୟକୃତିରେ ଶବରମାନଙ୍କ ମନୋଜ୍ଞ ବର୍ଣ୍ଣନା ପ୍ରଦାନ କରାଯାଇଛି।

ଜଗନ୍ନାଥ ହେଉଛନ୍ତି ମୂଳତଃ ଶବର ଦେବତା। କାଳକ୍ରମେ ତାଙ୍କର ଆର୍ଯ୍ୟୀକରଣ କରାଯାଇଛି। ପଣ୍ଡିତ ନୀଳକଣ୍ଠ ଜଗନ୍ନାଥଙ୍କୁ ବେଦ ପୂର୍ବର ଦେବତା ବୋଲି କହିଛନ୍ତି। ମହେଞ୍ଜୋଦାରୋ ଭୂମି ଖନନରୁ ମିଳିଥିବା ୧୮ ଓ ୧୯ ନମ୍ବର ଚିତ୍ରଦ୍ୱୟ ଜଗନ୍ନାଥଙ୍କ ବିଗ୍ରହର ସାଦୃଶ୍ୟ ବହନ କରିଥିବା ହେତୁ ଜଗନ୍ନାଥଙ୍କୁ ପ୍ରାକ୍‌ବୈଦିକ ଦେବତାଭାବେ ଅନୁମାନ କରିବାରେ ଭୁଲ ନାହିଁ। ଯଦି ବୈଦିକ ଯୁଗ ପରେ ଜଗନ୍ନାଥଙ୍କ ମୂର୍ତ୍ତି ପରିକଳ୍ପିତ ହୋଇଥାନ୍ତେ ତେବେ ସେ ରାମକୃଷ୍ଣଙ୍କ ପରି ଶରୀରଧାରୀ ହୋଇଥାନ୍ତେ। ସମସାମୟିକ ବେବିଲୋନୀୟ ସଭ୍ୟତାରେ ଆଦିମ ମୂର୍ତ୍ତିମାନଙ୍କ ସହ ଏ ମୂର୍ତ୍ତିର ସାମଞ୍ଜସ୍ୟ ରହିଥିବା ହେତୁ ଏହା ଅନୁମାନ କରିହେବ ଓ ବେଦର ପୂର୍ବଜଭାବେ ବିନା ଦ୍ୱିଧାରେ ସ୍ୱୀକାର କରାଯାଇପାରେ।

ଶବର ସଂସ୍କୃତିର ଧାରାକୁ ଅନୁକରଣ କରି ଆମେ ଜଗନ୍ନାଥଙ୍କୁ ତୁ ବୋଲି ସମ୍ବୋଧନ କରୁଛୁ। ଜଗନ୍ନାଥଙ୍କ ଯାତ୍ରା ଉତ୍ସବ, ପର୍ବପର୍ବାଣି ଓ ଆଚାର ବିଚାରରେ ସର୍ବତ୍ର ଶବର ସଂସ୍କୃତିର ପ୍ରଭାବ ରହିଛି। ଶବରମାନେ ଦେବତାଙ୍କୁ ଭୋଗ ଦେବା ସମୟରେ କୌଣସି ମନ୍ତ୍ର ପାଠ କରନ୍ତି ନାହିଁ। ଜଗନ୍ନାଥଙ୍କ ନିସଙ୍ଖୁଡ଼ି ଭୋଗରେ ମଧ୍ୟ ଠିକ୍ ସେହିପରି କୌଣସି ମନ୍ତ୍ରପାଠ କରାଯାଇ ନ ଥାଏ। କେବଳ ସମର୍ପଣ କରାଯାଇଥାଏ। ଶବର ସଂସ୍କୃତିରେ ସବୁଠାରୁ ଭଲ ଦ୍ରବ୍ୟଟିକୁ ପ୍ରଥମେ ଜଗନ୍ନାଥ ବା ଦେବତାଙ୍କୁ ସମର୍ପଣ କରାଯାଇଥାଏ। ଆମେ ମଧ୍ୟ ଗଛର ପ୍ରଥମ ଫଳଟିକୁ ଜଗନ୍ନାଥ ବା ଦେବତାଙ୍କୁ ସମର୍ପଣ କରିଥାଉ। ଶବର ଦେବତାଙ୍କୁ କନ୍ଦମୂଳ ଓ ମାଂସପୋଡ଼ା ସମର୍ପଣ କଲାପରି ଆମେ ମଧ୍ୟ ଜଗନ୍ନାଥଙ୍କୁ ପୋଡ଼ପିଠା ସମର୍ପଣ କରିଥାଉ। ଅଫୁଟା, ଅବଟା, ବ୍ୟଞ୍ଜନ ସହ ଅଗଳା ଅନ୍ନକୁ ମାଟିପାତ୍ରରୁ ନ ବାଢି ତା'ର ଚାରିପାଖରେ ବସି ଶବରମାନେ ଭୋଜନ କଲାଭଳି ଆମେ ମଧ୍ୟ ଜଗନ୍ନାଥଙ୍କ ପବିତ୍ର ଅବଢ଼ାରେ ନିଜର ବନ୍ଧୁ କୁଟୁମ୍ବଙ୍କ ସହ ଭୋଜନ କରିଥାଉ। ଶବର ଜାତି ମଦମାଂସପ୍ରିୟ। ଜଗନ୍ନାଥଙ୍କୁ ମଧ୍ୟ ମଦତୁଲ୍ୟ ତମ୍ବାପାତ୍ରରେ ପଇଡ଼ପାଣି ଓ ମାଂସତୁଲ୍ୟ ବିରିପିଠା ଅର୍ପଣ କରାଯାଇଥାଏ। ଶବରମାନେ ବୃକ୍ଷକୁ ନିଜ ଗୋତ୍ରର ସଙ୍କେତ ରୂପେ ପୂଜା କରନ୍ତି। ଅଥର୍ବବେଦରେ ବୃକ୍ଷକୁ ଦେବସଦନରୂପେ କଳ୍ପନା କରାଯାଇଛି। ଗଣ୍ଡମାନେ ଦୁଇଗୋଟି କୃଷ୍ଣ ଦାରୁକୁ ଜଙ୍ଗା ଦେବତା ନାମରେ ପୂଜିଥାଆନ୍ତି। ପ୍ରକୃତିପ୍ରିୟ ମାନବ। ଆବହମାନକାଳରୁ ପ୍ରକୃତିର ଉପାସନା କରିଆସିଛି। ବୃକ୍ଷଲତା ପୂଜା ତାହା ମଧ୍ୟରୁ ଅନ୍ୟତମ। ତୁଳସୀ ବିଭିନ୍ନ ଦେବତାଙ୍କ ଆଶ୍ରୟ ସ୍ଥଳଭାବେ ବର୍ଣ୍ଣନା କରାଯାଇଅଛି।

ଖଡ଼ିଆ ଓ ସଉରାମାନେ ପୂଜା କରୁଥିବା ମଡାମ, ବଳାମ ଦେବତା ବଳରାମଙ୍କ ପୂର୍ବରୂପ କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଶବରମାନଙ୍କ ଦେବୀ ସ୍ତମ୍ଭେଶ୍ୱରୀଙ୍କ ନୂତନ ସଂସ୍କରଣ ଭାବେ ସୁଭଦ୍ରାଙ୍କୁ ନିଆଯାଇପାରେ। ଆଦିବାସୀ ଉପାସିତ ଦେବଦେବୀଙ୍କ ମଧ୍ୟରେ ଜଗାରାଜୁ, କୋରାରାଜୁ ଓ ସୁଭଦ୍ରାମ୍ମା ପ୍ରଧାନ। ଶବରମାନେ ଶିକାରେ, ଏକ କୁଡୁଆ ମଧ୍ୟରେ ଯେଉଁ ତିନିଗୋଟି କାଠମୂର୍ତ୍ତି ପୂଜା କରନ୍ତି, ସେମାନେ ହେଲେ କିଟୁଙ୍ଗ, ଧର୍ମଦେବତା ଓ ବାଲିଆ। ଶବର ଭାଷାରେ କିଟୁଙ୍ଗର ଅର୍ଥ ଜଗନ୍ନାଥ। ଆଦିବାସୀ କନ୍ଧମାନେ ଗାଁମୁଣ୍ଡର ବରଗଛ ମୂଳରେ ୩ଖଣ୍ଡ ପଥରକୁ ଧାଡ଼ିକରି ରଖି ସେମାନଙ୍କ ମୁଣ୍ଡ ଉପରେ ଖଣ୍ଡିଏ ପଥର ଛାତ ପରି ରଖି ପୂଜା କରନ୍ତି। ଏହା ଯେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଭିନ୍ନରୂପ ଯେ କେହି ଅନୁମାନ କରିପାରିବ। ଭଗବାନ ବିଷ୍ଣୁଙ୍କ ନୀଳମାଧବ ବିଗ୍ରହ ଜଗନ୍ନାଥ ରୂପରେ ରୂପାନ୍ତରିତ ହେବା ପରିକଳ୍ପନାର ପୃଷ୍ଠଭୂମିରେ ଏହି ସତ୍ୟ ନିହିତ। ତେଣୁ ଆମ ଶ୍ରୀକ୍ଷେତ୍ର ଶବର ସଂସ୍କୃତିର ଭାବ ବହନ କରିବା ସହ ସାର୍ବଜନୀନ ଧର୍ମ ଓ ସଂସ୍କୃତିର ଲୀଳାକ୍ଷେତ୍ର ଭାବେ ପରିଚିତ।

ଖୋର୍ଦ୍ଧା, ମୋ-୮୮୯୫୫୪୭୪୯୦

## ଏଇ ଭାରତରେ

ଶ୍ରାବଣ ମାସ ପାଖେଇ ଆସୁଥିବା ବେଳେ ଏହି ସମୟରେ ହଜାର ହଜାର ଶିବଭକ୍ତ କାଉଡି ଯାତ୍ରାରେ ବାହାରିବେ। କାଉଡିଆଙ୍କ ବିଶ୍ରାମ ପାଇଁ ପଥ ପାର୍ଶ୍ୱରେ ଠାଏ ଠାଏ ବିଶ୍ରାମାଗାର କରାଯିବା ସହିତ ସେମାନଙ୍କ ବାହୁଙ୍ଗି ରଖିବା ପାଇଁ ବାଉଁଶ ଆଡି ବ୍ୟବସ୍ଥା କରାଯାଇଥାଏ। ଏଥର କାଉଡି ଯାତ୍ରାରେ ଯାଉଥିବା ଭକ୍ତଙ୍କ ଉପରେ ଆକାଶମାର୍ଗରୁ ଫୁଲ ବର୍ଷା ହେବ। ଉତ୍ତରପ୍ରଦେଶ ସରକାରଙ୍କର ଏହା ଏକ ଅଭିନବ ପଦକ୍ଷେପ। ହେଲିକପ୍ଟର ଯୋଗେ ସେମାନଙ୍କ ଉପରକୁ ଫୁଲ ପକାଇବାର ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯାତ୍ରା ସମୟରେ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ରହିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କାଉଡିଆମାନେ ପ୍ଲାଷ୍ଟିକ ଓ ଥର୍ମୋକୁଲ ବ୍ୟାଗ୍‌ର ବ୍ୟବହାର ନ କରିବା ଏବଂ ଏମାନଙ୍କ ଯାତ୍ରା ପଥରେ କୌଣସି ମଦ ଦୋକାନ ଓ କଂସେଇଖାନା ଯେପରି ନ ରୁହେ ସେଥିପ୍ରତି ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୁମ୍ଭମେଳା ଭଳି କାଉଡି ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଚଳିତ ବର୍ଷ ଜୁଲାଇ ୧୭ରୁ କାଉଡି ଯାତ୍ରା ଆରମ୍ଭ ହେଉଥିବାବେଳେ ୟୁପି ସରକାରଙ୍କ ଏଭଳି ଅଭିନବ ପଦକ୍ଷେପ ଶିବଭକ୍ତଙ୍କ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ସଦୃଶ ହୋଇଛି।

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର।
ନବୀନର ମେରୁଦଣ୍ଡ ଅତୀତର
କ୍ଷୀଣ ଅବଶେଷ
ଭବିଷ୍ୟର ଶାସକ ହେ ପୁରାତନ
ହେ ପଳିତ କେଶ !
ବହୁ ସାଧନାର ଫଳେ ସଞ୍ଚିଗଲ
ଯେ ସବୁ ବିଧାନ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
କ୍ରିୟା ଅନୁଷ୍ଠାନ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଜୁଲାଇ ୧୯୯୪

- ଭୋଟର ତାଲିକାରେ ଥିବା ସବୁ ବିଦେଶୀ ନାଗରିକଙ୍କ ନାମକୁ ନିର୍ବାଚନ କମିଶନ ବାଦ ଦେବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ଟି.ଏନ. ଶେଷାନ ପ୍ରକାଶ କରିଛନ୍ତି।
- ବମ୍ବେ ବୋମା ବିସ୍ଫୋରଣ ମାମଲାର ଶୁଣାଣି କରୁଥିବା ଟାଡା କୋର୍ଟର ଜଜ୍ ଜଷ୍ଟିସ ଜି.ଏନ୍. ପଟେଲ ଶୁଣାଣି ଶେଷ ପର୍ଯ୍ୟନ୍ତ ସଞ୍ଜୟ ଦତ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇବା ସଂକ୍ରାନ୍ତ ଏକ ରାୟ ପ୍ରକାଶ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | | 2 | 8 | E | | | B | | 9 | | | | |
| C | 9 | D | | | | | | | 0 | B | | | | |
| | | | C | | D | 9 | | | | 3 | | | | |
| | A | | | B | 0 | | 6 | | | C | | E | 7 | |
| | | | | 7 | | | | 1 | | | | | | 6 |
| 1 | 0 | E | | 3 | | | | | A | 2 | 6 | | | |
| | | | E | | | A | | | | D | | | 1 | |
| | | 4 | 5 | | | | | | | 3 | | | C | |
| A | | | | 9 | | D | 7 | | | | 0 | | | 2 |
| | | 8 | | 2 | B | | | | | | 1 | 3 | | A |
| | | A | | 0 | | | | | 3 | | 7 | | D | C |
| 8 | | 1 | | | | | | | | | 9 | 6 | | |
| | | 5 | 6 | A | | | 1 | | | E | | 8 | | 0 |
| | 7 | | | | 4 | C | | | | 8 | D | | | 9 |
| | | 3 | 7 | D | 5 | E | | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | D | 7 | 4 | 8 | B | 9 | 5 | 0 | C | 6 | 1 | 3 | E | A |
| 9 | 3 | 6 | 5 | 1 | D | 4 | 8 | 7 | B | A | E | C | 0 | 2 |
| 5 | A | 8 | C | 2 | 0 | E | B | 3 | 7 | 9 | 4 | 1 | D | 6 |
| E | 0 | B | 9 | 6 | 7 | 1 | A | C | D | 3 | 2 | 8 | 5 | 4 |
| 4 | C | 1 | 3 | A | E | 6 | 2 | D | 8 | 5 | 0 | 9 | 7 | B |
| B | E | 0 | A | 7 | 4 | 3 | 6 | 9 | 1 | 2 | D | 5 | 8 | C |
| 7 | 9 | D | B | 5 | 8 | 2 | 1 | A | 4 | C | 6 | 0 | 3 | E |
| C | 8 | 2 | D | 9 | 6 | 0 | 4 | B | 5 | E | 3 | 7 | A | 1 |
| 1 | 5 | 3 | 2 | 0 | C | 7 | E | 8 | 9 | B | A | 6 | 4 | D |
| A | 6 | 4 | E | 3 | 1 | C | D | 5 | 0 | 8 | 7 | 2 | B | 9 |
| 0 | B | E | 7 | 4 | A | 8 | 9 | 6 | 3 | 1 | C | D | 2 | 5 |
| 8 | 7 | 9 | 0 | D | 2 | B | C | 1 | E | 4 | 5 | A | 6 | 3 |
| D | 2 | 5 | 1 | E | 9 | A | 3 | 4 | 6 | 7 | 8 | B | C | 0 |
| 6 | 4 | C | 8 | B | 3 | 5 | 0 | 2 | A | D | 9 | E | 1 | 7 |
| 3 | 1 | A | 6 | C | 5 | D | 7 | E | 2 | 0 | B | 4 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମରେ ଜ୍ୟୋତିଷୀଙ୍କ ପ୍ରତିକାର ବ୍ୟବସ୍ଥା

ମହାଶୟ,

ଆମ ରାଜ୍ୟର ସମସ୍ତ ଛାପା ଓ ବିଦ୍ୟୁତ୍ ଗଣମାଧ୍ୟମରେ ଦୈନିକ ରାଶିଫଳ ପ୍ରକାଶିତ ଓ ପ୍ରଚାରିତ ହେଉଛି। ଛାପା ଗଣମାଧ୍ୟମରେ କୌଣସି ଗୋଟିଏ ରାଶିର ଦୈନିକ ଶୁଭାଶୁଭରେ ଭିନ୍ନତା ରହୁଥିବାବେଳେ ବିଦ୍ୟୁତ୍ ଗଣମାଧ୍ୟମରେ ଜନ୍ମତାରିଖ, ସମୟ, ସ୍ଥାନ ଜଣାଇଲେ ତତ୍‌କ୍ଷଣାତ୍ ଫଳ ଦର୍ଶାଯାଉଛି। ବାରଟି ରାଶି ଓ ସତେଇଶ ନକ୍ଷତ୍ରକୁ ନେଇ ଗ୍ରହମାନଙ୍କର ଗୋଚର ଫଳରୁ ଦୈନିକ ରାଶିଫଳ ନିର୍ଣ୍ଣୟ ହୁଏ। ତେବେ ଅଶୁଭ ଫଳ ଥିଲେ ଏଥିପାଇଁ ଗୋଜବାୟାଣୀ, ସନ୍ତୋଷୀମା', ସାଇବାବା, ତିରୁପତିନାଥ, ଗୋରଖନାଥଙ୍କ ସ୍ମରଣ ସହ ଗଣେଶଙ୍କୁ ଦୂବଦେବା, ଗାଈକୁ ବିରି ଖାଇବାକୁ ଦେବା ଆଦି କିମ୍ଭୂତକିମାକାର ପରାମର୍ଶ ଦିଆଯାଉଛି। ନିକଟରେ ଏଭଳି ଜଣେ ଜ୍ୟୋତିଷୀଙ୍କୁ ଏହି ପ୍ରତିକାର କେଉଁ ଶାସ୍ତ୍ରାନୁମୋଦିତ ବୋଲି ପଚାରିବାରେ ସେ ଆମ୍ଭଙ୍କୁ ଯେଭଳି ଅଶାଳୀନ ଭାଷାରେ ଗାଳି କଲେ ତାହା ଆମ୍ଭେ ରେକର୍ଡିଂ କରି ରଖିଛୁ। ମାତ୍ର ଆମ୍ଭର ନିବେଦନ ଯେ ଏହି ପ୍ରତିକାର ଶାସ୍ତ୍ରାନୁମୋଦିତ ବୋଲି ଭବିଷ୍ୟବକ୍ତା ପ୍ରକାଶ କରିବା ସହ ନିର୍ଦ୍ଦିଷ୍ଟ ଶାସ୍ତ୍ରର ସୂଚନା ଦିଅନ୍ତୁ।

ହରିଶଙ୍କର ମିଶ୍ର, ୧୧୩, ଗୁଣ୍ଡିଚା ବିହାର, ପୁରୀ-୨

### ବେଫିକର ଚାଳକ

ଭୁବନେଶ୍ୱରରେ ଗାଡିମୋଟର ସଂଖ୍ୟା ଦିନକୁଦିନ ବଢିଚାଲିଛି। କିଛି ଚାଳକଙ୍କ ମନମୁଖି ଗାଡିଚାଳନା ଯୋଗୁ ଛୋଟବଡ ଦୁର୍ଘଟଣା ଘଟୁଛି। ଗୋଟିଏ ହାତରେ ଗାଡି ଚଲାଇବା, ବିନା ହେଲମେଟ୍‌ରେ ଗାଡି ଚାଳନା, ଟ୍ରାଫିକ ପୋଲିସକୁ ଦୁର୍ବ୍ୟବହାର କରିବା, ହର୍ନ ନ ବଜାଇ ଓଭରଟେକ୍ କରିବା, ଟ୍ରାଫିକ୍ ସୂଚନା ନ ମାନିବା, ପ୍ରେସର ହର୍ନ ବଜାଇବା, ଗାଡି ଚଲାଇବା ବେଳେ ଫୋନ୍‌ରେ କଥାହେବା, ନିଶାଗ୍ରସ୍ତ ହୋଇ ଗାଡି ଚଲାଇବା, ବିନା କାରଣରେ ଇଣ୍ଡିକେଟର ଧପ୍‌ଧପ୍ କରିବା ଇତ୍ୟାଦି ପ୍ରମୁଖ ଅପରାଧ ହୋଇଥିଲେ ସୁଦ୍ଧା ଚାଳକ ଏସବୁକୁ ବେଖାତିର କରି ଚାଲିଯାଆନ୍ତି। ଏସବୁ ପାଇଁ ଜରିମାନା ସ୍ଥିର ହୋଇଥିଲେ ମଧ୍ୟ ସବୁ ସମୟରେ ଗାଡିକୁ ପିଛା କରି ଚାଳକକୁ ଧରିବା ପୋଲିସ ପକ୍ଷେ ସମ୍ଭବ ହୋଇପାରେ ନାହିଁ, ଫଳରେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟେ। ଏସବୁ ପାଇଁ ଯଦି ଗାଡିଚାଳକ ସଚେତନ ନ ହୁଏ ତେବେ ଧନଜୀବନ ହାନି ହେବା ସ୍ୱାଭାବିକ।

ଅଶୋକ ରାଉଳ, ଅଡଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭଗବାନଙ୍କୁ ଦେଖି ଭକ୍ତ ବିଭୋର


ରଥରେ ତିନିଠାକୁର।


ରାୟଗଡ଼ରେ ତିନିଠାକୁରଙ୍କୁ ଟାଣି ନେଉଛନ୍ତି ଭକ୍ତ।

**ପାରଳାଖେମୁଣ୍ଡି/ରାୟଗଡ଼(ଗଜପତି)/ କାଶୀନଗର, ୪।୭ (ସ୍ୱ.ପ୍ର./ଡି.ଏନ୍.ଏ.)**

ପାରଳାଖେମୁଣ୍ଡିରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଛି । ଯଥା ରୀତି ଗୁରୁବାର ଦାରୁ ଦିଅଁଙ୍କ ପୂଜା, ମଙ୍ଗଳ ଆଳତୀ କରାଯାଇଥିଲା। ଏପହାରେ ତିନି ରଥର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଆଜ୍ଞାମାଳ ପହଞ୍ଚିବା ପରେ ପୂର୍ବାହ୍ନ ୧୧ ଟାରେ ପ୍ରଥମେ ବଡ ଠାକୁର, ଭଉଣୀ ସୁଭଦ୍ରା ଏବଂ ଶେଷରେ ସାନ ଭାଇ ଜଗନ୍ନାଥଙ୍କୁ ବାଦ୍ୟ କରତାଳି ହୁଳହୁଳି କୀର୍ତ୍ତନ ପୂର୍ବକ ରଥରେ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ ପାରଳା ରାଜକୁମାରୀ ସୁଶ୍ରୀ କଲ୍ୟାଣୀଦେବୀଙ୍କୁ କମିଟି ସଦସ୍ୟ ରଥକୁ ପାଛୋଟି ଆଣିଥିଲେ। ବାଦ୍ୟ, କରତାଳି ଶଙ୍ଖ ଧ୍ୱନୀରେ ପ୍ରଥମେ ବଡ଼ଭାଇ ବଳଭଦ୍ରଙ୍କ ରଥରେ ପୂଜାର୍ଚ୍ଚନା ଓ ଛେରା ପହଁରା ଅନୁଷ୍ଠିତ ହୋଇଥଲା। ପରେ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥରେ ଛେରାପହଁରା କରାଯାଇଥିଲା । ଏହାପରେ ରଥ ଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହର ଏବଂ ଏହା ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ତିନି ଠାକୁରଙ୍କ ରଥ ଟାଣିବା ସହ ଠାକୁରଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ସମୟରେ ମାଉସୀମା' ମନ୍ଦିରସ୍ଥିତ ଗୁଣ୍ଡିଚାବାଡ଼ିରେ ତିନି ରଥ ପହଞ୍ଚିଥିଲା। ପ୍ରତି ବର୍ଷପରି ରଥ ପହଞ୍ଚିବା ପରେ ମହା ପ୍ରଭୁଙ୍କୁ ଆଳତୀ କରାଯାଇ ଭକ୍ତଙ୍କ ସହଯୋଗରେ ତିନି ଦିଅଁଙ୍କୁ ମାଉସୀମା ମନ୍ଦିରକୁ ବିଜେ କରାଯାଇଥିଲା। ମୀନା ବଜାର ଖୋଲାଯାଇଛି । ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିବା ସହ ଠାକୁରଙ୍କୁ ନିଜର ଭକ୍ତି ଅର୍ପଣ ସକାଶେ ବହୁ କୀର୍ତ୍ତନ ମଣ୍ଡଳୀ ବାଦ୍ୟ କୀର୍ତ୍ତନ କରିଥିଲେ। ଶାନ୍ତିଶୃଙ୍ଖଳା ସକାଶେ ଗଜପତି ଏସ୍‌ପି ସାରା ଶର୍ମାଙ୍କ ନେତୃତ୍ୱରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୪ଜଣ ଡିଏସ୍‌ପି, ୩୦ଜଣ ଅଧିକାରୀଙ୍କ ସମେତ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସହରର ଏହି ପ୍ରସିଦ୍ଧ ରଥଯାତ୍ରାରେ ପଡୋଶୀ ଆନ୍ଧ୍ର ପ୍ରଦେଶର ହଜାର ହଜାର ଭକ୍ତ ଯୋଗ ଦେଇଥିବା ଜଣାପଡିଛି । ସେହିପରି ଏଠାକାର ପରମ୍ପରା ଅନୁଯାୟୀ ସୁଭଦ୍ରାଙ୍କ ରଥକୁ ମହିଳା ଭକ୍ତ ମାନେ ଟାଣି ନେଇଥିଲେ।

ସେହିପରି ଜିଲାର ରାୟଗଡ଼ ବ୍ଲକ୍ ସଦର ସମେତ ବିଭିନ୍ନ ସ୍ଥାନରେ ଗୁରୁବାର ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ରାୟଗଡ଼ରେ ସେବକ ଶିବ ପ୍ରସାଦ ପାତ୍ରଙ୍କ ଦବାରା ସମସ୍ତ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ଅପରାହ୍ନ ସାଢ଼େ ୪ଟାରେ ଛେରା ପହଁରା ପରେ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ସଂନ୍ଧ୍ୟା ୭ ଟାରେ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା। ସେହିପରି ଜିରାଙ୍ଗ ବଳଦେବ ଜିଉଙ୍କ ଗୁରୁବାର ନବଯୌବନ ଦର୍ଶନ, ଅମୃତ ପଣା ଭୋଗ ଲାଗିଥିଲା। ସେବକ ଶଙ୍କର ସେନାପଣ୍ଡା ସମସ୍ତ ପୂଜାର୍ଚ୍ଚନା କରିଥିଲେ। ଏଠାରେ ଗୁରୁବାର ବଳଦେବ ଜିଉ ରଥରେ ରହିବେ ଏବଂ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ରଥଟଣା କାର୍ଯ୍ୟକ୍ରମ ରହିଛି। ସେହିପରି ବ୍ଲକ୍‌ର ନାରାୟଣପୁର,ଗଣ୍ଡାହାତୀ, ପେକଟ, ଲକ୍ଷ୍ମୀପୁର, ଖମ୍ବାରୀ ସାହି ଆଦି ବିଭିନ୍ନ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ରାୟଗଡ଼ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

କାଶୀନଗର ଜଗନ୍ନାଥ ମନ୍ଦିରରେ ମଧ୍ୟ ତିନି ଠାକୁରଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ମନ୍ଦିର ମହନ୍ତ ପଦ୍ମ ଚରଣ ଦାସଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ନୀତି ନିର୍ଘଣ୍ଟ ଅନୁଯାୟୀ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥରେ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିବାର ସୌଭାଗ୍ୟ ଲାଭ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କାଶୀନଗର ପୋଲିସ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା।


ଠାକୁରଙ୍କ ଛେରାପହଁରା ପାଇଁ ରଥରେ ପାରଳା ରାଜକୁମାରୀ।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**

**ସାଇସମ୍ପର୍ଣ୍ଣା (ଦିବ୍ୟା)**
**କେଶରଡା, ଡିର୍ତ୍ତୋଲ**
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ଭଗବାନ ସତ୍ୟସାଇ ତୋର ଚଲାପଥକୁ ପୁଷ୍ପିତ କରନ୍ତୁ।
**ଶୁଭେଚ୍ଛା ସହ:**
ଜେଜେମା: ଅନ୍ନପୂର୍ଣ୍ଣା, ଜେଜେବାପା: ଶିବଚରଣ ନାୟକ, ମା: ରଶ୍ମିରେଖା, ବାପା: ଦୁର୍ଗାପ୍ରସାଦ, ଦାଦା: କାହ୍ନୁ ଓ ସାଇ, ମାମୁ ମାଇଁ: କାର୍ତ୍ତିକ, ସୋନି, ଅଜା, ଆଇ ଓ ଆତ୍ମୀୟସ୍ୱଜନ।
ଧ-୧୩୨୫୪

**ଜନ୍ମଦିନ ଶୁଭେଚ୍ଛା**

**Arshit (Gunu)**
ଆଜି ଶୁଭ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁ।
**ଶୁଭେଚ୍ଛା ସହ**
ପରିବାରବର୍ଗ
ଧ-୧୩୨୫୩

**8th Marriage Anniversary**

ଗୟାଧର ବେହେରା (ମାନି)
ତୃପ୍ତିରଞ୍ଜିତା ବେହେରା(ମିତା)
**At: G.Kolha, Koilipur**
**Rajkanika, Kendrapara**
ଆଜି ତୁମର 8th ବିବାହ ବାର୍ଷିକୀରେ ତୁମର ବୈବାହିକ ଜୀବନ ସୁଖ ଓ ଶାନ୍ତିପୂର୍ଣ୍ଣ ହେଉ, ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ:**
ବନ୍ଧୁ ଓ ପରିବାରବର୍ଗ
ଧ-୬୬୫୯୮


## ବନ ବିଭାଗ ପକ୍ଷରୁ ଚାରାରୋପଣ

**ପାରଳାଖେମୁଣ୍ଡି, ୪।୭(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି କୋର୍ଟ ଛକସ୍ଥିତ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ପ୍ରିତମୂର୍ତ୍ତୀ ପରିସରରେ ଗୁରୁବାର ବନବିଭାଗ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତିତ୍‌ଲି ଓ ଫନୀ ସମୟରେ ବହୁ ବୃକ୍ଷ ନଷ୍ଟ ହୋଇଥିବାବେଳେ ଜିଲାକୁ ପୁଣି ସବୁଜମୟ କରିବା ସହ ପରିବେଶ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଜୁଲାଇ ୧ରୁ ସମଗ୍ର ଜିଲାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗଜପତି ଜିଲା ଦେବଗିରୀ ରେଞ୍ଜର ଏମ୍. ନରସିଂହମ୍ ଓ ବନପାଳ ପୂର୍ଣ୍ଣ ଚନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ଏବଂ ବନ କର୍ମଚାରୀଙ୍କ ସହଯୋଗରେ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଥିଲା । ପରିବେଶ ପ୍ରଦୂଷଣର ସମାଧାନ ପାଇଁ ବ୍ୟାପକ ବନୀକରଣର ଆବଶ୍ୟକତା ରହିଛି ବୋଲି ପ୍ରକୃତି ସୁରକ୍ଷା ମଞ୍ଚର ଆବାହକ ତ୍ରିପତି ପ୍ରସାଦ ପଣ୍ଡା ମତବ୍ୟକ୍ତ କରିଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ଫରେଷ୍ଟ ଗାର୍ଡ ସନ୍ତୋଷ କୁମାର ସାହୁ, ଏମ୍. ନିରଞ୍ଜନ, ସନ୍ତୋଷ ପରିଚ୍ଛା ଉପସ୍ଥିତ ରହି ପରିଚାଳନା କରିଥିଲେ।


ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଉଛି।


ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ମଦ ଦୋକାନରେ ଚଢ଼ାଉ କରୁଛନ୍ତି।

## ଚଢ଼ାଉ ହେଲା, ଖାଲି ହାତରେ ଫେରିଲା ଅବକାରୀ ବିଭାଗ

**ପାରଳାଖେମୁଣ୍ଡି, ୪।୭ (ସ୍ୱ.ପ୍ର.)**

ଅବକାରୀ ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ସହର ଏବଂ ଆଖପାଖ ଅଞ୍ଚଳରେ ଚଢାଉ କରାଯାଇଛି। ଦୀର୍ଘଦିନ ପରେ ଅବକାରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବିଭାଗର ଉପନିରୀକ୍ଷକ ଚନ୍ଦ୍ର ଶେଖର ପଢ଼ିଆରୀଙ୍କ ନେତୃତ୍ୱରେ ସହ ଉପନିରୀକ୍ଷକ କିଶୋର ଚନ୍ଦ୍ର ରଥ ଓ ମୋଜୀ ଶବରଙ୍କ ସହଯୋଗରେ ଟିମ୍ ସ୍ଥାନୀୟ ଜାଗିଲି ସାହି, ବଜାର ଛକ, ସେରି ଜାଗିଲି ସାହି, ସୀତା ସାଗର ଏବଂ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ କିଛି ଉଠା ଦୋକାନୀ ଉପରେ ସନ୍ଦେହରେ ଚଢାଉ କରିଥିଲେ। ତେବେ କୌଣସି ଠାରୁ ଚୋରା ମଦ ଜବତ ହୋଇ ନ ଥିବା ଜଣାପଡ଼ିଛି। ଚଢ଼ାଉ ସମ୍ପର୍କରେ ବ୍ୟବସାୟୀମାନେ କୌଣସି ପ୍ରକାରେ ଖବର ପାଇ ସତର୍କ ହୋଇଯାଇଥିବା ଅନୁମାନ କରାଯାଉଛି। ଏଠାରେ ପ୍ରକାଶଯେ, ମାର୍ଚ୍ଚମାସ ଶେଷରୁ ଜିଲାରେ ଦେଶୀ ମଦ କାରଖାନା ବନ୍ଦ କରାଯିବା ସହ ଏହା ସହ ସମ୍ପୃକ୍ତଥିବା ସମସ୍ତ କାଉଣ୍ଟର ଗୁଡ଼ିକରେ ମଧ୍ୟ ସରକାରୀ ଦେଶୀ ମଦ ବନ୍ଦ କରାଯାଇଛ। କିନ୍ତୁ ୩ମାସ ହେଲା ଜିଲାରେ ସରକାରୀ ଦେଶୀ ମଦ କାରଖାନା ବନ୍ଦଥିଲେ ମଧ୍ୟ ଚୋରା ବ୍ୟବସାୟୀଙ୍କ ସହଯୋଗରେ କିଛି ବ୍ୟବସାୟୀ ଅବକାରୀ ବିଭାଗ ଆଖିରେ ଧୂଳିଦେଇ ଖୁଲମଖୁଲା ଚୋରା କାରାବାର କରୁଥିବା ସୂଚନା ପାଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ୨ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରୁନି ଜଳ ପ୍ରକଳ୍ପ

**ଠିକାଦାରଙ୍କ ଅପେକ୍ଷାରେ ଗ୍ରାମବାସୀ**



ଡାଙ୍ଗୁସିଂ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଗୃହରେ ତାଲା ଝୁଲୁଛି।

**ଗୁମ୍ମା, ୪।୭**

ଗୁମ୍ମା ବ୍ଲକ୍ ଅନ୍ତର୍ଗତ ରାଗିଡ଼ି ପଞ୍ଚାୟତର ଡାଙ୍ଗୁସିଂ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୨୦୧୬-୧୭ ବର୍ଷରେ ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ୪ଲକ୍ଷ ୮୮ ହଜାର ଟଙ୍କା ବ୍ୟୟରେ ନୂତନ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା। ହେଲେ ନିର୍ମାଣର ୨ ବର୍ଷ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନି। ଗ୍ରାମବାସୀଙ୍କ କହିବାନୁଯାୟୀ, ବିଳମ୍ବରେ ହେଲେ ମଧ୍ୟ ପ୍ରକଳ୍ପ ନିର୍ମାଣ ହୋଇଥିଲା। କିନ୍ତୁ ଏହାପରେ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଦାୟିତ୍ୱ ନେଇଥିବା ଠିକାଦାର ଦେବେନ୍ଦ୍ର ଦାସଙ୍କ ଏ ପର୍ଯ୍ୟନ୍ତ ଦେଖାନାହିଁ । ଫଳରେ ପାନୀୟ ଜଳ ପାଇଁ ଗ୍ରାମର ପ୍ରାୟ ୪ଶହ ଲୋକ ତହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ଠିକାଦାରଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ସମଗ୍ର ଡାଙ୍ଗୁସିଂ ଗ୍ରାମ ଏବେ ଜଳ ସଙ୍କଟ ଭୋଗୁଛନ୍ତି। ପାହାଡ଼ ଜଙ୍ଗଲରୁ ଆସୁଥିବା ଝରଣା ପାଣି ଏବେ ଏମାନଙ୍କ ପ୍ରାଣବିନ୍ଦୁ ସାଜିଛି। ଯଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ ଜାଣିବା ପାଇଁ ଠିକାଦାରଙ୍କୁ ଯୋଗାଯୋଗ କରାଯିବାରୁ, ବର୍ଷା ଯୋଗୁ କାମରେ ବିଳମ୍ବ ହେଉଛି ବୋଲି କହିଥିଲେ। ଅନ୍ୟପକ୍ଷରେ ଯଥାଶୀଘ୍ର ଗ୍ରାମକୁ ଜଳ ଯୋଗାଣ ସୁବିଧା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


# CLASSIFIED DISPLAY

**K.G. SARAFF PUBLIC SCHOOL**
**KHARIAR ROAD, DIST- NUAPADA**
AFFI. NO. 1530181
**ADVERTISEMENT**
Applications are invited for the admission of the eligible candidates in class-I under the RTE (2009) the session 2019-20 till 15th July.
Contact the underigned .
**Contact No.- 8018371030**
**8763102388**
Principal
**K.G. S.P. School, Khariar Road**

**ADMISSIONS OPEN**
**M.PHARM**
**ROLAND INSTITUTE OF PHARM CEUTICAL SCIENCES**
**KHODASINGI, BERHAMPUR-10 (GM) ODISHA**
Approved by AICTE & PCI, New Delhi & BPUT, Odisha
**NBA** ACCREDITED FOR B.PHARM COURSE
Students qualified in **OJEE-2019/GPAT-2019** are eligible for admission in the following specializations:-
* Pharmaceutics * P.A & Q.A
* Pharmacology * Pharmaceutical Technology
For more details contact: **9437262308, 9777945053**
E mail- admissions@rips.ac.in; Website: **www.rips.ac.in**
**Principal**

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
**2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ**
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
**A to Z ସମସ୍ୟାର ସମାଧାନ ଘରେ ବସି।**
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
**ବାବା କମାଲ ଖାନ୍** (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
**9810599425** 9971793786

**ସବୁ ଔଷଧ ଦୋକାନରେ ଉପଲବ୍ଧ**
**ଆୟୁର୍ବେଦିକ ଔଷଧ**
କ୍ୟାପସୁଲ, ଟ୍ୟାବଲେଟ୍ ଓ ଅଏଣ୍ଟମେଣ୍ଟ
**Erotic Capsule**
**Erotic Ointment**
**Vigo-X Tablet**
**WANTED** Distributor & Stockist
Please Call Between 10.30am to 5pm
**033-25649070**

# ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**
**ସ୍ୱର୍ଗତା ରମାମଣୀ ଦେବୀ**
ବାଲିଝରୀ, ଜିଲ୍ଲା: ଭଦ୍ରକ
ତିରୋଧାନ: ୧୯।୦୭।୨୦୧୫
ତୁମର ଅମ୍ଳାନ ସ୍ମୃତି ପ୍ରତି ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
**ଶ୍ରଦ୍ଧାଞ୍ଜଳି ସହ:**
ପୁତ୍ର: ରବିନାରାୟଣ ସେନାପତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୩୨୩୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ସ୍ୱର୍ଗତା ଉଷାରାଣୀ ଡାକୁଆ**
ଆବିର୍ଭାବ: ୨୪।୦୪।୧୯୬୫
ତିରୋଧାନ: ୨୫।୦୬।୨୦୦୯
ତୁମର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଦଶ ବାର୍ଷିକୀ ଶ୍ରାଦ୍ଧ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ୱାମୀ: ପ୍ରଫୁଲ୍ଲ, ପୁତ୍ର: ରାଲୁ, କନ୍ୟା: ବେବି, ବାପା, ବୋଉ ଓ ସମସ୍ତ ପରିବାରବର୍ଗ।
ଧ-୧୩୧୮୫

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**
**ସ୍ୱର୍ଗତା ତମାଳଲତା ରଥ**
୨୬୭/୩୩୫୫, ଜୟଦେବ ବିହାର
ତିରୋଧାନ: ୧୮।୦୭।୨୦୧୫
ବୋଉ, ଆଜି ତୁମର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ।
**ଶ୍ରଦ୍ଧାଞ୍ଜଳି ସହ:**
ପରିବାରବର୍ଗ
ଧ-୬୧୦୫୬

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ସ୍ୱର୍ଗତ ଗୀରିଶଚନ୍ଦ୍ର ମିଶ୍ର**
ଆବିର୍ଭାବ: ୦୭।୦୭।୧୯୭୭
(ଟିକାବାଲି, ଫୁଲବାଣୀ, ଓଡ଼ିଶା)
ତିରୋଧାନ: ୧୮।୦୬।୨୦୧୫
(ବାଙ୍ଗାଲୋର)
ତିଥି ଅନୁଯାୟୀ ୦୫।୦୭।୨୦୧୯ (ଶୁକ୍ଳ ତୃତୀୟା)
ଆଜି ତୁମର ୪ର୍ଥ ବାର୍ଷିକ ଶ୍ରାଦ୍ଧ। ରଥାରୁଢ ଶ୍ରୀଜଗନ୍ନାଥ ତୁମକୁ ପାଖରେ ରଖିଛନ୍ତି। ତୁମର ସ୍ମୃତି, ଘରପ୍ରତି ସ୍ନେହ, ମମତା ଓ କାର୍ଯ୍ୟକଳାପ ଆମ୍ଭମାନଙ୍କ ହୃଦୟକୁ ବ୍ୟଥିତ କରୁଛି। ଠାକୁର ତୁମର ପବିତ୍ର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଆଜି ଦିନରେ ଏହି ଅଳି।
**ଶୋକସନ୍ତପ୍ତ:**
ନନା-ବୋଉ, ପତ୍ନି ଓ ପୁଅ, ଭାଇ-ଭାଉଜ ମାନେ, ମଉସା-ମାଉସୀ ମାନେ, ମାମୁ-ମାଇଁ ମାନେ, କକେଇ-ଖୁଡ଼ୀ ମାନେ ଓ ପରିବାରବର୍ଗ।
ଧ-୬୬୬୦୪

**ଦଶମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ସ୍ୱର୍ଗତା ବିଦ୍ୟୁଲତା ମହାପାତ୍ର**
ଆବିର୍ଭାବ: ୧୯।୧୧।୧୯୩୮
ତିରୋଧାନ: ୨୫।୦୬।୨୦୦୯
ମାଆ, ଚାହୁଁ ଚାହୁଁ ଦଶବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ସରଳତା, ପରୋପକାରିତା ଆମପାଇଁ ଦିଗଦର୍ଶନ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି, ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରର୍ଥନା।
**ଶୋକସନ୍ତପ୍ତ:**
ରାମକୃଷ୍ଣ ମହାପାତ୍ର (ସ୍ୱାମୀ), ଦିଲ୍ଲୀପ, ଦୀପକ, ଆଲୋକ, (ପୁତ୍ର), ଶୁଭ୍ରା, ସବିତା, ସିନାଲି (ବୋହୂ), ସଂଗ୍ରାମ, ସୋନାଲି (ଜାମାତା, କନ୍ୟା), ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୧୫୮

**ଊନବିଂଶତମ ଶ୍ରାଦ୍ଧ ବାର୍ଷିକୀ**
**✓ ନମିତା ଧଳ**
**ସ୍ୱାମୀ ଙ୍କ: ପୀତାମ୍ବର ଧଳ**
**ଶହୀଦନଗର, ଭୁବନେଶ୍ୱର**
ଯାହାଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସେବା ସବୁଦିନ ପାଇଁ ପରିବାର ର ପ୍ରତ୍ୟେକଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ହୋଇ ରହିବ।
**ଶୋକସନ୍ତପ୍ତ ପରିବାରବର୍ଗ**
ଧ-୬୬୨୫୩

# ଜଗତ - ଜଗନ୍ନାଥ



କେନ୍ଦୁଝର ସହରରେ ଅନୁଷ୍ଠିତ ରଥଯାତ୍ରା



ତାଳଧ୍ୱଜ ରଥକୁ ଟାଣିନେଉଛନ୍ତି ଶ୍ରଦ୍ଧାଳୁ



ଚାନ୍ଦିନଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ତିନିରଥ



କିସ୍ ପରିସରସ୍ଥ ଶ୍ରୀବାଣୀ କ୍ଷେତ୍ରର ରଥଯାତ୍ରା



ଶ୍ରୀବଳଦେବ ଜୀଉଙ୍କ ପହଣ୍ଡି ବିଜେ


ପୁରୀ ବଡ଼ଦାଣ୍ଡ ଜନସମୁଦ୍ର ମଧ୍ୟରେ ତିନି ରଥରେ ଜନ୍ମବେଦି ଅଭିମୁଖେ ବାହାରିଥିବା ଦାରୁବିଗ୍ରହ


ଦେବଦଳନ ରଥକୁ ବିଜେ ହେଉଛନ୍ତି ଶ୍ରୀସୁଦର୍ଶନ


ସେବାୟତମାନେ ବଡ଼ଠାକୁର ବଳଭଦ୍ରଙ୍କୁ ତାଳଧ୍ୱଜ ରଥକୁ ବିଜେ କରାଉଛନ୍ତି


ଦେବଦଳନ ରଥକୁ ମା' ସୁଭଦ୍ରାଙ୍କ ପହଣ୍ଡି ବିଜେ


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ନନ୍ଦିଘୋଷ ରଥକୁ ନିଆଯାଉଛି


ମଦନମୋହନଙ୍କୁ ନନ୍ଦିଘୋଷ ରଥକୁ ନିଆଯାଉଛି


ରଥ ଉପରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ


ତାଳଧ୍ୱଜ ରଥରେ ଛେରାପହଁରା କରୁଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଥ ଟାଣୁଛନ୍ତି ।


ରଥ ସମ୍ମୁଖରେ ମୟୂରୀ ଏବଂ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି ନୃତ୍ୟଶିଳ୍ପୀ


ତିନିରଥ ସମ୍ମୁଖରେ ବନାଟି ପ୍ରଦର୍ଶନ



ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଶ୍ରୀବଳଭଦ୍ରଙ୍କୁ ପହଣ୍ଡି ବିଜେ କରାଯାଉଛି



ସମ୍ବଲପୁର ସାକ୍ଷୀ ଗୋପୀନାଥ ପଡ଼ାଠାରେ ମଦନଗୋପାଳଙ୍କ ପହଣ୍ଡି ବିଜେ



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଉଛି



ବରଗଡ଼ ଜିଲା ଭଟଲିରେ ମହାପ୍ରଭୁ ଦଧିବାମନଙ୍କୁ ରଥାରୂଢ଼ ପାଇଁ ପହଣ୍ଡିରେ ନିଆଯାଉଛି



ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରଥ ଟାଣିନେଉଛନ୍ତି ଭକ୍ତ



ପହଣ୍ଡି ସମୟରେ ଦଧିବାମନଜୀଉ ମଠ ନିକଟରେ ମହାପ୍ରଭୁ ଜଗନ୍ନାଥଙ୍କୁ ପଣା ଲାଗି କରାଯାଉଛି



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ





ଜୟପୁରରେ ଗୁରୁବାର ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି ।

# ବଡ଼ଦାଣ୍ଡରେ ଜନତା-ଜନାର୍ଦ୍ଦନ ଏକାକାର

## ଜୟପୁରରେ ଆଜି ହେବ ରଥଟଣା

ଜୟପୁର,୪।୭(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଐତିହାସିକ ରଥଯାତ୍ରାରେ ଗୁରୁବାର ତିନି ଠାକୁରଙ୍କ ପହଣ୍ଡି କରି ରଥାରୂଢ଼ କରାଯାଇଛି। ଶୁକ୍ରବାର ରଥଟଣା ହେବ। ସ୍ଥାନୀୟ ବୟଜ୍ୟେଷ୍ଠଙ୍କ କହିବା ଅନୁଯାୟୀ, ତତ୍କାଳୀନ ଜୟପୁର ମହାରାଜାଙ୍କ ରାଜଧାନୀ ପୁରୁଣାଗଡ଼ ଥିବା ଯୋଗୁ ପ୍ରଥମଦିନ ସେଠାରେ ଛେରା ପହଁରା କରାଯିବା ପରଦିନ ଜୟପୁରରେ ଛେରାପହଁରା କରି ରଥଟଣା ହୁଏ।

ଗୁରୁବାର ପୂର୍ବାହ୍ନରେ ପୁରୋହିତଙ୍କ ଦ୍ୱାରା ରଥ ପ୍ରତିଷ୍ଠା ପରେ ସାରଥିଙ୍କୁ ପ୍ରଥମେ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ୪ଟାରେ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହ ପତିତପାବନ ଏବଂ ସୁଦର୍ଶନଙ୍କ ପହଣ୍ଡି ଆରମ୍ଭ ହୋଇ ପରମ୍ପରା ଅନୁଯାୟୀ ବ୍ରହ୍ମସାହି, ଡେରାସାହି, ସାମନ୍ତରାସାହି, ଲାଲସାହି, ସୁନାରୀସାହିରେ ପୂଜାର୍ଚ୍ଚନା କରାଯାଇଥିଲା। ସାମନ୍ତରା ସାହି ଓ ହେମଗିରି ସାହିର ବ୍ରାହ୍ମଣ ସେବକମାନେ ତିନି ଠାକୁର, ପତିତପାବନ ଏବଂ ସୁଦର୍ଶନଙ୍କୁ କାନ୍ଧରେ ବୋହି ରଥକୁ ନେଇଥିଲେ। ଏହାପରେ ମୁଖ୍ୟ ପୂଜକ ଡମ୍ବରୁ ପଣ୍ଡା ଛେରା ପହଁରା କରିଥିଲେ। ଠାକୁରମାନଙ୍କୁ ପହଣ୍ଡି କରାଇ ରଜାନହର ସ୍ଥିତ ନବ ନିର୍ମିତ ରଥ ନିକଟକୁ ନିଆଯାଇଥିଲା। ସେଠାରେ ଠାକୁରଙ୍କୁ ୪ଥର ରଥ ପରିକ୍ରମା କରାଯାଇ ରଥାରୂଢ଼ କରାଯାଇଥିଲା। ସେହିପରି ପୁରୁଣାଗଡ଼, ଐତିହାସିକ ବାଟ ଜଗନ୍ନାଥପୁର, ବାରିଣିପୁଟ, ଆମ୍ବାଗୁଡ଼ା, ବୋରିଗୁମ୍ମା ବ୍ଲକ ବି.ସିଂପୁରରେ ରଥ ଯାତ୍ରା ପାଳନ କରାଯାଇଛି।

## ପଟ୍ଟାଙ୍ଗୀରେ ଭାଙ୍ଗିଲା ରଥ ଅଖ

ପଟ୍ଟାଙ୍ଗି,୪।୭(ଡି.ଏନ୍.ଏ.)

ପଟ୍ଟାଙ୍ଗି ସଦରରେ ରଥଯାତ୍ରା ବେଳେ ରଥର ଅଖ ଭାଙ୍ଗିଯାଇଛି। ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ପରିସରରେ ମୁଖ୍ୟ ପୂଜକ ଦିଲ୍ଲୀପ ହୋତା ପୂଜାର୍ଚ୍ଚନା କରିବା ପରେ ଅପରାହ୍ନ ୩ଟା ୩୦ରେ ତିନି ଠାକୁରଙ୍କ ପହଣ୍ଡି କରାଯାଇଥିଲା। ପୁକାଲି ପଞ୍ଚାୟତର ଶିକ୍ଷକ ତଥା ରାଜା ବଂଶଧାରୀ ଏସ୍.ଆର୍.ଟି.ପି.ଭି. ଭୀମ ରାଜୁ ଛେରା ପହଁରା କରିଥିଲେ। ଏହାପରେ ଅପେକ୍ଷାରତ ଭକ୍ତମାନେ ୪ଟା ୩୦ରେ ରଥ ଟାଣିବା ଆରମ୍ଭ କରିବା ପରେ ବସ୍‌ଷ୍ଟାଣ୍ଡ ନିକଟରେ ରଥର ବାମପାଖ ଅଖ ଭାଙ୍ଗିଯାଇଥିଲା। ଫଳରେ ୨ ଘଣ୍ଟା ବିଳମ୍ବରେ ପୁଣି ଏକ ଟ୍ରଲି ସାହାଯ୍ୟରେ ରଥକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଭକ୍ତମାନେ ଟାଣିନେଇ ସନ୍ଧ୍ୟା ୬ଟା ୩୦ରେ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇଥିଲେ।



## ଆକର୍ଷଣ ସାଜିଲା ଖବରକାଗଜ ନିର୍ମିତ କୁନିରଥ

ଜୟପୁର,୪।୭(ଡି.ଏନ୍.ଏ.)

ଜୟପୁର ସହରର କେବିଏସ୍‌ଡି ରାସ୍ତାଦେଇ ତିନି ଠାକୁର ପହଣ୍ଡିରେ ମନ୍ଦିରରୁ ରଥପଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ସେହି ରାସ୍ତାରେ ପୁରୁଣା ଖବରକାଗଜରେ ନିର୍ମିତ ଏକ କୁନିରଥ ସମସ୍ତଙ୍କୁ ଆକୃଷ୍ଟ କରିଛି। ୮ବର୍ଷର ସହସ୍ରାଂଶୁ ପୂଜାରୀ ଏହା ତିଆରି କରିଛନ୍ତି। ନିର୍ମାଣ କାମରେ ସମସ୍ତ ସହାୟତା ତାଙ୍କ ପିଉସୀ ପୁଷ୍ପାଞ୍ଜଳି ତ୍ରିପାଠୀ କରିଥିବା ପରିବାର ଲୋକେ କହିଛନ୍ତି। କାଠରେ ନିର୍ମିତ ତିନି ଠାକୁର ବଡ଼ ରଥରେ ଏବଂ ମାର୍ବଲର ଛୋଟ ତିନି ଠାକୁରଙ୍କ ପ୍ରତିମୂର୍ତ୍ତି ସାନରଥରେ ବିରାଜମାନ କରିଛନ୍ତି । ଏହି ରଥ ନିର୍ମାଣରେ କେବଳ ପୁରୁଣା ଖବର କାଗଜ, ଅଠା ଓ ରଙ୍ଗ ବ୍ୟବହାର କରାଯାଇଛି । ମୁଖ୍ୟମନ୍ଦିରରେ ତିନି ଠାକୁରଙ୍କ ପହଣ୍ଡି ବେଳେ କୁନିରଥ ଦେଖିବାକୁ ସମସ୍ତଙ୍କର ବେଶ୍ ଆଗ୍ରହ ଜମିଥିଲା।



ସୁନାବେଡ଼ା ସହରରେ ରଥଯାତ୍ରା ।



ବୈପାରୀଗୁଡ଼ା



କୁନ୍ଦୁରା



ପଟ୍ଟାଙ୍ଗୀ ସଦରରେ ରଥାରୂଢ଼ ତିନିଠାକୁର ।



ନନ୍ଦପୁରରେ ଦେବୀ ସୁଭଦ୍ରାଙ୍କଚ ପହଣ୍ଡିରେ ନିଆଯାଉଛି ।



କୋଲାବନଗରରେ ଦେବୀ ସୁଭଦ୍ରାଙ୍କୁ ପହଣ୍ଡିକରି ନିଆଯାଉଛି ।



ଦାମନଯୋଡ଼ିରେ ମହିଳାନେ ରଥକୁ ଟାଣିନେଉଛନ୍ତି ।

## ବନ ମହୋତ୍ସବ ସପ୍ତାହରେ ଲାଗିଲା ୧୫୦ ଚାରା

ଜୟପୁର,୪।୭(ଡି.ଏନ୍.ଏ.)

ବନ ମହୋତ୍ସବ ସପ୍ତାହ ଅବସରରେ ଜୟପୁରସ୍ଥିତ ସିୱା ଯୁବ ସଂଗଠନ ପକ୍ଷରୁ ଦେଓଘାଟିସ୍ଥିତି ଅନୁସୂଚିତ ଜନଜାତି ଓ ଜାତି ବିଭାଗ ପରିଚାଳିତ ଉଚ୍ଚ ବିଦ୍ୟାଳୟରେ ବିଭନ୍ନ କିସମର ୧୫୦ଟି ଚାରା ରୋପଣ କରାଯାଇଛଇ। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଡିଏଫ୍‌ଓ ଅଶ୍ୱିନୀ କର ଯୋଗଦେଇ ଚାରା ରୋପଣ ଦ୍ୱାରା ବିଶ୍ୱ ଓ ପରିବେଶର ଉପକାର ହେବା ସହ ଜୀବଜଗତ ବଞ୍ଚାଇବାରେ ସହାୟକ ହେଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଏସିଏଫ୍ ଏମ୍. ମୋତିଲାଲ, ରେଞ୍ଜର ସନ୍ଦିପ ପାଣିଗ୍ରାହୀ, ପ୍ରଧାନ ଶିକ୍ଷୟିତ୍ରୀ ବବିତାରାଣୀ ସାହୁ, ଫରେଷ୍ଟର ପ୍ରଶାନ୍ତ ସାମନ୍ତରାୟ, ଦୁର୍ଯ୍ୟୋଧନ ଗଣ୍ଡ ଉପସ୍ଥିତ ଥିଲେ। ଚାରା ରୋପଣ ପରେ ଏହାର ରକ୍ଷଣାବେକ୍ଷଣ, ନିୟମିତ ଜଳ ଦେବା ପାଇଁ ସେମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସିୱା ସଭାପତି ଅଜୟ ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ, ଉପସଭାପତି ସୁଧାକର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଦାଶ, ପ୍ରଦୀପ୍ତ ସାହୁ, ଆନନ୍ଦ ମୁଦ୍ରା, ମୁରଲି ପଟ୍ଟନାୟକ, ଫଣି ତିୱାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅଞ୍ଚଳ ଗସ୍ତକରି ସମସ୍ୟା ଶୁଣିଲେ ବିଧାୟକ

ନନ୍ଦପୁର,୪।୭(ଡି.ଏନ୍.ଏ.)

ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ି ଗୁରୁବାର ରଥଯାତ୍ରା ଅବସରରେ ନନ୍ଦପୁର ଅଞ୍ଚଳ ଗସ୍ତକରି ଦଳୀୟ କର୍ମୀ ଏବଂ ସାଧାରଣ ଜନତାଙ୍କ ସହ ମିଶି ଅଞ୍ଚଳର ସମସ୍ୟା ଶୁଣିଛନ୍ତି। ପାଡୁଆ ଗ୍ରାମର ରଥଯାତ୍ରାରେ ସାମିଲ ହୋଇ ସେ ଲୋକଙ୍କ ସହ ଖୁସି ବାଣ୍ଟିଥିଲେ। ସେଠାରୁ ଫେରି ଥିବା ପଞ୍ଚାୟତ ଅନ୍ତର୍ଗତ ସାତସିମିଳି ଗ୍ରାମରେ ପହଞ୍ଚି ଲୋକଙ୍କ ସହ ମିଶିଥିଲେ। ବିଧାୟକ ଏପରି ହଠାତ୍ ପହଞ୍ଚି ଲୋକଙ୍କ ସହ ପ୍ରତ୍ୟକ୍ଷ ଭାବେ ଯୋଡ଼ିହେବା ସମସ୍ତଙ୍କୁ ପ୍ରଭାବିତ କରିଛି। ଗସ୍ତ ବେଳେ ବିଧାୟକଙ୍କ ସହ ରାଜ୍ୟ ଦଳିତ ସେଲ ପର୍ଯ୍ୟବେକ୍ଷକ ମହମ୍ମଦ ମୋବିନ ସାମିଲ ଥିଲେ।

## ପୃଥକ ଦୁର୍ଘଟଣା: ଜଣେ ମୃତ, ୬ ଗୁରୁତର

ସେମିଳିଗୁଡ଼ା,୪।୭(ସ୍ୱ.ପ୍ର.)

ସେମିଳିଗୁଡ଼ାର ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ଭେଣ୍ଡିଂ ଜୋନଠାରେ ମହିନ୍ଦ୍ରା ଭ୍ୟାନ୍‌କୁ ବାଇକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ ଆରୋହୀ ରିଙ୍କୁ ବେଣ୍ଡିନିଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତର ମୁଜାଙ୍ଗ ଗ୍ରାମର ସୁରେନ୍ଦ୍ର ପାଇକ, ଦୁର୍ଜୟ ପୂଜାରି ଓ କାର୍ତ୍ତିକ ମୁଦୁଲି। ଗୁରୁତରଙ୍କୁ ସୁନାବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ ଡାକ୍ତର ନ ଥିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା।

ଅନ୍ୟ ଏକ ଘଟଣାରେ ସେମିଳିଗୁଡ଼ା ଟିଭିଏସ୍ ଶୋରୁମ ସମ୍ମୁଖରେ ଟାଟା ମ୍ୟାଜିକ ସହ ଅଟୋ (ଓଡି୧୦ ଇ ୫୬୯୯)ର ଧକ୍କା ହୋଇଥିଲା। ଅଟୋ ଚାଳକ ନିଶା ସେବନ କରିଥିବାରୁ ଗାଡ଼ି ଭାରସାମ୍ୟ ହରାଇଥିଲା। ଏଥିରେ ଅଟୋରେ ଥିବା ପଟ୍ଟାଙ୍ଗି ବ୍ଲକର ଦେଓପଟ୍ଟାଙ୍ଗି ପଞ୍ଚାୟତ ଲିଙ୍ଗାମଗୁଡ଼ାର ଲିମ ଗେମେଲ, ସ୍ତ୍ରୀ ରଶ୍ମି ଗେମେଲ ଓ ୪ ବର୍ଷର ଝିଅ ରଜନି ଗେମେଲ ଆହାତ ହୋଇଛନ୍ତି। ସେହିପରି ଜଣେ ୪ ବର୍ଷର ଶିଶୁ ମଧ ଗୁରୁତର ହୋଇଛନ୍ତି।



“ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ମୃତ୍ୟୁ ରହସ୍ୟଜନକ ଥିଲା। ମୁଁ ତାଙ୍କୁ ହସ୍ପିଟାଲରେ ଦେଖି ନ ଥିଲି।

-ଓ. ପନିରସେଲ୍‌ଭାମ୍,
ତାମିଲନାଡୁର ଉପମୁଖ୍ୟମନ୍ତ୍ରୀ

# ବ୍ରିଟେନ କବ୍‌ଜାରେ ଇରାନର ‘ଗ୍ରେସ୍ ୧’

## ସିରିଆକୁ ୨୦ ଲକ୍ଷ ବ୍ୟାରେଲ୍ ତୈଳ ନେଉଥିଲା ସୁପରଟ୍ୟାଙ୍କର

- ଇୟୁର କଟକଣା ଉଲ୍ଲଂଘନ ଅଭିଯୋଗରେ ଜବତ
- ବ୍ରିଟେନ ରାଷ୍ଟ୍ରଦୂତଙ୍କୁ ସମନ କଲା ତେହେରାନ

ମାଦ୍ରିଦ୍,୪।୭ (ପି.ଟି.)

ୟୁରୋପୀୟ ସଂଘ (ଇୟୁ) ଦ୍ୱାରା ଜାରି କଟକଣା ଉଲ୍ଲଂଘନ କରିବା ଅଭିଯୋଗରେ ଇରାନର ଏକ ବିଶାଳ ତୈଳ ଜାହାଜ ଜିବ୍ରାଲ୍‌ଟରରେ ଧରାପଡ଼ିଛି। ଗ୍ରେସ୍ ୧ ନାମକ ଏହି ସୁପରଟ୍ୟାଙ୍କର ୨୦ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ କରି ସିରିଆକୁ ଯାଉଥିବାବେଳେ ଜିବ୍ରାଲ୍‌ଟର ପୋଲିସ ଓ ସୀମାଶୁଳ୍କ ସଂସ୍ଥା ଏହାକୁ ଜବତ କରିଛି। ଏହାର ପ୍ରତିବାଦରେ ବ୍ରିଟେନ୍ ରାଷ୍ଟ୍ରଦୂତଙ୍କୁ ତେହେରାନ୍ ସମନ କରିବା ପରେ କୂଟନୈତିକ ବିବାଦ ଉଠିଛି।

ଜିବ୍ରାଲ୍‌ଟର ହେଉଛି ସ୍ପେନ୍‌ର ଦକ୍ଷିଣ ଭାଗରେ ଥିବା ଏକ ଛୋଟ ପଥୁରିଆ ଭୂଖଣ୍ଡ, ଯାହା ଉପରେ ବ୍ରିଟେନର ଅଧିକାର ରହିଛି। ଇରାନ୍‌ର ଖର୍ଗ ଦ୍ୱୀପରୁ ଗ୍ରେସ୍ ୧ ଅଶୋଧିତ ତୈଳ ନେଇ ସିରିଆର ବାନ୍ୟାସ୍ ବିଶୋଧନାଗାରକୁ ଯାଉଥିବାବେଳେ ଗୁରୁବାର ଭୋର



ସମୟରେ ଭୂମଧ୍ୟସାଗର ଓ ଆଟଲାଣ୍ଟିକ୍ ମହାସାଗର ମଧ୍ୟରେ ଥିବା ଜିବ୍ରାଲ୍‌ଟର ପ୍ରଣାଳୀରେ ଧରାପଡ଼ିଛି। ଯୁଦ୍ଧ ପ୍ରଭାବିତ ସିରିଆ ଉପରେ ଇୟୁ ପକ୍ଷରୁ ଜାରି ହୋଇଥିବା କଟକଣା ଏହି ରିଫାଇନେରି ଉପରେ ମଧ୍ୟ ଲାଗୁ ହୋଇଛି। ତେଣୁ ବ୍ରିଟିଶ୍ ରୟାଲ୍ ମେରାଇନ୍‌ର ସହଯୋଗରେ ଏହି ତୈଳବାହୀ ଜାହାଜକୁ ଜବତ କରାଯାଇଛି ବୋଲି ଜିବ୍ରାଲ୍‌ଟର ମୁଖ୍ୟମନ୍ତ୍ରୀ ଫାବିଆନ୍ ପିକାର୍ଡୋ ସୂଚନା ଦେଇଛନ୍ତି। ସେପଟେ ତେହେରାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହି ଜାହାଜକୁ ଜବତ କରିବା ବେଆଇନ ବୋଲି ଦର୍ଶାଇ ବ୍ରିଟେନ ରାଷ୍ଟ୍ରଦୂତଙ୍କୁ ସମନ କରିବା ସହ ସ୍ପଷ୍ଟୀକରଣ ମାଗିଛି। ପ୍ରକାଶ ଯେ, ସିରିଆ ନାଗରିକଙ୍କୁ ହିଂସାତ୍ମକ ଉପାୟରେ ଦମନ କରୁଥିବାରୁ ୨୮ ରାଷ୍ଟ୍ରର ସଦସ୍ୟତା ବିଶିଷ୍ଟ ଇୟୁ ୨୭୭ ଏହାର ଅଧିକାରୀ ଓ ମନ୍ତ୍ରୀଙ୍କ ବିରୋଧରେ କଟକଣା ଜାରି କରିଛି।

## ସଂକ୍ଷେପରେ

### ଅଗଷ୍ଟ ୫ରେ ଭେଲୋର ଭୋଟ



**ଚେନ୍ନାଇ,୪।୭ :** ତାମିଲନାଡୁର ଭେଲୋର ଲୋକ ସଭା ଆସନ ଲାଗି ଅଗଷ୍ଟ ୫ ତାରିଖରେ ଭୋଟଗ୍ରହଣ କରାଯିବ। ଏନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ନିର୍ବାଚନ ପରେ ଅଗଷ୍ଟ ୯ରେ ଭୋଟଗଣତି କରାଯିବ ବୋଲି ଆୟୋଗ ଦର୍ଶାଇଛନ୍ତି। ଆଚରଣବିଧି ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଭେଲୋର ସଂସଦୀୟ ଆସନ ଲାଗି ଜୁଲାଇ ୧୮ରେ ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶେଷ ହେବ। ପ୍ରକାଶଥାଉ କି, ଏହି ଆସନ ଲାଗି ଗତ ଏପ୍ରିଲ ୧୮ରେ ଭୋଟଗ୍ରହଣ କରାଯିବା ଲାଗି ଦିନ ଧାର୍ଯ୍ୟ ହୋଇଥିଲା। ତେବେ ନିର୍ବାଚନ ଠିକ୍ ପୂର୍ବରୁ ପ୍ରଚୁର ଟଙ୍କା ଜବତ କରାଯିବା ପରେ ଏହି ନିର୍ବାଚନକୁ ରଦ୍ଦ କରାଯାଇଥିଲା।

# ଉଦୟନିଧି ଷ୍ଟାଲିନ ଡିଏମ୍‌କେ ଯୁବ ଶାଖା ମୁଖ୍ୟ


ଚେନ୍ନାଇ,୪।୭

ଡିଏମ୍‌କେ ମୁଖ୍ୟ ଏମ୍. କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ଷ୍ଟାଲିନ୍ (୪୨) ଦଳର ଯୁବ ଶାଖା ମୁଖ୍ୟଭାବେ ନିଯୁକ୍ତି ପାଇଛନ୍ତି। ଦୀର୍ଘ ୩୫ ବର୍ଷ



ବାପା ରହିଥିବା ପଦବୀରେ ତାଙ୍କୁ ନିଯୁକ୍ତି ଦିଆଯିବା ସହ ଦଳର ଯୁବ ଶାଖା ସମ୍ପାଦକଭାବେ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। କରୁଣାନିଧି ପରିବାରର ଚତୁର୍ଥ ସଦସ୍ୟଭାବେ ଉଦୟନିଧି ଏଭଳି ମୁଖ୍ୟ ପଦରେ ରହିଛନ୍ତି। ଗତ ମାସରେ ବ୍ୟକ୍ତିଗତ କାରଣରୁ ଏହି ପଦରୁ ଭେଲାକୋଭିଲ୍ ସାମିନାଥନ୍ ଇସ୍ତଫା ଦେଇଥିଲେ।

ଗତ ଦୁଇ ଦଶନ୍ଧି ଧରି ରାଜନୀତି ସହ ଉଦୟନିଧି ଜଡ଼ିତ ଥିଲେ। ସାଧାରଣ ନିର୍ବାଚନ ବେଳେ ସେ ଦଳର ଜଣେ ଷ୍ଟାର ପ୍ରଚାରକଭାବେ କାର୍ଯ୍ୟ କରିଥିଲେ। ଜଣେ ଅଭିନେତାଭାବେ ମଧ୍ୟ ସେ ବେଶ ପରିଚିତ। ତେବେ ତାଙ୍କ ନିଯୁକ୍ତିକୁ ନେଇ ବିରୋଧୀ ଦଳ ପକ୍ଷରୁ ପରିବାରବାଦ କଥା ଉଠାଯାଇଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ। ସ୍ଥାନୀୟ ଅଞ୍ଚଳ–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୪.୮ |
| ଚାନ୍ଦବାଲି | ୩୩.୪ | ୨୬.୪ |
| କଟକ | ୩୧.୬ | ୨୩.୮ |
| ପାରାଦ୍ୱୀପ | ୩୧.୬ | ୨୫.୯ |
| ଭୁବନେଶ୍ୱର | ୩୨.୨ | ୨୫.୬ |
| ଗୋପାଳପୁର | ୩୧.୪ | ୨୮.୦ |
| ପୁରୀ | ୩୨.୦ | ୨୬.୨ |
| ଅନୁଗୋଳ | ୩୦.୧ | ୨୧.୬ |
| ବାରିପଦା | ୩୨.୪ | ୨୬.୬ |
| ଝାରସୁଗୁଡ଼ା | ୨୭.୪ | ୨୪.୯ |
| କେନ୍ଦୁଝର | ୨୭.୨ | ୨୨.୯ |
| ସମ୍ବଲପୁର | ୨୬.୮ | ୨୪.୫ |
| ସୁନ୍ଦରଗଡ଼ | ୨୭.୦ | ୧୮.୫ |
| ହୀରାକୁଦ | ୨୬.୪ | ୨୪.୭ |
| ତାଳଚେର | --- | ୨୩.୪ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୨୯.୦ | ୨୫.୦ |
| କୋରାପୁଟ | ୨୬.୦ | ୨୦.୪ |
| ଫୁଲବାଣୀ | ୨୬.୫ | ୨୩.୦ |
| ଟିଟିଲାଗଡ଼ | ୨୬.୨ | ୨୧.୦ |
| ମାଲକାନଗିରି | ୩୨.୦ | ୧୯.୮ |
| ସୋନପୁର | ୨୯.୬ | ୨୧.୬ |
| ଦାରିଙ୍ଗିବାଡ଼ି | ୨୫.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଗଣିଆରେ ଦି'ଗୁଣ ସରେ**
**ଆଟିକା ଚୁହାଁର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଣ୍ଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ପିତା, ପଢ଼ିବ ଗୀତା**
**ତେବେ ସେ ହୋଇବ ଜଗତଜିତା ।**

ପିତା ଖାଇବା ଉଚିତ। ପିତା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ହୋଇଥାଏ। ସେହିପରି ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ‘ମିଶନ୍ ମଙ୍ଗଲ୍’ର ବୈଜ୍ଞାନିକ ଭୂମିକାରେ ଅକ୍ଷୟ

**ମୁମ୍ବାଇ:** ସ୍ପେସ୍ ଡ୍ରାମା ‘ମିସନ୍ ମଙ୍ଗଲ୍’ରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଜଣେ ବୈଜ୍ଞାନିକ ଭୂମିକା ନେଇଥିବା ବେଳେ ଏହା ତାଙ୍କ ଝିଅ ବୟସର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି। ଏହି ଫିଲ୍ମ ଦର୍ଶକଙ୍କୁ ବିଜ୍ଞାନ ପ୍ରତି ଯେତିକି ଅନୁପ୍ରେରିତ କରିବ ଚିତ୍ତବିନୋଦନ ପାଇଁ ସେତିକି ସହାୟକ ହେବ ବୋଲି ଅକ୍ଷୟ ଆଶା ରଖିଛନ୍ତି। ମଙ୍ଗଳକୁ ଭାରତ ମିଶନ୍‌ର ସତ୍ୟ କାହାଣୀକୁ ଭିତ୍ତିକରି ଏହା ଗତିଶୀଳ ହୋଇଥିବା ଅକ୍ଷୟ ଗୁରୁବାର ଟୁଇଟ୍ କରିଛନ୍ତି। ଏହି ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଭୂମିକାରେ ଅଛନ୍ତି ବିଦ୍ୟା ବାଲାନ୍, ତାପସୀ ପନ୍ନୁ, କୀର୍ତ୍ତି କୁହ୍ଲାରି ଏବଂ ନିତ୍ୟା ମେନନ୍। ଫକ୍ସ ଷ୍ଟାର ହିନ୍ଦୀର ଅଫିସିଆଲ ଟୁଇଟର ପୃଷ୍ଠାରେ ମଧ୍ୟ ଅକ୍ଷୟଙ୍କୁ ପ୍ରଶଂସା କରାଯାଇଛି। ଏଥିରେ କୁହାଯାଇଛି, ‘ଏହି ଅବିଶ୍ୱାସ୍ୟ ଯାତ୍ରାପଥରେ ଅଂଶୀଦାର ହୋଇଥିବାରୁ ଅକ୍ଷୟଙ୍କୁ ଧନ୍ୟବାଦ। ଆଗାମୀ ପିଢ଼ିକୁ ଅନୁପ୍ରେରିତ କରିବା ପାଇଁ ଏହାଠୁ ଅଧିକ କ’ଣ ଭଲ ଆମେ ଭାବିପାରୁ ନାହୁଁ। ମଙ୍ଗଳକୁ ଭାରତ ଅଭିଯାନର ସତ୍ୟ କାହାଣୀ ଉନ୍ମୋଚନ ପାଇଁ ପ୍ରସ୍ତୁତ ରହନ୍ତୁ।’



# ଏଚ୍.କେ. କୁମାରସ୍ୱାମୀ କର୍ଣ୍ଣାଟକ ଜେଡିଏସ୍ ମୁଖ୍ୟ



**ବେଙ୍ଗାଲୁରୁ,୪।୭ :** ଜେଡିଏସ୍ ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ାଙ୍କ ଉପସ୍ଥିତିରେ ଏଚ୍. କେ. କୁମାରସ୍ୱାମୀଙ୍କୁ ଗୁରୁବାର କର୍ଣ୍ଣାଟକ ୟୁନିଟ୍‌ର ସଭାପତିଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଏ. ଏଚ୍. ବିଶ୍ୱନାଥନ୍ ଏହି ଗୁରୁଦାୟିତ୍ୱ ବହନ କରୁଥିଲେ। ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ଲାଗି ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ ଦଳର କାର୍ଯ୍ୟକାରୀ ସଭାପତିଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ. ବାଙ୍ଗରାପ୍ପାଙ୍କ ପୁଅ ମଧୁ ବାଙ୍ଗରାପ୍ପା ଓ ଯୁବ ଶାଖା ମୁଖ୍ୟଭାବେ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀଙ୍କ ପୁଅ ନିଖିଲ କୁମାରସ୍ୱାମୀଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ସୁପ୍ରିମୋ ଏଚ.ଡି. ଦେବେଗୌଡ଼ା ଏନେଇ ଘୋଷଣା କରିଛନ୍ତି।

## [ଇତିହାସର ଆଇନାରେ]

### ଜୁଲାଇ ୫ର ପ୍ରମୁଖ ଘଟଣା

୧୯୯୫ ଜୁଲାଇ ୫ରେ ଆର୍ମେନିଆ ସାଧାରଣତନ୍ତ୍ର ଏହାର ସମ୍ବିଧାନ ଗୃହୀତ କରାଇଥିଲା। ୪ବର୍ଷ ପୂର୍ବରୁ ସୋଭିଏଟ୍ ୟୁନିୟନ୍‌ଠାରୁ ଏହା ସ୍ୱାଧୀନତା ଲାଭ କରିଥିଲା। ୟୁରେସିଆର ଦକ୍ଷିଣ କକେସସ୍ ରିଜିୟନ୍‌ରେ ଆର୍ମେନିଆ ଏକ କ୍ଷୁଦ୍ର ଦେଶ। ଏହାର ପଶ୍ଚିମରେ ତୁର୍କୀ, ଉତ୍ତରରେ ଜର୍ଜିଆ, ପୂର୍ବରେ ଆଜରବୈଜାନ୍ ଏବଂ ଦକ୍ଷିଣରେ ଇରାନ୍ ରହିଛି।

୨୦୧୨ ଜୁଲାଇ ୫ରେ ଲଣ୍ଡନର ଉଚ୍ଚତମ ଅଟ୍ଟାଳିକା ଶାର୍ଡ ଉଦ୍‌ଘାଟିତ ହୋଇଥିଲା। ଏହାର ଉଚ୍ଚତା ୩୧୦ ମିଟର(୧,୦୨୦ ଫୁଟ)। ଏହା ୟୁରୋପିୟାନ୍ ୟୁନିୟନ୍‌ର ସର୍ବୋଚ୍ଚ ଏବଂ ୟୁରୋପର ପଞ୍ଚମ ସର୍ବୋଚ୍ଚ ଅଟ୍ଟାଳିକା। ଏହି ନଭଶ୍ଚୁମ୍ବୀ ଅଟ୍ଟାଳିକାର ଡିଜାଇନ୍ ପ୍ରସ୍ତୁତ କରିଥିଲେ ଇଟାଲୀୟ ସ୍ଥପତି ରେଞ୍ଜୋ ପିଆନୋ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

See Color Display Classified on every Tuesday & Friday

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସ୍ୱାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820


ଝରିଗାଁଠାରେ ରଥ ଉପରେ ୩ ଠାକୁର।


ନବରଙ୍ଗପୁର ସହରରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି।


ତେନ୍ତୁଳିଖୁଣ୍ଟିରେ ରଥ ଉପରେ ତିନି ଠାକୁର।

# ଭକ୍ତ-ଭଗବାନ ଏକାଠି

**ନବରଙ୍ଗପୁର/ଝରିଗାଁ/ପାପଡାହାଣ୍ଡି/ କୋଷାଗୁମୁଡା/ତେନ୍ତୁଳିଖୁଣ୍ଟି/ ଡାବୁଗାଁ/ରାଇଘର,୪।୭ (ବି.ପ୍ର/ସ୍ୱ.ପ୍ର/ଡି.ଏନ.ଏ)**

ବହୁ ଆଡମ୍ବରରେ ନବରଙ୍ଗପୁରରେ ଶ୍ରୀଜୀଉଙ୍କ ରଥଯାତ୍ରା ଗୁରୁବାର ପାଳିତ ହୋଇଛି । ରଥ ପ୍ରତିଷ୍ଠା ପୂଜାର୍ଚ୍ଚନା ପରେ ତିନିଠାକୁରଙ୍କୁ ମନ୍ଦିରରୁ ପହଣ୍ଡିବିଜେ କରାଯାଇ ରଥ ଉପରକୁ ଅଣାଯାଇଥିଲା । ରାଜପୁରୋହିତ ନରସିଂହ ତ୍ରିପାଠୀ ଛେରା ପହଁରା କରିଥିଲେ । ଜିଲାପାଳ ଅଜିତ କୁମାର ମିଶ୍ର ନଡିଆ ଭାଙ୍ଗି ପୂଜା କରିବା ପରେ ରଥ ଟଣା ଆରମ୍ଭ ହୋଇ ସାଢେ ୫ଟାରେ ମାଉସୀ ମାଆ ମନ୍ଦିର ନିକଟରେ ପହଞ୍ଚିଥିଲା । ତିନିଠାକୁରଙ୍କୁ ମାଉସୀ ମା'ମନ୍ଦିର ଭିତରକୁ ପହଣ୍ଡି କରି ନିଆଯାଇଥିଲା । ରଥଯାତ୍ରାରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଏସପି ନିତିନ କୁସାଲକର, ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି, ଏସଡିପିଓ ବି.କେ. ନାୟକ, ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଏସଆଇ ଦେବଦତ୍ତ ମଲ୍ଲୀକ,ଏସଆଇ ନିଳିମା ପାଣିଗ୍ରାହୀ, ସୁଚିତ୍ରା ଜୟସିଂ, ଏଏସଆଇ.ଅଶୋକ କୁମାର ଦେଓ , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ, ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ, ବିଜେଡି ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ବଣିକ ସଂଘସଭାପତି ସୁଶିଲ ଜୈନ, ନିୟନ୍ତ୍ରତ ବଜାର କମିଟି ସମ୍ପାଦକ ଅବକାଶ ବେହେରା, ବିଡିଓ ଲଳିତ କୁମାର ମଣ୍ଡଳ, ଭାଜପାର ଗୌରୀ ଶଙ୍କର ମାଝି ଉପସ୍ଥିତ ଥିଲେ । । ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତି ନେଇ ଧାରା ବିବରଣୀ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ତେବେ ରଥ ଟଣାଯିବା ସମୟରେ ପୁରୁଣା ଦୌଡି ବ୍ୟବହାର କରାଯାଇଥିବାରୁ ୩ ଥର ଛିଣ୍ଡି ଯାଇଥିଲା । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଜଗନ୍ନାଥ ମନ୍ଦିରରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ସିସିଟିଭି ଲଗାଯାଇଥିଲା। ଝରିଗାଁ ବ୍ଲକରେ ଚଚା, ଛୋଟାଗୁଡା ଏବଂ ଝରିଗାଁ ସଦର ମହକୁମାରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମେ ଧାଡି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ରଥରେ ବିଜେ କରିବା ପରେ ଶେଷ ହୋଇଥିଲା ମଦନମୋହନ ବିଜେ ନୀତି। ଝରିଗାଁ ଠାରେ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ ରଥରେ ଛେରାପହଁରା କରିଥିଲେ। ଏହାପରେ ରଥ ଟଣା ହୋଇ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା। ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ତିନି ଠାକୁରଙ୍କୁ ରତ୍ନ ବେଦୀରୁ ପହଣ୍ଡି କରି ରଥାରୁଢ଼ କରାଯାଇଥିଲା । ରାଜା ଲକ୍ଷ୍ମଣ ରଥ ଛେରା ପହଁରା କରିଥିଲେ। ପରେ ରଥ ଟଣା ହୋଇ ମାଉସୀମା ଘରେ ପହଞ୍ଚିଥିଲା। ସେହିପରି ବ୍ଲକର ମଇଦଳପୁର ଓ ମୋକିଆରେ ମଧ୍ୟ ରଥଯାତ୍ରା ପାଳିତ ହୋଇଛି।

କୋଷାଗୁମୁଡା ସଦର ମହକୁମା ଜଗନ୍ନାଥ ମନ୍ଦିର ରଥଯାତ୍ରା ପାଳିତ ହୋଇଛି। ଏଥିରେ କୋଷାଗୁମୁଡା ଜଗନ୍ନାଥ ମନ୍ଦିର କମିଟି ସଭାପତି ଛେରପହଁରା କରିଥିଲେ। , ଉକିଆପାଲ୍ଲୀ ପଞ୍ଚାୟତର ବରଗାଁଠାରେ ରଥରେ ଉକିଆପାଲ୍ଲୀ ସରପଞ୍ଚ ଛେରାପହଁରା କରିଥିଲେ। ସଂକିର୍ତ୍ତନ ଦଳ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇ ରଥଟଣା ଯାଇଥିଲା। ତେନ୍ତୁଳିଖୁଣ୍ଟି ବ୍ଲକର ଖାତିଗୁଡା, ଝରିଗୁମ୍ମା, ଅଞ୍ଚଳଗୁମ୍ମାରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଖାତିଗୁଡା ଗୋପାଳ ଶ୍ରୀକ୍ଷେତ୍ରରେ ଗୋପାଳ କୃଷ୍ଣ ଭଞ୍ଜ ଛେରାପହଁରା କରିଥିଲେ। ସେହିପରି ଅଞ୍ଚଳଗୁମ୍ମା ରଥରେ ଛେରାପହଁରା ଭାଗୀରଥି ଚୌଧୁରୀ କରିଥିଲେ। ଡାବୁଗାଁ ବ୍ଲକ ସଦରମହକୁମାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରରେ ୩ ଠାକୁରଙ୍କ ରୀତିନୀତି ପରେ ପହଣ୍ଡି କରି ରଥକୁ ନିଆଯାଇଥିଲା । ପୂଜକ ନବୀନ ପାଢୀ ପୂଜାର୍ଚ୍ଚନା କରିଥିଲେ । ଏଥିରେ ଦଇତାପତି ଭାବେ ଯୁରେଶ୍ୱର ପଣ୍ଡା, ସନତ କୁମାର ନାୟକ, ତ୍ରିନାଥ ଦାଶ, ନୀଳକଣ୍ଠ ମହାପାତ୍ର ଓ ପ୍ରଦୀପ ସାହୁ ପ୍ରମୁଖ ୩ ଠାକୁରଙ୍କୁ ପହଣ୍ଡି କରାଇଥିଲେ। ଡାବୁଗାଁ ତହସିଲଦାର ସୁବାସ ସିଂ ରଥରେ ଛେରା ପହଁରା କରିଥିଲେ। କୁନୁ ପାତ୍ର ଡାହୁକ ଡାକଦେବାପରେ ଭକ୍ତମାନେ ରଥ ଟାଣି ନେଇଥିଲେ । ଭଗବାନ ଖୁଣ୍ଟିଆ ନନ୍ଦିଘୋଷ ରଥର ସାରଥି ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ରଥ ମାଉସୀମା ମନ୍ଦିରରେ ପହଞ୍ଚିଥିଲା । ଡାବୁଗାଁ ବ୍ଲକର ଚଚରାଗୁଡା ପଞ୍ଚାୟତ ଅଧୀନ ପୋଖନାଗୁଡା ଗ୍ରାମରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଇଘରରେ ରଥ ଯାତ୍ରା ପାଳିତ ହୋଇଯାଇଛି। ରାଇଘର ତହସିଲଦାର ଦେବୀ ପ୍ରସାଦ ଟାଲି ଛେରା ପହରା କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ପରେ ରଥ ଟଣା ଆରମ୍ଭ ହୋଇଥିଲା ସନ୍ଧ୍ୟାରେ ମାଉସି ମା' ମନ୍ଦିର ରଥ ପହଞ୍ଚିଥିଲ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ରଥ ଯାତ୍ରାରେ ଯୋଗ ଦେଇଥିଲେ।


ପାପଡାହାଣ୍ଡିରେ ମହିଳାମାନେ ରଥ ଟାଣିବାକୁ ପ୍ରସ୍ତୁତ ହେଉଛନ୍ତି।


ରାଇଘରଠାରେ ଭକ୍ତମାନେ ରଥ ଟାଣୁଛନ୍ତି।


ଡାବୁଗାଁରେ ବଳଦେବଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।


କୋଷାଗୁମୁଡାଠାରେ ରଥରେ ୩ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଉଛି।

■ ରାସ୍ତା କାଦୁଅ ପଚପଚ, ବାଟରେ ଅଟକିଲା ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ପ୍ରସୂତି

**ଝରିଗାଁ,୪।୭(ସ୍ୱ.ପ୍ର)**

ସାମାନ୍ୟ ବର୍ଷାରେ ରାସ୍ତା କାଦୁଅରେ ପଚପଚ। ଜରୁରିକାଳୀନ ରୋଗୀ, ଗର୍ଭବତୀଙ୍କୁ ଆଣିବା ପାଇଁ ଗାଁରେ ପହଞ୍ଚିପାରୁନି ଆମ୍ବୁଲାନ୍ସ। ଅଧା ବାଟରେ ଅଟକି ରହୁଛି। ପ୍ରସୂତିଙ୍କୁ ପ୍ରସବ ପାଇଁ ଡାକ୍ତରଖାନା ନେବା ଲାଗି ସମ୍ପର୍କୀୟମାନେ ଗାଁରୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣୁଛନ୍ତି। ଏହିପରି ଏକ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତରେ ଗୁରୁବାର ଦେଖିବାକୁ ମିଳିଛି । ଏହି ପଞ୍ଚାୟତର ବାଘଡଙ୍ଗରୀ ଗ୍ରାମର ଦୃପତି ପୂଜାରୀ(୨୫)ଙ୍କ ପ୍ରସବ ଯନ୍ତ୍ରଣା ଗୁରୁବାର ପୂର୍ବାହ୍ଣ ୧୦ଟାରେ ହୋଇଥିଲା। ହେଲେ ଗାଁକୁ ମୋବାଇଲ ସେବା ନଥିବା ଯୋଗୁ ପରିବାର ଲୋକେ ଗାଁ ବାହାରେ ଗୋଟିଏ ଉଚ୍ଚ ସ୍ଥାନରେ ରହି ୧୦୮ ଆମ୍ବୁଲାନ୍ସକୁ ବହୁ କଷ୍ଟରେ ମଧ୍ୟାହ୍ନ ୧୨ଟାରେ ଯୋଗାଯୋଗ କରିଥିଲେ। ଅପରାହ୍ନ ୩ଟାରେ ଆମ୍ବୁଲାନ୍ସଟି ରାସ୍ତା ଖରାପ ରହିଥିବା ଯୋଗୁ ବାଘଡଙ୍ଗରୀ ଗ୍ରାମକୁ ନଯାଇ ଯୋଡାଆମ୍ବ ଛକ ନିକଟରେ ଅଟକି ରହିଥିଲା। ଏହାପରେ କୌଣସି ପ୍ରକାରରେ ଆମ୍ବୁଲାନ୍ସ କର୍ମଚାରୀ ମାନେ ଦୃପତିଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ଦୃପତିଙ୍କୁ ଏକ ଖଟିଆରେ ପରିବାର ଲୋକେ ବୋହି ପ୍ରାୟ ୧ କି.ମି. କାଦୁଅ ପଚପଚ ରାସ୍ତା ଅତିକ୍ରମ କରି ଆମ୍ବୁଲାନ୍ସ ନିକଟରେ ପହଞ୍ଚି ଥିଲେ। ଏହାପରେ ଦୃପତିଙ୍କୁ ୧୦୮ଆମ୍ବୁଲାନ୍ସରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଦୃପତି ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଛନ୍ତି। ସରକାରଙ୍କ ଯୋଜନା ଆସୁଛି ହେଲେ ଦୁର୍ଗମ ଅଞ୍ଚଳ ଗ୍ରାମରେ ମାଟିରାସ୍ତା କାମରେ ସୀମିତ ରହୁଛି। ଅଳ୍ପ ବର୍ଷା ହେଲେ ସେହି ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ଭରସା ଏବେ ମଧ୍ୟ ଭଗବାନଙ୍କ ଉପରେ ରହିଛି। ପ୍ରାପ୍ତ ଖବରରୁ ଜଣାପଡିଛି ଯେ ଅଳ୍ପ ବର୍ଷା ହେଲେ ଚକଲାପଦର ପଞ୍ଚାୟତର ବହୁ ଗ୍ରାମ ଅଛି ଯେଉଁଠିକି ଚାଲି ଯିବା କଷ୍ଟକର ହୋଇଅଛି।


ପ୍ରସୂତିଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଅଣାଯାଉଛି।


ବୃକ୍ଷ ରୋପଣ ସମୟରେ ଉପସ୍ଥିତ ଅତିଥି ଓ ଛାତ୍ରୀ ।

## ୩୦୦ ଚାରା ରୋପଣ

**ପାପଡାହାଣ୍ଡି, ୪।୭(ଡି.ଏନ.ଏ )**

ପାପଡାହାଣ୍ଡି ବ୍ଲକ ଦଲେଇଗୁଡା ମିନି ଷ୍ଟାଡିୟମରେ ଗୁରୁବାର ଚାରାରୋପଣ କରାଯାଇଥିଲା। ବନ ବିଭାଗ, ସାମାଜିକ କର୍ମୀ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ମିଳିତ ଆନୁକୂଲ୍ୟରେ ୩୦୦ ଚାରାରୋପଣ କରାଯାଇଥିଲା। ଦେବଦାରୁ, କରଞ୍ଜ, ଲିମ୍ବ, ଯାମୁକୋଳି, କୃଷ୍ଣ ଚୁଡା, ରାଧା ଚୁଡା ଆଦି ବିଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା। ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦ, ଫରେଷ୍ଟର ତଡ଼ିତ ସ୍ୱାଇଁ, ଗାର୍ଡ ଲକିରାମ ମାଝୀ, ହରିଶ୍ଚନ୍ଦ୍ର ରନ୍ଧାରୀ, ସୁନୀଲ ବେହେରା, ରଞ୍ଜିତା ମହାପାତ୍ର, ସାମାଜିକ କର୍ମୀ ଲାଲ ମହମ୍ମଦ ଖାନ, ସୁଶାନ୍ତ ବେହେରା, ରମେଶ ସତନାମୀ, ଶିକ୍ଷକ ସଂଜୀବ ପଣ୍ଡା ଉପସ୍ଥିତ ଥିଲେ।


ବିଚାରକମଣ୍ଡଳୀଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲାସ୍ତରୀୟ ପ୍ରତିଯୋଗିତା

**ନବରଙ୍ଗପୁର,୪।୭(ବି.ପ୍ର.)**

### ପ୍ରଥମ କୃତୀ ପ୍ରତିଯୋଗୀ ରାଜ୍ୟ ସ୍ତରରେ ଭାଗ ନେବେ

ଆସନ୍ତା ୨୫ ତାରିଖରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ପାଳନ ହେବ। ଏହି ଅବସରରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା, ପ୍ରବନ୍ଧ, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏକାଡେମୀ ଦ୍ୱାରା ଏଅଞ୍ଚଳର ଦିବଂଗତ ସାରସ୍ୱତ ସାଧକ ସାହିତ୍ୟିକ ଭାଗିରଥି ପାତ୍ର, କବି ତ୍ରିପୁରାରୀ ତ୍ରିପାଠୀ, ଘନ ବେହେରା, ମଞ୍ଜୁଘୋଷ ତ୍ରିପାଠୀଙ୍କ ଉପରେ ବକ୍ତୃତା ଓ ପ୍ରବନ୍ଧ ଆଧାରିତ ହୋଇଥିଲା । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା ଓ ଜିଲା ସଂସ୍କୃତି ଅଧିକାରୀ ହଳଧର ନିଆଳଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ଉଚ୍ଚ ମାଧ୍ୟମିକ ସ୍କୁଲ ଓ ଉଚ୍ଚବିଦ୍ୟାଳୟ ସ୍ତରରେ କ ଏବଂ ଖ ବିଭାଗରେ ବିଭକ୍ତ କରାଯାଇଥିଲା । କନିଷ୍ଠ 'କ' ବିଭାଗରେ ୬ଷ୍ଠ ଓ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିଲା । ବକ୍ତୃତାରେ ସୁହାନୀ ଅଗ୍ରୱାଲ ପ୍ରଥମ, ପ୍ରତ୍ୟାଶା ଜେନା ଦ୍ୱିତୀୟ, ପ୍ରଥମେଶ ପଣ୍ଡା ତୃତୀୟ ସ୍ଥାନ ପାଇଥିଲେ । ପ୍ରବନ୍ଧରେ ଝଙ୍କାର ଭତ୍ରା ପ୍ରଥମ, ଦିପ୍ତୀ ପ୍ରଧାନ ଦ୍ୱିତୀୟ, ଭପାଲ ମହାଙ୍କୁଡ ତୃତୀୟ ସ୍ଥାନ ପାଇଥିଲେ। କବିତା ଆବୃତ୍ତିରେ ସୁଭାଙ୍ଗୀ ପ୍ରହରାଜ ପ୍ରଥମ, ମେରିଲିନ ଧାନଫୁଲ ଦ୍ୱିତୀୟ, ତନୁଷା ପାଣିଗ୍ରାହୀ ତୃତୀୟ ସ୍ଥାନ ପାଇଥିଲେ । ସାଧାରଣ ଜ୍ଞାନରେ ଆଦର୍ଶ ରଂଜନ ନାୟକ ପ୍ରଥମ, ପ୍ରଜ୍ଞା ଭଞ୍ଜ ଦ୍ୱିତୀୟ, ପ୍ରଥମେଶ ପଣ୍ଡା ତୃତୀୟ ସ୍ଥାନରେ ରହିଥିଲେ। ବରିଷ୍ଠ 'ଖ' ବିଭାଗରେ ୮ମରୁ ୧୦ ପର୍ଯ୍ୟନ୍ତ ରହିଥିଲା । ବକ୍ତୃତାରେ ପୂର୍ବାଶା ଲେଙ୍କା ପ୍ରଥମ, ପ୍ରିୟଙ୍କା ନାୟକ ଦ୍ୱିତୀୟ, ସରୂପା ଅନନ୍ୟା ପାତ୍ର ତୃତୀୟ, ପ୍ରବନ୍ଧରେ ଲିପସା କର ପ୍ରଥମ, ଶୁଭଲକ୍ଷ୍ମୀ ଚୌଧୁରୀ ଦ୍ୱିତୀୟ, ଚିନ୍ମୟୀ ଜାନୀ ତୃତୀୟ ସ୍ଥାନ ପାଇଛନ୍ତି । କବିତା ଆବୃତ୍ତିରେ ଭବାନୀ ପାଢୀ ପ୍ରଥମ, ସୁନନ୍ଦିତା ହିଆଲ ୨ୟ, ତମନ୍ନା ବୈରାଗୀ ତୃତୀୟ ସ୍ଥାନ ପାଇଛନ୍ତି । ସାଧାରଣ ଜ୍ଞାନରେ ଏଚ.ପି. ସ୍ମାରକୀ ପ୍ରିୟ ଦର୍ଶନୀ ପ୍ରଥମ, ପୂର୍ବାଷା ଲେଙ୍କା ଦ୍ୱିତୀୟ, ପ୍ରିୟଙ୍କା ପ୍ରିୟ ଦର୍ଶନୀ ମଲ୍ଲିକ ତୃତୀୟ ସ୍ଥାନ ପାଇଛନ୍ତି । ଏହି ପ୍ରତିଯୋଗୀତାରେ ବିଚାରକ ଭାବେ ଜଗଦିଶ ତ୍ରିପାଠୀ, ଅଶୋକ ପଟ୍ଟନାୟକ, ରତିକାନ୍ତ ଦୁବେ, ଦୁର୍ଗା ପ୍ରସାଦ ପାଢୀ, ରାମ ପ୍ରସାଦ ପାତ୍ର, ସତ୍ୟେନ୍ଦ୍ର ନାରାୟଣ ଦାଶ, ପ୍ରଦୀପ ନନ୍ଦ, ଡଃ. ସାଇ ରମେଶ ରାଓ, ସହଦେବ ପରିଡା, ପର୍ଶୁରାମ ସାହୁ, ବୁଲୁ ହୋତା ଓ ହଳଧର ନିଆଳ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ପ୍ରତିଯୋଗୀତା ମନୋଭାବ ଛାତ୍ରୀ ଛାତ୍ରଙ୍କୁ ଲକ୍ଷ୍ୟ ସିଦ୍ଧ କରାଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅଜିତ ପ୍ରଧାନ, ରଜେନ୍ଦ୍ର ମାଝୀ, ଏ. ସନ୍ତୋଷ କୁମାର, ନିଳକଣ୍ଠ ନାୟକ ପରିଚାଳନା କରିଥିଲେ । ପ୍ରଥମ ବିବେଚିତ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଜୁଲାଇ ୭ ଓ ୧୪ ତାରିଖରେ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ।

## ସଂକ୍ଷେପରେ

### ନିରନ୍ତର ମୋବିଲିଟି ଇ-ଯାନ



ସର୍ଭେ ରିପୋର୍ଟରେ ନିରନ୍ତର ମୋବିଲିଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ପରବର୍ତ୍ତୀ ପିଢ଼ୀର ନିରନ୍ତର ମୋବିଲିଟି ଭାବେ ଦେଶ ମଧ୍ୟରେ ଇ-ଯାନ ଚଳାଚଳକୁ ପ୍ରାଥମିକତା ଦିଆଯିବା ଉପରେ ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ବଜାରକୁ ସୁହାଇଲା ଭଳି ନୀତି ଏବଂ ଯାନଗୁଡ଼ିକର ଓନରଶିପ ଖର୍ଚ୍ଚ ଯେଭଳି କମ୍ ରହିବ ତାକୁ ଧ୍ୟାନରେ ରଖିବା ଉଚିତ ବୋଲି ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ହେଲେ ଲୋକମାନେ ଇ-ଯାନ କିଣିବା ଲାଗି ଆଗଭର ହେବେ। ବର୍ତ୍ତମାନର ପ୍ରଚଳିତ ଯାନଗୁଡ଼ିକ ଲାଗି ଏହା ବିକଳ୍ପ ହୋଇପାରିବ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

### ଅବସର ବୟସସୀମା ବଢ଼ାଇବାକୁ ପରାମର୍ଶ

ସର୍ଭେ ରିପୋର୍ଟ ଅନୁସାରେ ଚାକିରି କ୍ଷେତ୍ରରେ ଅବସର ବୟସସୀମା ବୃଦ୍ଧି କରାଯାଇପାରେ। କାରଣ ଦେଶରେ ମହିଳା ଓ ପୁରୁଷଙ୍କ ଜୀବନ ପ୍ରତ୍ୟାଶା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ଦେଶ ଆଧାରରେ ଅବସର ବୟସସୀମା ବୃଦ୍ଧି କରାଯାଇପାରେ ବୋଲି ପରାମର୍ଶ ଦିଆଯାଇଛି। ଏହା ପେନସନ ସିଷ୍ଟମରେ ବ୍ୟବହାରିକତା ବୃଦ୍ଧି କରିବାର ଚାବିକାଠି ହେବ ଏବଂ ମହିଳା ଶ୍ରମ ବଳକୁ ପୁରୁଣା ଆୟୁ ସମୂହରେ ପେନସନ ଭାଗୀଦାରିକୁ ବଢ଼ାଇବ। ଅବସର ବୟସସୀମା ବୃଦ୍ଧି ଅନିବାର୍ଯ୍ୟ। ଏଣୁ ଏ କ୍ଷେତ୍ରରେ ଆଗୁଆ ସଙ୍କେତ ଦେବା ଜରୁରୀ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

### ସଚ୍ଚୋଟ ଟିକସଦାତାଙ୍କ ନାମରେ ସଡ଼କ, ସ୍କୁଲ ନାମକରଣ

ଟିକସ ପ୍ରଦାନ କରିବାରେ ସଚ୍ଚୋଟତା ପ୍ରଦର୍ଶନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ଲାଗି ରିପୋର୍ଟରେ କୁହାଯାଇଛି। ଏହାଦ୍ୱାରା ଟିକସ ପ୍ରଦାନ ଲାଗି ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ିବ ବୋଲି ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ,ପ୍ରତ୍ୟେକ ଜିଲାର ଶୀର୍ଷ ୧୦ ଟିକସଦାତାଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବା ଆବଶ୍ୟକ। ସେମାନଙ୍କୁ ବିଦେଶ ଯାତ୍ରା ସମୟରେ ଇମିଗ୍ରେଶନ କାଉଣ୍ଟରରେ ଅଧିକ ଗୁରୁତ୍ୱ ଦେବା, ବିମାନ ବନ୍ଦରରେ ତ୍ୱରିତ୍ ବୋର୍ଡିଂ ସୁବିଧା ଦେବା, ସଡ଼କ, ଭବନ, ସ୍କୁଲ୍ ଆଦିର ନାମକରଣ କରାଯିବ।

### ବାରମ୍ବାର ଚାଇନା ସମ୍ପର୍କରେ ଉଲ୍ଲେଖ

ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କେ.ଭି.ସୁବ୍ରମଣ୍ୟନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦେଶର ବିକାଶ ସମ୍ପର୍କରେ ଉଲ୍ଲେଖ କରିବା ବେଳେ ବାରମ୍ବାର ଚାଇନା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଚାଇନା ଏହାର ଅର୍ଥନୀତି ବୃଦ୍ଧି କରିବାକୁ ଯାଇ ଠିକ୍ ବା ଭୁଲ୍ ଯାହାବି କରିଛି,ସୁବ୍ରମଣ୍ୟନ ସେ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଭାରତ ଏହି ଭୁଲ୍ ବା ଠିକ୍‌ରୁ ଶିଖି ନିଜ ଅର୍ଥନୀତିକୁ ଗତିଶୀଳ କରୁ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଚାଇନା ଭଳି ସଞ୍ଚୟ, ନିବେଶ, ରପ୍ତାନି ବୃଦ୍ଧି ଦ୍ୱାରା ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିହେବ ବୋଲି ରିପୋର୍ଟରେ କୁହାଯାଇଛି।

### ନିଯୁକ୍ତି ସୃଷ୍ଟି ଲାଗି ଶ୍ରମ ସଂସ୍କାରକୁ ଗୁରୁତ୍ୱ



ଦେଶ ମଧ୍ୟରେ ଶ୍ରମ ସଂସ୍କାରକୁ ସରକାର ଗୁରୁତ୍ୱ ଦେବାକୁ ରିପୋର୍ଟରେ କୁହାଯାଇଛି। ଶ୍ରମ ସଂସ୍କାର ଦ୍ୱାରା ଦେଶରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ପାରିବ। ରାଜସ୍ଥାନକୁ ଏହାର ଉଦାହରଣ ଭାବେ ନିଆଯାଇଛି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ରାଜସ୍ଥାନ ଏ କ୍ଷେତ୍ରରେ ଆଗୁଆ ରହିଛି। ଦେଶରେ ପ୍ରତିବର୍ଷ ୫୫ରୁ ୬୦ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାର ଆବଶ୍ୟକତା ଉପରେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ଆଗାମୀ ଦଶନ୍ଧିରେ କାର୍ଯ୍ୟ କରିବା ବୟସର ଲୋକସଂଖ୍ୟା ବାର୍ଷିକ ୯୭ ଲକ୍ଷକୁ ବଢ଼ିବ। ଏହା ୨୦୩୦ ସୁଦ୍ଧା ବାର୍ଷିକ ୪୨ ଲକ୍ଷ ରହିଛି। ଏଭଳି ସ୍ଥିତିରେ ବୁଧବାର ସରକାର କୋଡ ଅନ୍ ୱେଜ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ସଂସଦର ଚଳିତ ଅଧିବେଶନରେ ଏହାକୁ ପାସ୍ କରାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

---

> ହାର୍ଡକାସଲ ରେଷ୍ଟୁରାଣ୍ଟ ୨୦୨୨ ସୁଦ୍ଧା ୨୫୦୦ କୋଟି ଟଙ୍କାର କମ୍ପାନୀ ଭାବେ ନିଜକୁ ଗଢ଼ିତୋଳିବ।
> –ସ୍ମିତା ଜାଟିୟା, ହାର୍ଡକାସଲ ରେଷ୍ଟୁରାଣ୍ଟ ଏମ୍‌ଡି



> ହିରୋ ମୋଟୋ କର୍ପ ଇଲେକ୍ଟ୍ରିକ ଗାଡ଼ି ପ୍ରଚଳନ ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ। କମ୍ପାନୀ ଏଥିଲାଗି ଏକାଧିକ ଇଲେକ୍ଟ୍ରିକ ଗାଡ଼ି ନିର୍ମାଣ ପଥରେ ଆଗେଇ ଚାଲିଛି।
> – ପଓ୍ୱନ ମୁଞ୍ଜାଲ, ଅଧ୍ୟକ୍ଷ, ହିରୋ ମୋଟୋ କର୍ପ



## ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୮–୧୯

# ୫ ଲକ୍ଷ କୋଟି ଡଲାର ଅର୍ଥନୀତିର ସ୍ୱପ୍ନ

ନୂଆଦିଲ୍ଲୀ,୪–୭





ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କେ.ଭି.ସୁବ୍ରମଣ୍ୟନଙ୍କ ଦ୍ୱାରା ପ୍ରସ୍ତୁତ ୨୦୧୮–୧୯ ଅର୍ଥନୈତିକ ସର୍ଭେ ରିପୋର୍ଟ ଗୁରୁବାର ସଂସଦରେ ଉପସ୍ଥାପିତ ହୋଇଛି। ଦେଶକୁ ୨୦୨୪–୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ନିଯୁକ୍ତି, ବିକାଶ, ନିବେଶ ବୃଦ୍ଧି ସହ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ପ୍ରତି ଫୋକସ୍ କରିବାକୁ ପରାମର୍ଶ ଦିଆଯାଇଛି। ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପରିଣତ କରିବାକୁ ହେଲେ ଜିଡିପି ଅଭିବୃଦ୍ଧିକୁ କ୍ରମାଗତ ବଢ଼ାଇବା ସହ ଏହାକୁ ବଜାୟ ରଖିବାକୁ ହେବ। ବିକାଶ ହାର ଆସନ୍ତା ୫ ବର୍ଷ ଲାଗି କ୍ରମାଗତ ୮%ରେ ପହଞ୍ଚାଇବାକୁ ପଡ଼ିବ। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଦେଶକୁ ନିବେଶ ବୃଦ୍ଧି ଉପରେ ଜୋର୍ ଦେବାକୁ ହେବ। ପୁଞ୍ଜିନିବେଶକୁ ଜିଡିପିର ୩୦ରୁ ୩୫% ହାରରେ ବଢ଼ାଇବାକୁ ହେବ ବୋଲି ରିପୋର୍ଟରେ କୁହାଯାଇଛି।

ଆର୍ଥିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହେବା ଦିଗରେ ଦାରିଦ୍ର୍ୟ ଏକ ବଡ଼ ଆହ୍ୱାନ ହେବ। ଦେଶରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ କିଭଳି ପଦକ୍ଷେପ ନିଆଯିବା ଦରକାର, ଏହାର ଉପାୟ ସ୍ଥିର କରିବା ଆବଶ୍ୟକ। ଗରିବଙ୍କ ଆୟ ବଢ଼ାଇବା ଲାଗି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଏହାଦ୍ୱାରା ଦାରିଦ୍ର୍ୟ କମିବ। ଏଥିସହିତ ବିବାଦର ସମାଧାନ ଲାଗି ଦୀର୍ଘ ସମୟ ଲାଗିବା ଆଉ ଏକ ବଡ଼ ଆହ୍ୱାନ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଆଇନଗତ ପ୍ରକ୍ରିୟାକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ହେବ। ରିପୋର୍ଟ ଅନୁସାରେ ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଆହୁରି ଶକ୍ତିଶାଳୀ କରିବାକୁ ହେବ। କାରଣ ଏହା ଜରିଆରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ। ଏହି କ୍ଷେତ୍ରରେ ଅଧିକ ନବୀନତ୍ୱ ଆଣିବାକୁ ହେବ, ଯାହାଦ୍ୱାରା ଦେଶର ବିକାଶରେ ଏହାର ଯୋଗଦାନ ଅଧିକ ହେବ।

### ବ୍ୟାଙ୍କିଙ୍ଗ୍ ଶିଳ୍ପ ପରଫର୍ମାନ୍ସ ବଢ଼ିଛି

୨୦୧୮–୧୯ ଆର୍ଥିକ ବର୍ଷରେ ଦେଶର ବ୍ୟାଙ୍କିଙ୍ଗ ଶିଳ୍ପରେ ଅନାଦାୟ ପରିସମ୍ପତ୍ତି(ଏନ୍‌ପିଏ) କମିବା ଯୋଗୁ ଏହି ଶିଳ୍ପର ପରଫରମାନ୍ସ ବଢିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ମାତ୍ର ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନର ସମସ୍ୟା ଏବଂ ପୁଞ୍ଜି ବଜାରରୁ ଟଙ୍କା ଉଠାଣ କମିବା ଯୋଗୁ ଆର୍ଥିକ ଧାରା ପ୍ରଭାବିତ ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ଗତ ବର୍ଷ ମୁଦ୍ରାନୀତି କ୍ଷେତ୍ରରେ ଅନେକ ସୁଧାର ଆସିଛି। ରେପୋ ପ୍ରଥମେ ୫୦ ବେସିସ ପଏଣ୍ଟ ବଢ଼ିଥିବା ବେଳେ ପରେ ଧିମା ଅଭିବୃଦ୍ଧି, ମୁଦ୍ରାସ୍ଫୀତି ଏବଂ ଅନ୍ତର୍ଜାତୀୟ ବଜାରର ସ୍ଥିତିକୁ ଆଧାର କରି ସୁଧହାର ୭୫ ବେସିସ ପଏଣ୍ଟ ହ୍ରାସ କରାଯାଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟକୁ ସଂସଦରେ ଉପସ୍ଥାପନ କରି ନିର୍ମଳା ସୀତାରାମନ ଏହା କହିଛନ୍ତି। ଏନ୍‌ପିଏ ଅନୁପାତ ହ୍ରାସ ଏବଂ ଋଣ ଅଭିବୃଦ୍ଧି ଦେଖାଯାଇଛି। ଇନସଲଭେନ୍ସି ଆଇନ କାର୍ଯ୍ୟକାରୀ ହେବା ଫଳରେ ବୃହତ୍ ପରିମାଣର ଅଚଳ ସମ୍ପତ୍ତିର ସମାଧାନ କରାଯାଇଛି। ୨୦୧୮–୧୯ ଆର୍ଥିକ ବର୍ଷରେ ଏନ୍‌ପିଏ ଅନୁପାତ ୧୧.୫%ରୁ ୧୦.୧% ହ୍ରାସ ଘଟିଥିବା ରିପୋର୍ଟରୁ ଜଣାପଡ଼ିଛି।




### ଡାଟା ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ



ଡାଟା ହେଉଛି ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବା ଉପରେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହା ସରକାରଙ୍କ ପାଇଁ ମନ୍ତ୍ର ହେବା ଉଚିତ। ଲୋକମାନଙ୍କର ମଙ୍ଗଳ ଲାଗି ଡାଟାକୁ ବ୍ୟବହାର କରିବା ର ସମୟ ଆସିଛି। ଏହାକୁ ଧ୍ୟାନରେ ରଖି ଆବଶ୍ୟକୀୟ ନିବେଶ ଉପରେ ଏଠାରେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ଡାଟା ନିରାପତ୍ତା ଆଇନ ଅନୁସାରେ ଡାଟାର ଜେନେରେଟ କରାଯିବା ଉପରେ ରିପୋର୍ଟରେ ଉଲ୍ଲେଖ ରହିଛି। ଡାଟା ଏବଂ ସୂଚନାର ଧାରାକୁ ଭିତ୍ତିଭୂମି ସହ ସମତୁଲତା ଭାବେ ଦେଖିବା ଆବଶ୍ୟକ। ଏହା ହେଲେ ଜ୍ଞାନକୌଶଳକୁ ବ୍ୟବହାର କରି ଲୋକଙ୍କ ମଙ୍ଗଳ ସାଧନ କରାଯାଇପାରିବ। ଡାଟା ଟେକ୍ନୋଲୋଜି କ୍ଷେତ୍ରରେ ଆଧାର ଏକ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ଏଠାରେ ଉଲ୍ଲେଖ କରାଯାଇଛି।

### ମାନ୍ଦାବସ୍ଥା ସତ୍ତ୍ୱେ ୨.୭୫ ଟ୍ରିଲିୟନ ଡଲାର ଅର୍ଥନୀତି

ବିଶ୍ୱ ବଜାରର ମାନ୍ଦାବସ୍ଥା ସତ୍ତ୍ୱେ ଭାରତର ଅର୍ଥନୀତି ୨୦୧୮–୧୯ରେ ୨.୭୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଏହା ୨୦୧୫–୧୬ରେ ୧.୯୯ ଟ୍ରିଲିୟନ ଡଲାର ରହିଥିଲା। ଏହି ସମୟରେ ବିଶ୍ୱ ବଜାରର ପ୍ରମୁଖ ଅର୍ଥନୀତିଗୁଡ଼ିକ ଅଭିବୃଦ୍ଧି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏହି ଅର୍ଥନୀତିଗୁଡ଼ିକର ୦.୩% ଏବଂ ୦.୧% ଅଭିବୃଦ୍ଧି ପ୍ରଭାବିତ ହୋଇଛି। ମାତ୍ର ଭାରତର ଅଭିବୃଦ୍ଧି ଧାରା ବଢ଼ିଚାଲିଛି। ଭାରତ ଏଭଳି ୩୦% ଦେଶଙ୍କ ମଧ୍ୟରେ ରହିଛି ଯାହାର ଅଭିବୃଦ୍ଧି ୨୦୧୯ରେ ବିଶେଷ ପ୍ରଭାବିତ ହେବ ନାହିଁ ଆକଳନ କରାଯାଇଥିଲା। ବିଶ୍ୱ ବ୍ୟାଙ୍କ ରିପୋର୍ଟ ମୁତାବକ ଭାରତ ୨୦୧୭ରେ ଫ୍ରାନ୍ସକୁ ଟପି ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୀତି ହୋଇପାରିଛି। ୨୦୧୭–୧୮ରେ ଦେଶର ଅଭିବୃଦ୍ଧି ୭.୨% ଥିବା ବେଳେ ଏହା ୨୦୧୮–୧୯ରେ ୬.୮%କୁ ହ୍ରାସ ଘଟିଛି। ଏହା ସତ୍ତ୍ୱେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିଛି।

### ଭାରତୀୟ ଶିଳ୍ପ ପାଇଁ ୫ଜି ସୁଯୋଗ

ଆଗାମୀ ଦିନରେ ଆସୁଥିବା ୫–ଜି ଟେକ୍ନୋଲୋଜି ଭାରତୀୟ ଶିଳ୍ପ ପାଇଁ ଏକ ଭଲ ସୁଯୋଗ। ଏହା ଦ୍ୱାରା ଦେଶର ଶିଳ୍ପ ବିଶ୍ୱ ବଜାରରେ ପ୍ରବେଶ କରିବାକୁ ସୁଯୋଗ ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ଡିଜିଟାଲ ପେମେଣ୍ଟ, ନଲେଜ, ସର୍ଭିସ ଇକୋନୋମି ଭିତ୍ତିଭୂମି ଗଠନ ଦ୍ୱାରା ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱ ବଜାରରେ ପତିଆରା ଜାହିର କରିପାରିବେ। ୨୦୨୦ ସୁଦ୍ଧା ସରକାର ଦେଶରେ ୫–ଜି ଆଣିବାକୁ ଯୋଜନା କରୁଛନ୍ତି। ୫–ଜି ଆସିଲେ ଲୋକଙ୍କ ନିକଟରେ ଗଭର୍ନାନ୍ସ ଏବଂ ସେବା ପହଞ୍ଚାଇବା ସହଜ ହେବ। ମେଡିକାଲ ସପୋର୍ଟ, ବେନିଫିଟ ଟ୍ରାନ୍ସଫର, ଶିକ୍ଷା, ମନୋରଞ୍ଜନ, ଡିଜିଟାଲ ପେମେଣ୍ଟ ଭଳି କ୍ଷେତ୍ର ଲାଗି ଏହା ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଅର୍ଥମେନିତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ ରହିଛି।

### ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ଲାଗି ନ୍ୟାୟପାଳିକାର ଦକ୍ଷତା ବୃଦ୍ଧି



ଦେଶ ମଧ୍ୟରେ ଇଜ ଅଫ୍ ଡୁଇଂ ବିଜନେସ ବୃଦ୍ଧି କରିବା ଲାଗି ନ୍ୟାୟପାଳିକାର ଦକ୍ଷତା ବୃଦ୍ଧି କରିବାକୁ କୁହାଯାଇଛି। କୋର୍ଟର ଛୁଟି ସଂଖ୍ୟା ହ୍ରାସ, ଅଧିକ ବିଚାରପତି ନିଯୁକ୍ତି, ନ୍ୟାୟପାଳିକା ବ୍ୟବସ୍ଥାର ଉତ୍ପାଦକତା ବୃଦ୍ଧି, କଣ୍ଟ୍ରାକ୍ଟ ଏବଂ ଶିଳ୍ପ ସହ ଜଡ଼ିତ ଅନ୍ୟାନ୍ୟ ପ୍ରସଙ୍ଗର ସମାଧାନ ତ୍ୱରାନ୍ୱିତ ହେଲେ ଏହା ଦେଶର ବାଣିଜ୍ୟିକ ପରିବେଶକୁ ଉନ୍ନତି କରିବା ସହ ବ୍ୟବସାୟ ସୁଗମ ହେବ ବୋଲି କୁହାଯାଇଛି। ଦେଶର ନ୍ୟାୟ ବ୍ୟବସ୍ଥାରେ ବର୍ତ୍ତମାନ ୩.୫ କୋଟି ମାମଲା ବିଚାରାଧୀନ ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହା ମଧ୍ୟରେ ଜିଲ୍ଲା ଏବଂ ତଳ ସ୍ତରର କୋର୍ଟଗୁଡ଼ିକରେ ଅଧିକ ମାମଲା ରହିଛି।

### ସାମାଜିକ ସେକ୍ଟରରେ ଉନ୍ନତି ହୋଇଛି: ମୋଦି




ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବା ଲାଗି ରିପୋର୍ଟରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରି କହିଛନ୍ତି ଯେ, ସାମାଜିକ ସେକ୍ଟରରେ ଉନ୍ନତି, ଟେକ୍ନୋଲୋଜି ଆପଣାଇବା ଓ ଶକ୍ତି ସୁରକ୍ଷା କ୍ଷେତ୍ରରେ ଦେଶ ଆଗେଇଥିବା ରିପୋର୍ଟରେ ସ୍ପଷ୍ଟ ହୋଇଛି। ନିରନ୍ତର ଆର୍ଥିକ ଅଭିବୃଦ୍ଧି ହାସଲ ମାଧ୍ୟମରେ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚିବା ଲାଗି ସର୍ଭେର ମୁଖ୍ୟଭାବେ ଦର୍ଶାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଅର୍ଥନୀତିକୁ ନେଇ ସରକାର ନିରାଶାବାଦୀ: ଚିଦାମ୍ବରମ୍



ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ମତପ୍ରକାଶ କରିଛନ୍ତି। ଅର୍ଥନୀତିକୁ ନେଇ ସରକାର ନିରାଶାବାଦୀ ବୋଲି ରିପୋର୍ଟରୁ ସ୍ପଷ୍ଟ ହେଉଥିବା ସେ କହିଛନ୍ତି। ସର୍ଭେ ରିପୋର୍ଟ ସକାରାତ୍ମକ କିମ୍ବା ଉତ୍ସାହଜନକ ନୁହେଁ ବୋଲି ଚିଦାମ୍ବରମ୍ ସ୍ପଷ୍ଟ କରିଛନ୍ତି। ୭% ବିକାଶ ହାର ହେବ ବୋଲି କୁହାଯାଇଥିବା ବେଳେ କିଭଳି ହେବ ସେ ସମ୍ପର୍କରେ ରିପୋର୍ଟ ନୀରବ ରହିଛି ବୋଲି ସେ କହିଛନ୍ତି।

### ରାଜକୋଷୀୟ ସ୍ଥିରତା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ରାଜୀବ କୁମାର



ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି ଯେ, ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି ଯେ, ସରକାର ଅର୍ଥନୀତିକୁ ଗତିଶୀଳ କରିବା ସହିତ ରାଜକୋଷୀୟ ସ୍ଥିରତା କାଏମ ରଖିବା ଲାଗି ନିଜର ପ୍ରତିଶ୍ରୁତିବଦ୍ଧତା ଦର୍ଶାଇଛନ୍ତି। ସର୍ଭେ ରିପୋର୍ଟରେ ଆର୍ଥିକ ସଙ୍କେତ ଏବଂ ଆଗାମୀ ଦିନର ଆହ୍ୱାନର ସମଗ୍ର ତଥା ସ୍ପଷ୍ଟ ଚିତ୍ର ମିଳୁଛି। ସେ କହିଛନ୍ତି ଯେ, ଆର୍ଥିକ ବୃଦ୍ଧିକୁ ଗତିଶୀଳ କରିବାକୁ ନିବେଶ ବଢ଼ାଇବା ଲାଗି ଉଚିତ୍ ପଦକ୍ଷେପ ନିଆଯାଇଛି।

### ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଗୁରୁତ୍ୱପୂର୍ଣ୍ଣ: ସିଇଏ

ବିତ୍ତୀୟ ନିଅଣ୍ଟ ଲାଗି ରହିଥିବା ଧାର୍ଯ୍ୟ ଲକ୍ଷ୍ୟ ହାସଲ ଗୁରୁତ୍ୱପୂର୍ଣ୍ଣ। ଏହାକୁ ସରକାର ଗୁରୁତର ଭାବେ ନେବା ଆବଶ୍ୟକ। ସରକାରଙ୍କ ବର୍ଦ୍ଧିତ ଋଣ ଯୋଗୁ ବିତ୍ତୀୟ ଶୃଙ୍ଖଳା ପ୍ରଭାବିତ ହେବା ଆଶଙ୍କା ରହିଥାଏ। ଏ କ୍ଷେତ୍ରରେ ସରକାର ବିଭିନ୍ନ ପ୍ରସଙ୍ଗକୁ ବିଚାର କରିବାର ଉଚିତ ବୋଲି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି.ସୁବ୍ରମଣ୍ୟନ କହିଛନ୍ତି। ୨୦୧୮–୧୯ ଆର୍ଥିକ ବର୍ଷ ଲାଗି ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୩.୪% ରହିଥିବା ପ୍ରକାଶ ପାଇଛି। ମଧ୍ୟବର୍ତ୍ତିକାଳୀନ ବଜେଟରେ ଏଭଳି ଆକଳନ ମଧ୍ୟ କରାଯାଇଥିଲା। ରାଜସ୍ୱ ଏବଂ ଖର୍ଚ୍ଚ ପରିଚାଳନାକୁ ନିୟନ୍ତ୍ରଣ କରିବା ଲାଗି ସରକାର ସିକ୍ୟୁରିଟି ଏବଂ ଟ୍ରେଜେରି ଉପରେ ବଣ୍ଡ ଉପରେ ନିର୍ଭର କରିଥାନ୍ତି। ଆଲୋଚ୍ୟ ସମୟରେ କେନ୍ଦ୍ର ଏବଂ ରାଜ୍ୟର ମିଳିତ ବିତ୍ତୀୟ ନିଅଣ୍ଟ ୫.୮% ରହିଛି। ଏହା ୨୦୧୭–୧୮ରେ ୬.୪% ରହିଥିଲା।

## ଅର୍ଥନୈତିକ ସର୍ଭେ ରିପୋର୍ଟର ସାରାଂଶ




- ଘରୋଇ ନିବେଶ ବୃଦ୍ଧି ଲାଗି ଭିତ୍ତିଭୂମିରେ ବାର୍ଷିକ ୨୦୦ ବିଲିୟନ ଡଲାର ବିନିଯୋଗ ପ୍ରସ୍ତାବ
- ଦେଶର ବିଭିନ୍ନ ପ୍ରାନ୍ତକୁ ନିବେଶ ଆକୃଷ୍ଟ କରିବା ଚ୍ୟାଲେଞ୍ଜ
- କୃଷି କ୍ଷେତ୍ରରେ ଜଳ ବ୍ୟବହାର ଲାଗି ନୂଆ ନୀତି ଆଣିବା ଉପରେ ଗୁରୁତ୍ୱାରୋପ।
- ୨୦୧୮–୧୯ରେ ବିଦେଶୀ ନିବେଶକମାନେ ପୁଞ୍ଜି ବଜାରରୁ ପ୍ରତ୍ୟାହର କରିଛନ୍ତି ୩୮,୯୩୧ କୋଟି
- ଶ୍ରମ ଏବଂ ଭୂମି ସଂସ୍କାର କ୍ଷେତ୍ରରେ ସହଯୋଗିତା ଭିତ୍ତିରେ ସଂଘୀୟବାଦ ନୀତି ପ୍ରତିଫଳନ ହେଉ
- ମୋଟ ଟିକସ ଜିଡିପି ଅନୁପାତ ୧୦.୯%କୁ ହ୍ରାସ
- ଟ୍ରେନ ଦୁର୍ଘଟଣା କମିଛି, ଅଗ୍ନିକାଣ୍ଡ ବଢ଼ିଛି
- ସ୍ମାର୍ଟ ସହର ପ୍ରକଳ୍ପରେ ୨.୦୫ ଲକ୍ଷ କୋଟିର ନିବେଶ ପ୍ରସ୍ତାବ
- ୨୦୧୯ରେ ସେନସେକ୍ସ ବଢ଼ିଛି ୧୭%, ନିଫ୍ଟି ୧୪.୯%
- ୨୦୨୧ ସୁଦ୍ଧା ଇସ୍ପାତ ଉତ୍ପାଦନ ୧୨୮.୬ ନିୟୁତ ଟନ ଛୁଇଁବ
- ଋଣ ଅସୁଲ ମେକାନିଜମ ଏବଂ ଆଇବିସି ଯୋଗୁ ୧.୭୩ ଲକ୍ଷ କୋଟି ଟଙ୍କାର ମାମଲା ସମାଧାନ
- ରପ୍ତାନି ବୃଦ୍ଧି ଲାଗି ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ପ୍ରସ୍ତାବ ଲାଗୁ ହେଉ
- ସ୍ୱଚ୍ଛ ଭାରତ ମିଶନରେ ୯.୫ କୋଟି ପାଇଖାନା ନିର୍ମାଣ, ୫.୬୪ ଲକ୍ଷ ଗ୍ରାମ ହେଲା ଖୋଲାଶୌଚମୁକ୍ତ (ଓଡିଏଫ୍)
- ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଲାଗି କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉ
- ଚଳନ୍ତି ଖାତା ନିଅଣ୍ଟ ନିୟନ୍ତ୍ରଣ ଲାଗି ଏଫ୍‌ଡିଆଇ ନୀତି କୋହଳ ଦ୍ୱାରା ଅଧିକ ବିଦେଶୀ ପୁଞ୍ଜି ଆଗମନକୁ ପ୍ରୋତ୍ସାହିତ କରାଯାଉ
- ଦେଶରେ ଯୋଜନାବଦ୍ଧ ନ୍ୟୂନତମ ବେତନ ବ୍ୟବସ୍ଥା ଆସୁ
- ଆଣ୍ଟି ଡମ୍ପିଂ ମାମଲା କାର୍ଯ୍ୟାନୁଷ୍ଠାନ ଲାଗି ଡିଜିଟିଆର୍ ଆଣୁଛି ୱେବ ଆପ୍ଲିକେଶନ
- ଷ୍ଟାର୍ଟଅପ୍‌ଗୁଡ଼ିକ ଲାଗି ଟିକସ କୋହଳ କରାଯାଉ
- ଆଇଟି, ଆଇଟିଇଏସ୍ ଶିଳ୍ପଗୁଡ଼ିକ ଲାଗି ସମ୍ପ୍ରସାରଣ ସମ୍ଭାବନା

OFFICE OF THE NOTIFIED AREA COUNCIL, G.UDAYAGIRI

No.874 TENDER CALL NOTICE Date: 03.07.2019

Notified Area Council, G.Udayagiri, Dist-Kandhamal invites sealed tenders from the intending registered Companies/ authorized dealers/ authorized suppliers / manufacturers for supply of sanitation materials to G.Udayagiri NA.C. for the year 2019-20. The prescribed tender schedule can be obtained from the N.A.C., G.Udayagiri during office hours except Govt. holidays on payment of Rs.5,000/- (Rupees Five thousand) only (Non-refundable) in shape of cash/ bank draft drawn in favour of the Executive Officer, N.A.C., G.Udayagiri payable at G.Udayagiri from any nationalized bank from dt.05.07.2019 to dt.15.07.2019 up to 03.00 P.M. The tender along with all documents must be submitted to the Executive Officer, N.A.C., G.Udayagiri either through Regd. Post /Speed Post in person on or before dt.15.07.2019 up to 05.00 P.M. The bids will be opened on 16.07.2019 at 11.00 A.M. in presence of the bidders or their authorized representatives. The undersigned will not be responsible for any Postal delay.

The all terms and conditions may be seen from the tender schedule. The undersigned reserved the rights to accept, cancel or reject any or all the bids or the whole bidding process without assigning any reason thereof.

Sd./- Executive Officer
N.A.C., G.Udayagiri

କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ

ପତ୍ର ସଂଖ୍ୟା: ୬୨ ବିଜ୍ଞାପନ ତାରିଖ: ୦୩।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୁଖ୍ୟ ବଜାର ପ୍ରାଙ୍ଗଣରେ ତିଆରି ହୋଇଥିବା ୧୦ଗୋଟି ନୂତନ ଦୋକାନ ଗୃହକୁ ଟେଣ୍ଡର ମାଧ୍ୟମରେ ଦେବାପାଇଁ ନିୟନ୍ତ୍ରିତ ବଜାର କମିଟି, କନ୍ଧମାଳ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିମାନେ ଅଫିସ୍ କାର୍ଯ୍ୟ ନିର୍ଘଣ୍ଟ ସମୟ ଅର୍ଥାତ୍ ସକାଳ ୧୦ଘଟିକାରୁ ଅପରାହ୍ନ ୫ଘଟିକା ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି, କନ୍ଧମାଳଙ୍କ କାର୍ଯ୍ୟାଳୟରୁ ଏଥି ସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଓ ସର୍ତ୍ତାବଳୀ ଟ.୧୦୦୦/– (ଏକ ହଜାର ଟଙ୍କା) ମାତ୍ର ଜମା ଦେଇ ଆସନ୍ତା ତା ୦୫।୦୭।୨୦୧୯ରିଖରୁ ତା୧୭।୦୭।୨୦୧୯ରିଖ ମଧ୍ୟରେ ପାଇପାରିବେ। ଆବେଦନ ଫର୍ମ ସହ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ସଠିକ୍ ଓ ନିର୍ଭୁଲ୍ ଭାବରେ ପୂରଣ କରି ଆବଶ୍ୟକୀୟ କାଗଜପତ୍ର ସହ ଆସନ୍ତା ତା୧୮।୦୭।୨୦୧୯ରିଖ ଅପରାହ୍ନ ୫ଘଟିକା ମଧ୍ୟରେ ମୁଦା ଲଫାପାରେ ରେଜିଷ୍ଟ୍ରି ଡାକ/କ୍ଷିପ୍ର ଡାକ ମାଧ୍ୟମରେ, ନିୟନ୍ତ୍ରିତ ବଜାର କମିଟି, କନ୍ଧମାଳ କାର୍ଯ୍ୟାଳୟରେ ଦାଖଲ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡ଼ିକ ତା୧୯।୦୭।୨୦୧୯ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, କନ୍ଧମାଳ କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ।

ଉପ–ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କନ୍ଧମାଳ

COLLECTORATE, NABARANGPUR
(Social Security Section)
Mail Id- dssonabarangpur@gmail.com
No.743 / XXV-32/2019 Dated:24.06.2019

TENDER CALL NOTICE

Sealed tender in plain paper is invited from the intending manufactures/suppliers/dealers for supply of the different items for the District Social Security Officer, Nabarangpur. The Tender Paper shall be reached in the O/o the undersigned on or before 10.07.2019 by 5 P.M. through Registered post/Speed post only.
**The details can be seen from the District website** "http: www.nabarangpur.nic.in"

Sd./- District Social
Security Officer, Nabarangpur

COLLECTORATE, NABARANGPUR
(Social Welfare Section)

Letter No.1284 /2019 dated :02.07.2019

NOTICE FOR EXPRESSION OF INTEREST

Sealed applications are invited in prescribed form, from the eligible and interested organizations for selection of agency to run one stop centre at District Head quarter Medical Campus, Nabarangpur in order to provide support and assistance to women affected by violence, including medical, legal, psychological and counseling.

Detailed eligibility criteria selection procedure and application form is available in the W&CD Department website wcdodisha.gov.in and Odisha.gov.in and it is also available in the district website www.nawrangapur.nic.in.

The application must reach within the scheduled date and time at the office of the District Social Welfare Officer, Nabarangpur through registered/speed post only. Applications received after the due date will be rejected.

Date of receipt of the application : 19.07.2019
Date of opening : 20.07.2019 at 11A.M.

Sd./- Collector-Cum-District
Magistrate, Nabarangpur

# ଲୁଇସ, ହୋପ୍, ପୁରନଙ୍କ ଅର୍ଦ୍ଧଶତକ

**ଲିଡ୍ସ,୪।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଦୁଇ ଦେଶ ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ଗୁରୁବାର ପରସ୍ପରକୁ ଭେଟିଥିଲେ। ଲିଡ୍ସର ହେଡିଂଲେ ଗ୍ରାଉଣ୍ଡରେ ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ଏଭିନ ଲୁଇସ, ଉଇକେଟକିପର ବ୍ୟାଟ୍ସମ୍ୟାନ ସାଇ ହୋପଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଛି। ସାନ୍ତ୍ୱନାମୂଳକ ବିଜୟ ସହ ଦୁଇ ଦେଶ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ୮ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୬ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଟେବୁଲର ଅଷ୍ଟମ ସ୍ଥାନରେ ରହିଛି। ଅନ୍ୟପଟେ ଆଫଗାନିସ୍ତାନ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ କୌଣସି ପଏଣ୍ଟ ନ ପାଇ ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି।



ଅର୍ଦ୍ଧଶତକ ଇନିଂସ ଅବସରରେ ବଡ ଶଟ ଖେଳୁଛନ୍ତି ସାଇ ହୋପ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ୱେଷ୍ଟଇଣ୍ଡିଜ ଓପନର ଏଭିନ ଲୁଇସ, ଉଇକେଟକିପର ବ୍ୟାଟ୍ସମ୍ୟାନ ସାଇ ହୋପ, ନିକୋଲାସ ପୁରନଙ୍କ ଅର୍ଦ୍ଧଶତକ ଓ ସିମରନ ହେଟମେୟର, ଅଧିନାୟକ ଜାସନ ହୋଲ୍ଡରଙ୍କ ଧୂଆଁଧାର ବ୍ୟାଟିଂ ବଳରେ ୬ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଥିଲା। ପ୍ରଥମେ ବିସ୍ଫୋରକ ଓପନର କ୍ରିସ୍ ଗେଲ ୭ ରନ କରି ଦଲତ ଜଦ୍ରାନଙ୍କ ବଲ୍‌ରେ ଉଇକେଟକିପର ଇକରାମ ଅଲି ଖିଲିଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଏହାପରେ ଲୁଇସ୍ ଓ ହୋପ୍ ଦ୍ୱିତୀୟ ଉଇକେଟରେ ୮୮ ରନ କରି ସ୍ଥିତି ସମ୍ଭାଳିଥିଲେ। ଲୁଇସ୍ ୭୮ ବଲରୁ ୬ ଚୌକା ଓ ୨ ଛକା ସହ ୫୮ ରନ କରି ତାରକା ସ୍ପିନର ରସିଦ ଖାଁଙ୍କ ବଲ୍‌ରେ ମହମ୍ମଦ ନବୀଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ହେଟମେୟର ୩ ଚୌକା ଓ ୨ ଛକା ସହ ୩୧ ବଲରୁ ଦ୍ରୁତ ୩୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ହୋପ୍ ୬ ଚୌକା ଓ ୨ ଛକା ସହ ୯୨ ବଲରୁ ୭୭ ରନ କରି ନବୀଙ୍କ ବଲ୍‌ରେ ଡିପ୍ ମିଡ୍ ଉଇକେଟରେ ରସିଦ ଖାଁଙ୍କୁ କ୍ୟାଚ୍ ଦେଇଥିଲେ। ପୁରନ ଧୂଆଁଧାର ବ୍ୟାଟିଂ କରିଥିଲେ। ସେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହେବା ପୂର୍ବରୁ ୪୩ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୫୮ ରନ ସଂଗ୍ରହ କରି ଦଳର ସ୍କୋରକୁ ତିନିଶହ ରନ ପାଖରେ ପହଞ୍ଚାଇଥିଲେ। ଶେଷରେ ହୋଲ୍ଡର ୩୪ ବଲରୁ ୧ ଚୌକା ଓ ୪ ଛକା ସହ ୪୫ ରନ ସଂଗ୍ରହ କରି ସୟଦ ଶିରଜାଦଙ୍କ ବଲ୍‌ରେ ଦଲତ ଜଦ୍ରାନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। କ୍ରେଗ୍ ବ୍ରାଥୱେଟ୍ ୪ ବଲରୁ ୨ ଚୌକା ଓ ୧ ଛକା ସହ ୧୪ ରନ କରି ଅପରାଜିତ ରହିଥିଲେ। ଶେଷ ୧୦ ଓଭରରେ ପୁରନ ଓ ହୋଲ୍ଡର ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ଦଲତ ଜଦ୍ରାନ ୨, ଶିରଜାଦ, ନବୀ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୫୦ ଓଭରରେ ୩୧୧/୬ (ହୋପ- ୭୭, ଲୁଇସ୍- ୫୮, ପୁରନ- ୫୮, ହୋଲ୍ଡର- ୪୫, ହେଟମେୟର- ୩୯, ଦଲତ- ୨/ ୭୩, ଶିରଜାଦ- ୧/ ୫୬, ନବି- ୧/୫୬, ରସିଦ- ୧/୫୨)।

**ଆଜିର ମ୍ୟାଚ୍**
**ପାକିସ୍ତାନ**
**ବନାମ**
**ବାଂଲାଦେଶ**
ସ୍ଥାନ
ଲଣ୍ଡନ
ସମୟ
ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| ଭାରତ | ୮ | ୬ | ୧ | ୦ | ୧ | ୧୩ | +୦.୮୧୧ |
| ଇଂଲଣ୍ଡ | ୯ | ୬ | ୩ | ୦ | ୦ | ୧୨ | +୧.୧୫୨ |
| ନ୍ୟୁଜିଲାଣ୍ଡ | ୯ | ୫ | ୩ | ୦ | ୧ | ୧୧ | +୦.୧୭୫ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | -୦.୯୩୪ |
| ବାଂଲାଦେଶ | ୮ | ୩ | ୪ | ୦ | ୧ | ୭ | -୦.୧୯୫ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୮ | ୧ | ୬ | ୦ | ୧ | ୩ | -୦.୩୩୫ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

# ଗେଲ୍‌ଙ୍କ ବିଶ୍ୱକପ୍ ଅଭିଯାନ ଶେଷ



**ଲିଡ୍ସ, ୪।୭**

ୱେଷ୍ଟଇଣ୍ଡିଜ ଓପନର କ୍ରିସ ଗେଲ୍‌ଙ୍କ ବିଶ୍ୱକପ ଅଭିଯାନ ନୈରାଶ୍ୟର ସହ ଶେଷ ହୋଇଛି। ପ୍ରତିଯୋଗିତାରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୱେଷ୍ଟଇଣ୍ଡିଜ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଫଳରେ ଏହି ମେଗା ଇଭେଣ୍ଟରେ ବିସ୍ଫୋରକ ଓପନରଙ୍କ ଖେଳ ମଧ୍ୟ ସମାପ୍ତ ହୋଇଛି। କାରଣ ବିଶ୍ୱକପ ପରେ ଭାରତ ବିପକ୍ଷ ସିରିଜ ଖେଳି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେବୋଲି ଗେଲ୍ ପୂର୍ବରୁ ଘୋଷଣା କରି ସାରିଛନ୍ତି। ଗତ ମେ ୩୧ରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ୩୪ ବଲରୁ ୫୦ ରନର ଇନିଂସ ଖେଳି ଅଭିଯାନ ଆରମ୍ଭ କରିଥିବା ଗେଲ୍ ଜୁନ ୬ରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୭ ବଲରୁ ୨୧ ରନକରି ଆଉଟ ହୋଇଥିଲେ। ଜୁନ ୧୦ରେ ଦକ୍ଷିଣଆଫ୍ରିକା ବିପକ୍ଷ ମ୍ୟାଚ ବର୍ଷାଯୋଗୁ ଅଧାରୁ ବନ୍ଦ ହୋଇଯିବାରୁ ଗେଲ୍ ବ୍ୟାଟିଂ ସୁଯୋଗ ପାଇ ନ ଥିଲେ। ଜୁନ ୧୪ରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ୪୧ ବଲରୁ ୩୬ ରନ କରିଥିବାବେଳେ ୧୭ରେ ବାଂଲାଦେଶ ବିପକ୍ଷରେ ୧୩ ବଲ ଖେଳିଥିଲେହେଁ ଖାତା ଖୋଲିପାରି ନ ଥିଲେ। ଜୁନ ୨୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୮୪ ବଲରୁ ୮୭ ରନକରି ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ମ୍ୟାଚରେ ୨ ଓଭରରେ ୮ ରନ ଦେଇ ସେ ଗୋଟିଏ ଉଇକେଟ ମଧ୍ୟ ନେଇଥିଲେ। ୨୭ ତାରିଖରେ ପରବର୍ତ୍ତୀ ମ୍ୟାଚରେ ସେ ଭାରତ ବିପକ୍ଷରେ ମାତ୍ର ୬(୧୯ ବଲ) ରନ କରିବାକୁ ସକ୍ଷମ ହୋଇଥିବାବେଳେ ଜୁଲାଇ ୧ରେ ଶ୍ରୀଲଙ୍କା ବିପକ୍ଷରେ ୪୮ ବଲରୁ ୩୫ ରନ ସ୍କୋର କରିଥିଲେ। ଜୁଲାଇ ୪ରେ ନିଜର ଶେଷ ବିଶ୍ୱକପ ମ୍ୟାଚରେ ସେ ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀ ଆଫଗାନିସ୍ତାନ ବିପକ୍ଷରେ ୧୮ ବଲ ଖେଳିଥିଲେ ହେଁ ମାତ୍ର ୭ ରନ କରିବାକୁ ସକ୍ଷମ ହେଇଥିଲେ।

# ଏଜବାଷ୍ଟନଠାରେ ସେମିଫାଇନାଲ ପାଇଁ ମୋର୍ଗାନ ଖୁସି

**ଚେଷ୍ଟର-ଲି-ଷ୍ଟ୍ରିଟ୍,୪।୭(ଏଏଫ୍‌ପି)**

ଚଳିତ ବିଶ୍ୱକପ୍‌ରେ ଆୟୋଜକ ଦଳର ସେମିଫାଇନାଲ ମ୍ୟାଚ୍ ଏଜବାଷ୍ଟନ ଗ୍ରାଉଣ୍ଡରେ ଖେଳାଯିବ। ଏଥିନେଇ ପୂର୍ବତନ ଇଂଲଣ୍ଡ ଅଧିନାୟକ ଇଆନ ମୋର୍ଗାନ ଖୁସି ପ୍ରକାଶ କରିଛନ୍ତି। ୧୯୯୨ ବିଶ୍ୱକପ୍ ପରେ ଇଂଲଣ୍ଡ ପ୍ରଥମ ଥର ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଏହି ବିଜୟର ଅର୍ଥ ୧୦ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ଇଂଲଣ୍ଡ ୩ୟ ସ୍ଥାନ ଅଧିକାର କରିଛି। ଫଳରେ ଦଳକୁ ତା'ର ସେମିଫାଇନାଲ ମ୍ୟାଚ୍ ଏଜବାଷ୍ଟନରେ ଖେଳିବା ସ୍ପଷ୍ଟ ହୋଇଛି, ଯେଉଁଠାରେ ଭାରତକୁ ଇଂଲଣ୍ଡ ପରାସ୍ତ କରିଥିଲା। ସେଠାରେ ଆମେ ଖେଳିବାକୁ ଚାହୁଁ। ଆମକୁ ଯଦି କେଉଁଠାରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବୁ ତାହା ବାଛିବାର ଅଧିକାର ଦିଆଯାଇଥାନ୍ତା, ଆମେ ସମସ୍ତ ୯ଟି ମ୍ୟାଚ୍ ଏଜବାଷ୍ଟନ, ଦ ଓଭାଲ ଓ ଟ୍ରେଣ୍ଟ ବ୍ରିଜଠାରେ ଖେଳିଥାନ୍ତୁ ବୋଲି ଇଂଲଣ୍ଡ ଅଧିନାୟକ ମୋର୍ଗାନ କହିଛନ୍ତି। ଉଲ୍ଲେଖଥାଉ କି, ଏଜବାଷ୍ଟନଠାରେ ଖେଳାଯାଇଥିବା ଅନ୍ତିମ ୧୦ ମ୍ୟାଚ୍‌ର ଇଂଲଣ୍ଡ ଅପରାଜେୟ ଧାରା ବଜାୟ ରଖିଛି।

# ସେମିଫାଇନାଲରେ ଇଂଲଣ୍ଡ

**ଚେଷ୍ଟର- ଲି- ଷ୍ଟ୍ରିଟ୍, ୪।୭(ପି.ଟି)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଆୟୋଜକ ଇଂଲଣ୍ଡ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ସେମିରେ ପ୍ରବେଶ କରିସାରିଛନ୍ତି। ବୁଧବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ ବୃହତ୍ ୧୧୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ୧୯୯୨ ପରେ ପ୍ରଥମଥର ପାଇଁ ବିଶ୍ୱକପ୍ ସେମିକୁ ଉଠିଛି। ତେବେ ପରାସ୍ତ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ପାଇଁ ଏବେ ମଧ୍ୟ ସେମିଫାଇନାଲର ଆଶା ଉଜ୍ଜୀବିତ ରହିଛି। ଶୁକ୍ରବାର ଲର୍ଡ୍ସରେ ଖେଳାଯିବାକୁ ଥିବା ପାକିସ୍ତାନ- ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସବୁକିଛି ନିର୍ଭର କରୁଛି। ଏହାର ଉପରେ ଚତୁର୍ଥ ସେମିଫାଇନାଲିଷ୍ଟ କିଏ ହେବ ତାହା ସ୍ପଷ୍ଟ ହେବ। ସେମିକୁ ଉଠିବାକୁ ହେଲେ ପାକିସ୍ତାନକୁ ବୃହତ୍ ବ୍ୟବଧାନରେ ବିଜୟୀ ହେବାକୁ ପଡିବ। ୧୯୮୩ ପରେ ଇଂଲଣ୍ଡ ବିଶ୍ୱକପ୍‌ରେ କେବେବି ନ୍ୟୁଜିଲାଣ୍ଡକୁ ପରାସ୍ତ କରିପାରି ନ ଥିବା ବେଳେ ଏଥର କିନ୍ତୁ ସଫଳ ହୋଇଛି। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ଓପନର ଜନି ବେୟାରଷ୍ଟୋଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୦୫ ରନ ସଂଗ୍ରହ କରିଛି। ଜବାବରେ ନ୍ୟୁଜିଲାଣ୍ଡ ୪୫ ଓଭରରେ ୧୮୬ ରନ କରି ଅଲଆଉଟ୍ ହେବା ସହ ଆତ୍ମସମର୍ପଣ କରିଥିଲା। ଶତକ ହାସଲ କରିଥିବା ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୦୫/୮ (ବେୟାରଷ୍ଟୋ- ୧୦୬, ରୟ- ୬୦, ମୋର୍ଗାନ- ୪୨, ରୁଟ୍- ୨୪, ବୋଲ୍ଟ- ୨/୫୬, ହେନେରୀ- ୨/ ୫୪, ନିଶାମ- ୨/୪୧)

ନ୍ୟୁଜିଲାଣ୍ଡ ୪୫ ଓଭରରେ ୧୮୬ ଅଲଆଉଟ୍ (ଲଥାମ- ୫୭, ଟେଲର- ୨୮, ୱିଲିୟମସନ- ୨୭, ଉଡ୍-୩/୩୪)।

# ବାସନ୍ଦ ହୋଇପାରନ୍ତି କୋହଲି

**ନୂଆଦିଲ୍ଲୀ,୪।୭**

ଭାରତୀୟ ଦଳ ୨୮ ରନ୍‌ରେ ବାଂଲାଦେଶକୁ ହରାଇ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଦଳ ବିଶ୍ୱକପ୍ ଜିତିବା ନେଇ ପ୍ରଶଂସକମାନେ ଆଲୋଚନା କରୁଥିବାବେଳେ ସେମିଫାଇନାଲ ପୂର୍ବରୁ ବିରାଟ କୋହଲିଙ୍କୁ ନେଇ ଚିନ୍ତା ବଢ଼ିଯାଇଛି। ଅତ୍ୟଧିକ ଅପିଲ ଓ ଅନ୍ ଫିଲ୍ଡ ଅମ୍ପାୟରଙ୍କ ସହ ଯୁକ୍ତିତର୍କ ଲାଗି ଭାରତୀୟ ଦଳର ଅଧିନାୟକ ଗୋଟିଏ ମ୍ୟାଚ୍‌ରୁ ବ୍ୟାନ ହୋଇପାରନ୍ତି। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ୧୨ତମ ଓଭରରେ ମହମ୍ମଦ ସାମିଙ୍କ ବଲ ସୌମ୍ୟ ସରକାରଙ୍କ ପ୍ୟାଡ୍‌ରେ ବାଜିଥିଲା। ଏଥିନେଇ କୋହଲି ଅପିଲ କରିଥିଲେ। ହେଲେ ଫିଲ୍ଡ ଅମ୍ପାୟର ମାରିଅସ ଏରାମୁସ ପ୍ରତ୍ୟାଖ୍ୟାନ କରିଥିଲେ। କୋହଲି ଡିଆରଏସ ବ୍ୟବହାର କରିବା ପରେ ସୌମ୍ୟଙ୍କ ବ୍ୟାଟରେ ବଲ ବାଜିଥିବାରୁ ତୃତୀୟ ଅମ୍ପାୟର ନଟ୍‌ଆଉଟ୍ ଦେଇଥିଲେ। ଏହାସତ୍ତ୍ୱେ କୋହଲି ଫିଲ୍ଡ ଅମ୍ପାୟରଙ୍କ ସହ ବ୍ୟାଟ୍ସମ୍ୟାନଙ୍କ ପ୍ୟାଡରେ ପ୍ରଥମେ ବଲ ବାଜିଥିବା ନେଇ ଯୁକ୍ତି ବାଢ଼ିଥିଲେ। ଏଥିପୂର୍ବରୁ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସମାନ କାରଣ ଯୋଗୁ ତାଙ୍କ ମ୍ୟାଚ୍ ଫି'ର ୨୫% କାଟ୍ କରାଯିବା ସହ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ଦିଆଯାଇଥିଲା। ଭାରତୀୟ ଅଧିନାୟକଙ୍କୁ ୨୦୧୮ ଜାନୁୟାରୀ ୧୫ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଏକ ଡିମେରିଟ୍ ପଏଣ୍ଟ ମିଳିଥିଲା। ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ଲାଗି ଉଦ୍ଦିଷ୍ଟ ନିୟମ ଭଙ୍ଗ କରିବା ଦ୍ୱାରା ଖେଳାଳିଙ୍କ ମ୍ୟାଚ୍‌ର ଫି'ର ୫୦ ପ୍ରତିଶତ କାଟ୍ କରାଯାଇପାରିବ ଓ ଏକରୁ ଦୁଇ ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଏ। ଦୁଇ ବର୍ଷ ମଧ୍ୟରେ କୌଣସି ଖେଳାଳିଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୪ ହେଲେ ଖେଳାଳିଙ୍କୁ ଗୋଟିଏ ଟେଷ୍ଟ କିମ୍ବା ଦୁଇ ଦିନିକିଆ କିମ୍ବା ଦୁଇ ଟି୨୦ ମ୍ୟାଚ୍‌ରୁ ବାସନ୍ଦ ହେବାକୁ ପଡ଼େ। ଏଭଳି ସ୍ଥିତିରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଯଦି କୋହଲି ସେଭଳି କିଛି ଦୋହରାଇଲେ, ତାଙ୍କୁ ବାସନ୍ଦ ହେବାକୁ ପଡ଼ିବ।



# ପାକିସ୍ତାନ-ବାଂଲାଦେଶ ମ୍ୟାଚ୍ ଆଜି

**ଲଣ୍ଡନ,୪।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ପୂର୍ବତନ ଚାମ୍ପିୟନ ପାକିସ୍ତାନ ତା'ର ଶେଷ ଲିଗ୍ ମ୍ୟାଚ୍‌ରେ ଶୁକ୍ରବାର ବାଂଲାଦେଶକୁ ଭେଟିବାକୁ ଯାଉଛି। ସେମିଫାଇନାଲରେ ପହଞ୍ଚିବା ପାକିସ୍ତାନ ପାଇଁ ଏକପ୍ରକାର ଅସମ୍ଭବ ମନେହେଉଛି। ସେମିଫାଇନାଲକୁ ଉଠିବା ପାକିସ୍ତାନ ପାଇଁ ଏବେ କେବଳ ମାତ୍ର ଏକ ଗାଣିତିକ ସମ୍ଭାବନା ହୋଇ ରହିଛି। ତେବେ ଏହା ସତ୍ତ୍ୱେ ଅନ୍ତିମ ମ୍ୟାଚ୍‌ରେ ପାକିସ୍ତାନ ବୃହତ୍ ବ୍ୟବଧାନରେ ବାଂଲାଦେଶକୁ ହରାଇବା ଲକ୍ଷ୍ୟରେ ରହିଛି।

ଆୟୋଜକ ଇଂଲଣ୍ଡଠାରୁ ଭାରତ ପରାସ୍ତ ହେବା ପରେ ୧୯୯୨ରେ ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ପାକିସ୍ତାନର ସେମିଫାଇନାଲ ଆଶା ମଉଳିଯାଇଥିଲା। ଏହାପରେ ନ୍ୟୁଜିଲାଣ୍ଡ ଇଂଲଣ୍ଡଠାରୁ ହାରିବା ପରେ ପାକିସ୍ତାନର ଏହି ଆଶା ଏକପ୍ରକାର ଶେଷ ହୋଇଥିଲା କହିଲେ ଭୁଲ୍ ହେବନାହିଁ।



ସର୍ଫରାଜ ଅହମ୍ମଦ ଓ ମାଶ୍ରାଫି ମୋର୍ତାଜା

ସର୍ଫରାଜ ଅହମ୍ମଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ପାଇଁ ଏବେ ଗାଣିତିକ ହିସାବ ନାମକୁ ମାତ୍ର ଆଶା ସୃଷ୍ଟି କରିଛି, ଯାହାର କିଛି ମୂଲ୍ୟନାହିଁ ବୋଲି ମନେହୁଏ। ପୁଣି ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନକୁ ପ୍ରଥମେ ବ୍ୟାଟିଂ କରିବା ଅପରିହାର୍ଯ୍ୟ ହୋଇପଡିଛି। ଏହାହେଲେ ଏହି ଗାଣିତିକ ହିସାବକିତାବର ମୂଲ୍ୟ ରହିବ। କାରଣ ଯଦି ପାକିସ୍ତାନ ଟସ୍ ହାରେ ଓ ଫିଲ୍ଡିଂ କରିବା ପାଇଁ ଆମନ୍ତ୍ରଣ ପାଏ ତାହେଲେ ପ୍ରଥମ ବଲ୍ ପଡିବା ପୂର୍ବରୁ ଆଶାର ପରିସମାପ୍ତି ଘଟିବ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଏକପ୍ରକାର ତା'ର ଆକର୍ଷଣ ହରାଇଛି।

ନ୍ୟୁଜିଲାଣ୍ଡ ୯ଟି ମ୍ୟାଚ୍ ଖେଳି ୫ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ବୁଧବାର ଇଂଲଣ୍ଡଠାରୁ ବୃହତ୍ ୧୧୯ ରନରେ ପରାସ୍ତ ହୋଇଥିଲେ ମଧ୍ୟ ନେଟ୍ ରନ୍‌ରେଟ୍‌ରେ ପାକିସ୍ତାନଠାରୁ ବହୁ ଉଚ୍ଚରେ ରହିଛି। ଅନ୍ୟପଟେ ପାକିସ୍ତାନ ୮ଟି ମ୍ୟାଚ୍ ଖେଳି ୪ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଏହି ମ୍ୟାଚ୍‌ରେ ବାଂଲାଦେଶକୁ ଏବେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୩୫୦ ରନ ସ୍କୋର କରିବା ପରେ ୩୧୧ ରନରେ ହରାଇବାକୁ ପଡିବ କିମ୍ବା ୪୦୦ ରନ ସ୍କୋର କରି ୩୧୬ରେ ବିଜୟୀ ହେବାକୁ ପଡିବ। ବ୍ୟବହାରିକ ଭାବେ ଏହା ନିହାତି ଅସମ୍ଭବ ମନେ ହେଉଛି।

**INDIRA GANDHI INSTITUTE OF TECHNOLOGY**
(An Autonomous Institution of Govt. of Odisha)
Sarang, Dhenkanal, Pin - 759146, Phone - 06768-267058, E-mail - estatemanagerigit@gmail.com

**Bid Identification No.IGIT/EM/1771** **TENDER CALL NOTICE** **Date : 27.06.2019**

The Estate Manager, IGIT, Sarang, Dhenkanal invites percentage bid through single cover system in conformity with the terms and conditions of the Detailed Tender Call Notice (DTCN) from contractors registered with Odisha State Government & Contractors of equivalent grade/class registered with Central Government having valid & up to date contractor registration certificate & experience in similar nature of work / Major Civil Construction work, as given in DTCN to be eventually drawn up for the work as detail below.

**A.** The DTCN can be download from the Institute website i.e **www.igitsarang.ac.in**

**Particulars of Work :**

| Work | Estimated Cost (Excluding GST) | Class of Contractor equivalent grade | EMD @1% of Tender Value | Tender Paper cost | Completion of Period |
|---|---|---|---|---|---|
| Supply & Installation of Elevator for 400 seated Boys hostel & New Academic Building | Rs.66,08,246/- | "C & B" | Rs.1,32,165/- | Rs.10000/- | One calendar month |

**B. Cost of Tender Paper & EMD :-** The bidders has to deposit the bid cost in shape of Demand Draft & EMD in shape of Demand Draft NSC/KVP/POTD duly pledged in favour of Principal IGIT Sarang and drawn in SBI Sarang.

**C. Additional Performance Security :-** The additional performance security shall be obtained from bidder when the bid amount is less than the estimated cost put to tender in such an event only the successful bidder who has quoted less bid price than the estimated cost put to tender shall have to furnish the exact amount of differential cost i.e estimated cost put to tender minus the quoted amount as additional performance security in shape of TDR/KVP/DD/POSC issued by any National Bank/Post Dept. pledged in favour of Principal, IGIT, within 7 days, otherwise the bid shall be canceled & the security deposit shall be forfeited.

**D. Mode of submission of Tender :-** Tender shall be submitted in the office of Estate Manager, IGIT, Sarang through Regd/Speed Post only on or before **29.07.2019 up to 03:00 PM**.

**E. Availability of Tender Paper :-**

| Procurement Office | Date of Sale of Tender Paper | Date & Time of opening of Tender | Place of Opening |
|---|---|---|---|
| Estate Manager, IGIT Sarang, Dhenkanal | 08.07.2019 to 18.07.2019 | 20.08.2019 at 10:00 AM | O/O Registrar |

**F.** Corrigendum if any shall only be published in the Institute website.
**G.** As Good & Service Tax (GST) has come to force with effect from 01.07.2017. The participants are requested to offer their rates including of GST. GST will be reimbursed after production of proper documentary evidence.
**H.** Authority reserves the right to reject any or all the tenders without assigning any reason thereof.

**Sd/-**
**Estate Manager**

**INDIRA GANDHI INSTITUTE OF TECHNOLOGY**
(An Autonomous Institution of Govt. of Odisha)
Sarang, Dhenkanal, Pin - 759146, Phone - 06768-267058, E-mail - estatemanagerigit@gmail.com

**Bid Identification No.IGIT/EM/1770** **TENDER CALL NOTICE** **Date : 27.06.2019**

The Estate Manager, IGIT, Sarang, Dhenkanal invites percentage bid through single cover system in conformity with the terms and conditions of the Detailed Tender Call Notice (DTCN) from contractors registered with Odisha State Government & Contractors of equivalent grade/class registered with Central Government having valid & up to date contractor registration certificate & experience in similar nature of work / Major Civil Construction work, as given in DTCN to be eventually drawn up for the work as detail below.

**A.** The DTCN can be download from the Institute website i.e **www.igitsarang.ac.in**

**Particulars of Work :**

| Work | Estimated Cost (Excluding GST) | Class of Contractor | EMD @1% of Tender Value | Tender Paper cost | Completion of Period |
|---|---|---|---|---|---|
| Const. of Cement concrete Road for 400 seated Boys hostel & New Academic Building | Rs.34,26,987/- | "C" | Rs.34,270/- | Rs.6000/- | One calendar month |

**B. Cost of Tender Paper & EMD :-** The bidders has to deposit the bid cost in shape of Demand Draft & EMD in shape of Demand Draft NSC/KVP/POTD duly pledged in favour of Principal IGIT Sarang and drawn in SBI Sarang.

**C. Additional Performance Security :-** The additional performance security shall be obtained from bidder when the bid amount is less than the estimated cost put to tender in such an event only the successful bidder who has quoted less bid price than the estimated cost put to tender shall have to furnish the exact amount of differential cost i.e estimated cost put to tender minus the quoted amount as additional performance security in shape of TDR/KVP/DD/POSC issued by any National Bank/Post Dept. pledged in favour of Principal, IGIT, within 7 days, otherwise the bid shall be canceled & the security deposit shall be forfeited.

**D. Mode of submission of Tender :-** Tender shall be submitted in the office of Estate Manager, IGIT, Sarang through Regd/Speed Post only on or before **29.07.2019 up to 03:00 PM**.

**E. Availability of Tender Paper :-**

| Procurement Office | Date of Sale of Tender Paper | Date & Time of opening of Tender | Place of Opening |
|---|---|---|---|
| Estate Manager, IGIT Sarang, Dhenkanal | 08.07.2019 to 18.07.2019 | 02.08.2019 at 10:00 AM | O/O Registrar |

**F.** Corrigendum if any shall only be published in the Institute website.
**G.** As Good & Service Tax (GST) has come to force with effect from 01.07.2017. The participants are requested to offer their rates including of GST. GST will be reimbursed after production of proper documentary evidence.
**H.** Authority reserves the right to reject any or all the tenders without assigning any reason thereof.

**Sd/-**
**Estate Manager**



“ଚଳିତ ଆଇସିସି ବିଶ୍ୱକପ୍‌ରେ ପାକିସ୍ତାନର ପ୍ରଦର୍ଶନ ସେତେଟା ମନ୍ଦ ନୁହେଁ। ଟୁର୍ନାମେଣ୍ଟ ପରେ ପିସିବି ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ଦଳ ପାଇଁ କ୍ଷତି ହେବ।

–ମୋଇନ ଖାଁ, ପୂର୍ବତନ ପାକିସ୍ତାନ ଅଧିନାୟକ



“ୱିମ୍ବେଲଡନ ଓପନ ଟେନିସ୍‌ର ତୃତୀୟ ରାଉଣ୍ଡରେ ପ୍ରବେଶ ଦ୍ୱାରା ମୁଁ ଯେକୌଣସି ଟେନିସ ଖେଳାଳିଙ୍କୁ ପରାସ୍ତ କରିପାରିବି ବୋଲି ମୋ ମନରେ ଧାରଣା ସୃଷ୍ଟି ହୋଇଛି।

–କୋକୋ ଗଫ୍, ଆମେରିକାର ସ୍ୱଳ୍ପ ବୟସ୍କା ଖେଳାଳି

# ୪୪ ବର୍ଷ ପରେ ଫାଇନାଲରେ ପେରୁ

ପୋର୍ଟୋ ଆଲେଗ୍ରେ, ୪।୭(ଏଏଫ୍‌ପି)

ଏଠାରେ ଖେଳାଯାଇଥିବା ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଚିଲିକୁ ୦–୩ ଗୋଲରେ ହରାଇ ପେରୁ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ ପେରୁ ଏହି ସମ୍ମାନଜନକ ଇଭେଣ୍ଟର ଫାଇନାଲରେ ସ୍ଥାନ ପାଇଛି। ବିଜୟ ଦଳ ଲାଗି ଏଡିସନ ଫ୍ଲୋରେସ, ୟୋଶିମାର ୟତୁନ ଓ ପାଓଲୋ ଗୁଏରୋ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆରମ୍ଭରୁ ପେରୁ ସକାରାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ୨୦ ତମ ମିନିଟ୍‌ରେ ଫ୍ଲୋରେସ ଏକ ଗୋଲ ହାତଛଡ଼ା କରିଥିଲେ। ଏହାର ୧ ମିନିଟ୍ ପରେ ସେ ଗୋଲ ଦେଇ ଦଳୀୟ ଖାତା ଖୋଲିଥିଲେ। ୩୮ତମ ମିନିଟ୍‌ରେ ୟତୁନ ଦଳର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ପେରୁ ୨–୦ ଗୋଲର ଅଗ୍ରଣୀ ହାସଲ କରି ନେଇଥିଲା। ଦ୍ୱିତୀୟାର୍ଦ୍ଧର ଅନ୍ତିମ ମିନିଟ୍‌ରେ ଗୁଏରୋ ଦଳ ପାଇଁ ଅନ୍ତିମ ଗୋଲ ଦେଇଥିଲେ।

ରବିବାର ମାରାକାନା ଷ୍ଟାଡିୟମଠାରେ ବ୍ରାଜିଲ ଓ ପେରୁ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଦୁଇ ଦଳ ଚଳିତ ଟୁର୍ନାମେଣ୍ଟରେ ପରସ୍ପରକୁ ଭେଟିସାରିଛନ୍ତି। ଉକ୍ତ ମ୍ୟାଚ୍‌ରେ ବ୍ରାଜିଲ ୫–୦ ଗୋଲର ବଡ଼ ବ୍ୟବଧାନରେ ପେରୁକୁ ହରାଇ ଦେଇଥିଲା। ଏହି ପରାଜୟ ପରେ ପେରୁ ଗ୍ରୁପ ପର୍ଯ୍ୟାୟରୁ ଆଗକୁ ବଢ଼ିବାର ଖୁବ କମ୍ ସମ୍ଭାବନା ଥିଲା। ହେଲେ ଭାଗ୍ୟ ଓ ୩ ଥର ଭିଏଆର (ଭିଡିଓ ଆସିଷ୍ଟାଣ୍ଟ ରେଫରି) ବଳରେ ଉରୁଗୁଏକୁ କ୍ୱାର୍ଟର ଫାଇନାଲରେ ପେରୁ ହରାଇଥିଲା। ଅନ୍ୟପକ୍ଷରେ ଚିଲିର ହ୍ୟାଟ୍ରିକ କୋପା ଆମେରିକା ଟାଇଟଲ ଜିତିବା ଆଶା ଅନ୍ତ ହୋଇଛି। ଚିଲି ଗତ ଦୁଇ ସଂସ୍କରଣରେ ଆର୍ଜେଣ୍ଟିନାକୁ ହରାଇ ୨୦୧୫ ଓ ୨୦୧୬ କୋପା ଆମେରିକା ଟାଇଟଲ ଜିତିଥିଲା।



ଚିଲି ଓ ପେରୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**କୋପା ଆମେରିକା**



ଇଟାଲୀର ନାପୋଲିଠାରେ ୩୦ତମ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ପତାକାଧାରଣ କରିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ।

## କୋହଲି ଜଣେ ରନ୍ ମେଶିନ: ଲାରା

ନଭି ମୁମ୍ବାଇ, ୪।୭(ପି.ଟି.)

କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରା ଗୁରୁବାର ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଜଣେ ରନ୍ ମେଶିନ ବୋଲି ଆଖ୍ୟା ଦେଇଛନ୍ତି। ସେହିଭଳି ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ସର୍ବକାଳୀନ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଲାରାଙ୍କ ଫେଭରାଇଟ୍ ରହିଥିଲେ ମଧ୍ୟ ସମୟ ବଦଳିବା ସହ ବର୍ତ୍ତମାନ ଯୁଗରେ କୋହଲି ଶ୍ରେଷ୍ଠ ବୋଲି ଲାରା କହିଛନ୍ତି। ‘ସେ (କୋହଲି) ଜଣେ ରନ୍ ମେଶିନ। କିନ୍ତୁ ସଚିନ ମୋ ପସନ୍ଦ ହୋଇଥିବାରୁ ତାଙ୍କୁ କ୍ଷମା ମାଗିବାକୁ ଚାହୁଁଛି’ ବୋଲି ଡ. ଡି.ୱାଇ. ପାଟିଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ୍ ଉପାଧି ଲାଭ କରିବା ପରେ ଲାରା ଏହା ପ୍ରକାଶ କରିଛନ୍ତି। ଏଥିସହ ଏହି ମହାନ ୱେଷ୍ଟଇଣ୍ଡିଜ ବାମହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି, ‘କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରେ କୋହଲି ଓ ବିଶ୍ୱର ବଳକା ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବଡ଼ ଦୂରତା ରହିଛି। ରୋହିତ୍ ଶର୍ମା ଚଳିତ ବିଶ୍ୱକପ୍‌ରେ ୪ ଶତକ ହାସଲ କରିପାରିଥାନ୍ତି, ଜନି ବେୟାରଷ୍ଟୋର କିମ୍ବା ଅନ୍ୟ କେହି ହୁଅନ୍ତୁ ଯଦି କେହି ଟି୨୦, ଟି୧୦, ୧୦୦ ବଲ୍ କ୍ରିକେଟ୍ କିମ୍ବା ଟେଷ୍ଟରେ ଆଜିର ଦିନରେ ବ୍ୟାଟିଂ କରିପାରିବ ସେ ହେଉଛନ୍ତି କେବଳ ବିରାଟ କୋହଲି’। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୨୨,୩୫୮ ରନ ସଂଗ୍ରହ କରିଥିବା ଲାରା ଆହୁରି ମଧ୍ୟ କହିଛନ୍ତି, ଭାରତୀୟ ବ୍ୟାଟ୍ସମ୍ୟାନମାନେ ଆଜି ଯଦି ବିଦେଶ ମାଟିରେ ଭଲ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି ତେବେ ଏହାର କାରଣ ହେଉଛନ୍ତି ସଚିନ। ଯିଏକି ପ୍ରାରମ୍ଭରୁ ସେମାନଙ୍କୁ ଆତ୍ମବିଶ୍ୱାସ ଦେଇଥିଲେ।

## ପ୍ରି–କ୍ୱାର୍ଟର ଫାଇନାଲରେ କାଶ୍ୟପ, ସୌରଭ

କାଲଗାରୀ,୪।୭(ପି.ଟି.)

ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାରୁପଲ୍ଲୀ କାଶ୍ୟପ ଓ ଜାତୀୟ ଚାମ୍ପିୟନ ସୌରଭ ବର୍ମା ୭୫ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ କାନାଡା ଓପନ ସୁପର ୧୦୦ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କାଶ୍ୟପ ୨୧–୧୨, ୨୧–୧୭ ଗେମ୍‌ରେ ଫ୍ରାନ୍ସର ଲୁକାସ କୋର୍ଭିଙ୍କୁ ହରାଇଥିବାବେଳେ ସୌରଭ କାନାଡର ବି.ଆର. ସଙ୍କିର୍ଥଙ୍କୁ ୨୧–୧୪, ୨୧–୧୧ ଗେମ୍‌ରେ ପରାସ୍ତ କରିଛନ୍ତି। ୬ଷ୍ଠ ସିଡ୍ କାଶ୍ୟପ ପରବର୍ତ୍ତୀ ମ୍ୟାଚ୍‌ରେ ଚାଇନାର ରେନ ପଙ୍ଗେ ବୋଙ୍କୁ ଭେଟିବେ। ଗତ ବର୍ଷ ରୁଷିଆ ଓ ନେଦରଲାଣ୍ଡରେ ଟାଇଟଲ ଜିତିଥିବା ୨୬ ବର୍ଷୀୟ ସୌରଭ ଆଉ ଜଣେ ଚାଇନିଜ ସୁନ ଫେଇ ଜିଆଙ୍ଗ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ଅଜୟ ଜୟରାମ, ଏଚ୍.ଏସ୍. ପ୍ରଣୟ ଓ ଲକ୍ଷ୍ୟ ସେନ ପରାଜୟ ଦ୍ୱିତୀୟ ରାଉଣ୍ଡ ବାଧା ଅତିକ୍ରମ କରିବାରେ ସଫଳ ହୋଇ ନ ଥିଲେ।

# ବାର୍ଟି ତୃତୀୟ ରାଉଣ୍ଡରେ

ଲଣ୍ଡନ, ୪।୭ (ଏଏଫ୍‌ପି)

୨୦୧୫ରେ ସେରେନା ୱିଲିୟମ୍ସଙ୍କ ପରେ ଆଶଲେ ବାର୍ଟି ଦ୍ୱିତୀୟ ମହିଳା ଖେଳାଳି ହିସାବରେ ସମାନ ବର୍ଷ ଉଭୟ ଫ୍ରେଞ୍ଚ ଓପନ ଏବଂ ୱିମ୍ବଲେଡନ ଟାଇଟଲ ଜିତିବା ସମ୍ଭାବନା ସୃଷ୍ଟି କରିଛନ୍ତି। ଗୁରୁବାର ଏଠାରେ ଚଳିତ ୱିମ୍ବେଲଡନ ଓପନ ଟେନିସ୍ ପ୍ରତିଯୋଗିତାର ଏକ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୬–୧, ୬–୩ ସେଟ୍‌ରେ ବେଲଜିୟମର ଆଲିସନ ଭାନ୍ ୟୁଟ୍‌ଭାନକଙ୍କୁ ହରାଇ ଦେଇଛନ୍ତି। ବିଶ୍ୱର ନମ୍ବର ୱାନ ତଥା ଅଷ୍ଟ୍ରେଲିଆର ଏହି ୨୩ ବର୍ଷୀୟ ଖେଳାଳି ପ୍ରି କ୍ୱାର୍ଟରରେ ବ୍ରିଟିଶ ୱାଇଲ୍ଡ କାର୍ଡ ହାରିଏଟ୍ ଡାର୍ଟଙ୍କୁ ଭେଟିବେ। ଚଳିତ ଟୁର୍ନାମେଣ୍ଟରେ ବ୍ରିଟେନର ପ୍ରଥମ ଦୁଇ ଖେଳାଳି ହାରିଏଟ୍ ଡାର୍ଟ ଓ ଡାନ୍ ଇଭାନ୍ସ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୨୨ବର୍ଷୀୟା ଡାର୍ଟ ୭–୬ (୭–୪), ୩–୬, ୬–୧ ସେଟ୍‌ରେ ବ୍ରାଜିଲର ବିଟ୍ରିଜ ହାଦାଦ୍ ମାଇଆଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଏକ ପୁରୁଷ ସିଙ୍ଗଲ୍ସରେ ଇଭାନ୍ସ ୧୮ତମ ସିଡ୍ ନିକୋଲୋଜ ବାସିଲାସଭିଲିଙ୍କୁ ୬–୩, ୬–୨, ୭–୬ (୭–୨) ସେଟ୍‌ରେ ହରାଇ ଦେଇଛନ୍ତି। କିନ୍ତୁ ବ୍ରିଟିଶ ନମ୍ବର ୨ ଖେଳାଳି କାମେରନ ନୋରି ୬–୪, ୬–୪, ୬–୦ ସେଟ୍‌ରେ କେଇ ନିଶିକୋରିଙ୍କଠାରୁ ହାରିଯାଇଛନ୍ତି।



ଲାଟିଭିଆର ଆନାସ୍ତାସିଜା ସେବାସ୍ତୋଭାଙ୍କୁ ହରାଇବାପରେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ଆମେରିକାର ଡାନିଲେ କଲିନ୍ସ।

## ଟୋମିକ୍‌ଙ୍କୁ ପୁରସ୍କାର ରାଶି ମିଳିବ ନାହିଁ


ଅଷ୍ଟ୍ରେଲୀୟ ଟେନିସ୍ ଖେଳାଳି ବର୍ନାଡ ଟୋମିକ୍ ତାଙ୍କ ୱିମ୍ବେଲଡନ ପୁରସ୍କାର ରାଶି ହରାଇବେ। ମଙ୍ଗଳବାର ଫ୍ରାନ୍ସର ଜୋ ୱିଲ୍‌ଫ୍ରେଡ୍ ସୋଙ୍ଗାଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ସେ ତାଙ୍କ ପୂରା ଦକ୍ଷତା ଅନୁସାରେ ଖେଳି ନ ଥିବା ଅଭିଯୋଗ ହୋଇଛି। ମ୍ୟାଚରେ ସେ ୬–୨, ୬–୧, ୬–୪ ସେଟ୍‌ରେ ପରାସ୍ତ ହୋଇଯାଇଥିଲେ। ମ୍ୟାଚଟି ମାତ୍ର ୫୮ ମିନିଟ୍‌ରେ ଶେଷ ହୋଇଥିଲା। ତାଙ୍କର ସମଗ୍ର ୪୫,୦୦୦ ପାଉଣ୍ଡ ୱିମ୍ବେଲଡନ ପୁରସ୍କାର ରାଶି ପ୍ରତ୍ୟାହାର କରି ନିଆଯାଇଥିବା ଟୁର୍ନାମେଣ୍ଟର ଆୟୋଜକଙ୍କ ତରଫରୁ ଘୋଷଣା କରାଯାଇଛି। କୋ–ୱିଲ୍‌ଫ୍ରେଡ୍ ସୋଙ୍ଗାଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚରେ ଜଣେ ପ୍ରଫେଶନାଲ ଖେଳାଳି ହିସାବରେ ଯେପରି ଖେଳିବା କଥା ବର୍ନାଡ ଟୋମିକ୍ ସେପରି ଖେଳି ନ ଥିଲେ ବୋଲି ରେଫରି ମତବ୍ୟକ୍ତ କରିଥିଲେ। ଅଲ୍ ଇଂଲଣ୍ଡ କ୍ଲବ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସୋଙ୍ଗାଙ୍କ ବିପକ୍ଷ ବେଷ୍ଟ ଅଫ୍ ଫାଇଭ ସେଟ୍ସ ମ୍ୟାଚ ଟୁର୍ନାମେଣ୍ଟରେ ସବୁଠାରୁ କମ୍ ସମୟ ମଧ୍ୟରେ ଶେଷ ହୋଇଥିବା ମ୍ୟାଚ। ମୋଟ ଉପରେ ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ବେଷ୍ଟ ଅଫ୍ ଥ୍ରି ମହିଳା ଇଭେଣ୍ଟରେ ଏଲିସି ମର୍ଟେନ୍ସ ଫିଓନା ଫେରୋଙ୍କୁ ମାତ୍ର ୪୮ମିନିଟ୍‌ରେ ହରାଇ ଦେଇଥିଲେ। କିନ୍ତୁ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗରେ ୯୬ତମ ସ୍ଥାନରେ ଥିବା ଟୋମିକ୍ କହିଛନ୍ତି, ମୁଁ ଯେତେ ସମ୍ଭବ ଭଲ ଖେଳିବାକୁ ଉଦ୍ୟମ କରିଥିଲି, ମାତ୍ର ପାରି ନ ଥିଲି। ୨୦୧୧ରେ ବିଶ୍ୱର ଟପ୍ ୨୦ ଖେଳାଳିଙ୍କ ମଧ୍ୟରେ ଥିବା ଟୋମିକ୍ ସେତେବେଳେ ୱିମ୍ବେଲଡନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିପାରିଥିଲେ।





ୱିମ୍ବେଲଡନ ଟେନିସ ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚ୍‌ରେ ଜୟ କ୍ଲାର୍କଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ରୋଜର ଫେଡରର। ମ୍ୟାଚ୍ ଜିତିବା ପରେ ଚେକ୍ ରିପବ୍ଲିକର ପେଟ୍ରା କ୍ୱିଟୋଭା।

# ଫାଇନାଲରେ ନେଦରଲାଣ୍ଡ୍ସ-ଆମେରିକା



ସ୍ୱିଡେନ ବିପକ୍ଷରେ ଗୋଲ ସ୍କୋର ପରେ ଉଲ୍ଲସିତ ନେଦରଲାଣ୍ଡ୍ସ ଖେଳାଳିମାନେ।

ଲିଓନ,୪।୭(ଏଏଫ୍‌ପି)

ଏଠାରେ ଖେଳାଯାଇଥିବା ସ୍ୱିଡେନ ବିପକ୍ଷ ସେମିଫାଇନାଲକୁ ଜ୍ୟାକି ଗ୍ରୋନେନଙ୍କ ଗୋଲ ବଳରେ ନେଦରଲାଣ୍ଡ୍ସ ୧–୦ ବ୍ୟବଧାନରେ ଜିତିନେଇଛି। ଏହି ବିଜୟ ସହ ଚଳିତ

**ମହିଳା ଫିଫା ବିଶ୍ୱକପ୍**

ମହିଳା ଫିଫା ବିଶ୍ୱକପ୍‌ରେ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ୩ ଥର ତଥା ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଓ ୟୁରୋପିଆନ ଚାମ୍ପିୟନ ନେଦରଲାଣ୍ଡ ମଧ୍ୟରେ ବିଶ୍ୱକପ୍ ଲଢ଼େଇ ହେବ। ୯୦ ମିନିଟ୍ ପର୍ଯ୍ୟନ୍ତ ମ୍ୟାଚ୍ ଗୋଲ ଶୂନ୍ୟ ରହିଥିଲା। ଅତିରିକ୍ତ ସମୟ ତଥା ୯୯ ତମ ମିନିଟ୍‌ରେ ଭାନ ଡେ ଡଙ୍କଙ୍କଠାରୁ ମିଳିଥିବା ପାସ୍‌କୁ ମିଡ୍‌ଫିଲ୍ଡର ଗ୍ରୋନେନ ଗୋଲରେ ପରିଣତ କରିଥିଲେ। ଏହାପରେ ମ୍ୟାଚ୍‌କୁ ବରାବର କରିବାକୁ ସକ୍ଷମ ହୋଇ ନ ଥିଲା ୨୦୦୩ ବିଶ୍ୱକପ୍ ଉପବିଜେତା ସ୍ୱିଡେନ। ପୂର୍ବତନ ଚାମ୍ପିୟନ ଜାପାନ ଓ ପରେ ଇଟାଲିକୁ ପୂର୍ବ ଦୁଇ ରାଉଣ୍ଡରେ ହରାଇଥିବା ନେଦରଲାଣ୍ଡ୍ସ ତା’ର ପ୍ରଥମ ବିଶ୍ୱକପ୍‌ଠାରୁ ଆଉ ଗୋଟିଏ ବିଜୟ ଦୂରରେ ଅଛି। ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ହରାଇ ଆମେରିକା କ୍ରମାଗତ ୩ୟ ଥର ପାଇଁ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି। ସ୍ୱିଡେନ ଓ ଇଂଲଣ୍ଡ ମଧ୍ୟରେ ୩ୟ ସ୍ଥାନ ପାଇଁ ମ୍ୟାଚ୍ ଶନିବାର ଖେଳାଯିବ।

## ଆଶେସ ସିରିଜ ଲାଗି ଅଷ୍ଟ୍ରେଲିଆ ଦଳର ମେଣ୍ଟର ୱ

ସିଡ୍‌ନୀ,୪।୭(ଏଏଫ୍‌ପି)

ଇଂଲଣ୍ଡରେ ୧୮ ବର୍ଷ ପରେ ଅଷ୍ଟ୍ରେଲିଆ ଦଳ ଆଶେସ ସିରିଜ୍ ଜିତିବା ଲକ୍ଷ୍ୟ ରଖିଛି। ଏଥିଲାଗି ପୂର୍ବତନ ଅଧିନାୟକ ଷ୍ଟିଭ ୱଙ୍କୁ ଦଳର ମେଣ୍ଟର ଦାୟିତ୍ୱ ଦିଆଯାଇଛି। ୱଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୨୦୦୧ରେ ଅନ୍ତିମ ଥର ଇଂଲଣ୍ଡରେ ଆଶେସ ସିରିଜ୍ ଜିତିଥିଲା। ଏଣୁ ତାଙ୍କୁ ଦଳର ସହାୟତା ଲାଗି ମେଣ୍ଟର ଭାବେ ନିଯୁକ୍ତ କରାଯାଇଥିବା ଟେଷ୍ଟ ଅଧିନାୟକ ଟିମ ପେନ କହିଛନ୍ତି। ୱ ୬ ସପ୍ତାହ ଧରି ଦଳ ସହ ରହିବେ। ଏହା କୋଚ୍ ଜଷ୍ଟିନ ଲାଙ୍ଗର ଓ ମୁଁ ଚାହୁଁଥିଲୁ। ପୂର୍ବତନ କିମ୍ବଦନ୍ତୀ ଖେଳାଳି ଦଳ ସହ ରହିବା ଦ୍ୱାରା ଦଳୀୟ ଖେଳାଳିଙ୍କ ମନୋବଳ ବୃଦ୍ଧି ପାଏ, ଯାହା କି ଚଳିତ ବିଶ୍ୱକପ୍‌ରେ ଦେଖିବାକୁ ମିଳୁଛି। ଆମ ନିକଟରେ ରିକି ପଣ୍ଟିଂ ଅଛନ୍ତି। ଆଉ ଏବେ ୱଙ୍କ ଭଳି କିମ୍ବଦନ୍ତୀ ଦଳରେ ଥିବାରୁ ଆମେ ଭାଗ୍ୟବାନ ଅନୁଭବ କରୁଛୁ ବୋଲି ଅଧିନାୟକ ପେନ କହିଛନ୍ତି। ପ୍ରଖ୍ୟାତ ଖେଳାଳି ୱ ୧୬୮ ଟେଷ୍ଟ ଖେଳିଛନ୍ତି। ତାଙ୍କ ନାମରେ ୩୨ ଟେଷ୍ଟ ଶତକ ରହିଛି। ଆଶେସ ସିରିଜ୍‌ର ପ୍ରଥମ ଟେଷ୍ଟ ଅଗଷ୍ଟ ୧ ତାରିଖରୁ ଏଜ୍‌ବଷ୍ଟନଠାରେ ଖେଳାଯିବ।

## ପୋଜନାନ ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି

# ହିମା ଦାସଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୪।୭(ପିଟି)

ଭାରତୀୟ ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ପୋଲାଣ୍ଡରେ ଅନୁଷ୍ଠିତ ପୋଜନାନ ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି ଟୁର୍ନାମେଣ୍ଟର ୨୦୦ ମିଟର ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଦୌଡ଼କୁ ୨୩.୬୫ ସେକେଣ୍ଡରେ ଶେଷ କରିଥିଲେ। ଚଳିତ ବର୍ଷ ଏହା ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ରେସ। ଗତ କିଛି ମାସ ହେଲା ଅଣ୍ଟା ଜନିତ ସମସ୍ୟା ଯୋଗୁ ସେ ଟ୍ରାକରୁ ଦୂରେଇ ଥିଲେ। ତାଙ୍କର ଶ୍ରେଷ୍ଠ ଟାଇମିଂ ହେଉଛି ୨୩.୧୦ ସେ, ଯାହାକି ସେ ଗତ ବର୍ଷ ହାସଲ କରିଥିଲେ। ଆଉ ଜଣେ ଭାରତୀୟ ଆଥ୍‌ଲେଟ ଭି.କେ. ବିସ୍ମୟ ୨୩.୭୫ ସେ. ଟାଇମିଂ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ଭାରତୀୟ ଶଟ୍‌ପୁଟର ତାଜିନ୍ଦର ପାଲ ସିଂ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଏସିଆନ୍ ଚାମ୍ପିୟନ ତୁର ୧୯.୬୨ ମି. ଦୂରତା ହାସଲ କରି ପୋଡିୟମ୍‌ର ୩ୟ ସ୍ଥାନ ଅଧିକାର କରିଥିଲେ। ସେ ଗତ ବର୍ଷ ଏସିଆନ୍ ଗେମ୍ସରେ କ୍ୟାରିୟରର ଶ୍ରେଷ୍ଠ (୨୦.୭୫ ସେ. ) ପ୍ରଦର୍ଶନ କରିଥିଲେ। ୪୦୦ ମି. ଦୌଡ଼ ଇଭେଣ୍ଟରେ ଜାତୀୟ ରେକର୍ଡଧାରୀ ମହମ୍ମଦ ଆନସ (୨୦.୭୫ ସେ) ପୁରୁଷ ୨୦୦ ମି. ଦୌଡ଼ରେ ବ୍ରୋଞ୍ଜ ପଦକ ପାଇଥିବାବେଳେ କେ.ଏସ୍. ଜୀବନ (୪୭.୨୫ ସେ) ୪୦୦ ମି. ସମାନ ସଫଳତା ହାସଲ କରିଛନ୍ତି।



ହିମା ଦାସ



ମାଲକାନଗିରିରେ ରଥାରୂଢ଼ ହୋଇଛନ୍ତି ମହାପ୍ରଭୁ ।







ପାଣ୍ଡିପାଣି, ବାଲିମେଲା ଓ ମାଥିଲିରେ ଭକ୍ତଙ୍କ ଗହଣରେ ମହାବାହୁ ।

## ସଂକ୍ଷେପରେ

### ମାଲକାନଗିରିରେ ଜିଓ ନେଟ୍‌ୱର୍କର ଶୁଭାରମ୍ଭ

ମାଲକାନଗିରି,୪।୭(ଡି.ଏନ.ଏ.)- ମାଲକାନଗିରି ସହରରେ ଗୁରୁବାର ପବିତ୍ର ରଥଯାତ୍ରା ଅବସରରେ ଜିଓ ନେଟ୍‌ୱର୍କର ଶୁଭାରମ୍ଭ ହୋଇଛି । ଏହାକୁ ଜୟପୁରସ୍ଥିତ କେନ୍ଦ୍ରୀୟ ପରିଚାଳକ ଏରା ଶିବା ପ୍ରସାଦ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଡି.ଏନ୍.କେ. ଖେଳ ପଡ଼ିଆଠାରୁ ବାହାରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଜିଓର ଆଞ୍ଚଳିକ ବିକ୍ରୟ ପରିଚାଳକ ଅଜିତ କୁମାର ମହାପାତ୍ର, ମାଲକାନଗିରି ବିକ୍ରୟ ପରିଚାଳକ ରାଜ ମିଶ୍ରଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ । ବର୍ତ୍ତମାନ ସହରରେ ୮ଟି ଟାୱାର ପ୍ରତିଷ୍ଠା କରାଯାଇ ସରିଛି। ଗ୍ରାହକମାନେ କିଭଳି ଉତ୍ତମ ସେବା ପାଇବେ ସେଥିପ୍ରତି କମ୍ପାନୀ ଦୃଷ୍ଟି ଦେଇ ଆଗାମୀ ଦିନରେ ଟାୱାର ସଂଖ୍ୟା ବୃଦ୍ଧି କରାଯିବ ବୋଲି କେନ୍ଦ୍ରୀୟ ପରିଚାଳକ ପ୍ରସାଦ କହିଛନ୍ତି।

# ମାଉସୀ ଘର ଗଲେ ମହାପ୍ରଭୁ

ମାଲକାନଗିରି/ଏମଭି-୭୯ / ଚିତ୍ରକୋଣ୍ଡା/ବାଲିମେଳା,୪।୭(ଡି.ଏନ.ଏ.)

ମାଲକାନଗିରି ଜିଲାବ୍ୟାପୀ ଗୁରୁବାର ମହା ଆଡ଼ମ୍ବରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ପାଳିତ ହୋଇଯାଇଛି । ଭଉଣୀ ଭାଇଙ୍କୁ ଧରି ମହାପ୍ରଭୁ ଯାଇଛନ୍ତି ମାଉସୀଘର । ଜିଲା ସଦର ମହକୁମାଠାରେ ସକାଳୁ ଶ୍ରୀଜୀଉଙ୍କ ନୀତିକାନ୍ତି ବଢ଼ିବା ପରେ ରଥ ପ୍ରତିଷ୍ଠା ଶେଷ ହୋଇଥିଲା । ଅପରାହ୍ନରେ ତିନିଠାକୁର ପହଣ୍ଡି ବିଜେ ହୋଇ ରଥ ଉପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଛେରାପହଁରା କରିଥିଲେ। ସେହିପରି ବନ ବିଭାଗ ପକ୍ଷରୁ ଆୟୋଜିତ ଘୋଷଯାତ୍ରାରେ ଖଣ୍ଡୀୟ ବନାଧିକାରୀ ପ୍ରଦୀପ ଦେବଦାସ ମିରାଶେ ଛେରାପହଁରା କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ ଚଳିତବର୍ଷ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଧାରାବାହିକ ବିବରଣୀ ଦେଇଥିଲେ। ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା । ଜିଲା ସୀମାନ୍ତ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ଲକ୍ଷାଧିକ ଶ୍ରଦ୍ଧାଳୁ ରଥ ଟାଣିବା ସହ ବିଗ୍ରହଙ୍କ ଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଜିଲା ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳକୁ ନିୟୋଜିତ କରାଯାଇଥିଲା । ଏଥିସହ ଜିଲାର କୋରୁକୋଣ୍ଡା, ମାଥିଲି, ଗୋବିନ୍ଦପାଲି, ବାଲିମେଳା, କାଲିମେଳା ଅଞ୍ଚଳରେ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି । ତେବେ ରଥଯାତ୍ରା ପାଇଁ ମାଲାକନଗିରିରେ କଟିଥିବା ବିଦ୍ୟୁତ୍ ସନ୍ଧ୍ୟାରେ ଏପରିକି ରାତି ୮ଟାଯାଏ ଆସି ନ ଥିଲା । ଫଳରେ ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି- ୭୯ରେ ରଥଯାତ୍ରା ପାଳିତ ହୋଇଛି। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ ରଥକୁ ଜଗନ୍ନାଥ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଛନ୍ତି । ଅନେକ ଶ୍ରଦ୍ଧାଳୁ ରାସ୍ତାକଡ଼ରେ ଖେଚୁଡି ଭୋଗ କରି ବାଣ୍ଟିଥିବା ଦେଖିବାକୁ ମିଳିଥିଲା । ମୋଟୁଠାରେ ମଧ୍ୟ ପବିତ୍ର ରଥଯାତ୍ରା ପାଳିତ ହୋଇଛି ।

ଚିତ୍ରକୋଣ୍ଡାର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ପାଳିତ ହୋଇଯାଇଛି। ଚିତ୍ରକୋଣ୍ଡା-ବାଲିମେଳା ମାଟିବନ୍ଧ ଯୋଜନାର କର୍ମଚାରୀଙ୍କ ସହଯୋଗରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରଥଯାତ୍ରା ପାଳିତ ହୋଇଛି। ଯାତ୍ରା ଦେଖିବାକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ବାଲିମେଳାରେ ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ପାଳିତ ହୋଇଯାଇଛି । ଭୋର ସମୟରେ ମଙ୍ଗଳ ଆଳତି ପରେ ମଇଲମ ତଡ଼ପ ଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ଗୋପାଳବଲ୍ଲଭ ଏବଂ ସକାଳଧୂପ ଶେଷ ହେବା ପରେ ରଥ ପ୍ରତିଷ୍ଠା କରାଯାଇଥିଲା । ଖେଚୁଡି ଭୋଗ ଖାଇ ସାରିବା ପରେ ସାଢେ ୧୨ଟାରେ ରଥକୁ ମଦନମୋହନ ବିଜେ କରିଥିଲେ । ଅପରାହ୍ନ ୩ଟା ପରେ ଶ୍ରୀମନ୍ଦିରରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଭକ୍ତମାନଙ୍କ ଗହଣରେ ପୂଜାପଣ୍ଡା ଓ ସେବାୟତଙ୍କ ଦ୍ୱାରା ପହଣ୍ଡି ହୋଇ ରଥକୁ ବିଜେ କରିଥିଲେ। ରଥ ଉପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ପୂଜାର୍ଚ୍ଚନା ସହ ଆଳତି ଓ ଭୋଗ କରାଯାଇଥିଲା। ଜଳବିଦ୍ୟୁତ୍ ପ୍ରକଳ୍ପ ଅଧିକାରୀ ଶିବପ୍ରସାଦ ପଣ୍ଡା ଛେରାପହଁରା କରିଥିଲେ । ପରେ ରଥଟଣା ହୋଇଥିଲା । ରଥଯାତ୍ରା ଦେଖିବା ପାଇଁ ବାଲିମେଳା ସମେତ ପାଖାପାଖି ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଗହଣରେ ମହାପ୍ରଭୁ ସନ୍ଧ୍ୟା ସାଢେ ୬ଟାରେ ଗୁଣ୍ଡିଚାମନ୍ଦିରରେ ପହଞ୍ଚିଥିଲା। ପ୍ରଶାସନ ପକ୍ଷରୁ ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ଆଲୋକ ଓ ଯାତାୟାତ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।



ଚିତ୍ରକୋଣ୍ଡାରେ ରଥଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ।



ମାଲକାନଗିରିରେ ରଥ ଉପରେ ଅତିରିକ୍ତ ଜିଲାପାଳ ଛେରାପହଁରା କରୁଛନ୍ତି ।

# ଶହେ ପରିବାର ପାଉନାହାନ୍ତି ଜଙ୍ଗଲ ଜମି ପଟ୍ଟା

ମାଲକାନଗିରି, ୪।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା କୃସୁବାଡା ଗ୍ରାମରେ ପୁରୁଷ ପୁରୁଷ ଧରି ଜନଜାତି ସମ୍ପ୍ରଦାୟର ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। କିନ୍ତୁ ସେମାନଙ୍କୁ ଏଯାବତ୍ ଜଙ୍ଗଲ ଜମି ପଟ୍ଟା ମିଳିନି।

ଆନ୍ଧ୍ରରେ ରହୁଥିବା ସେମାନଙ୍କ ବଂଶଧରଙ୍କୁ ଆଦିବାସୀ ମାନ୍ୟତା ମିଳିଥିବାବେଳେ ଏଯାଏ ଏମାନଙ୍କୁ ଏଠାରେ ଏହି ମାନ୍ୟତା ମିଳିନି। ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ୨୦୧୭ରେ ଜମି ଅଧିକାର ସମ୍ବନ୍ଧରେ ପଲୀ ସଭା ବୈଠକରେ ସମାନ ଦାବି ଉଠିଥିଲା । କିନ୍ତୁ ତାହା ଏଯାଏ ପୂରଣ ହୋଇ ନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାକୁ କୃସୁବାଡା ଗ୍ରାମବାସୀ ଦାବି କରିଛନ୍ତି।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ଏହି ଜନଜାତି ସମ୍ପ୍ରଦାୟର ବଂଶଧର ଆନ୍ଧ୍ରରେ ରହୁଥିଲେ। ସେମାନେ ସେଠାରେ ଆଦିବାସୀ ମାନ୍ୟତା ପାଇଛନ୍ତି। ସେମାନଙ୍କ ଉପଜାତି ବାଲମିକି ଲିପିବଦ୍ଧ ହୋଇଛି । କିନ୍ତୁ ଓଡ଼ିଶାରେ ଡମ୍ବ ଉପଜାତି କୁହାଯାଉଥିବାବେଳେ ଦଳିତ ମାନ୍ୟତା ଦିଆଯାଇଛି ବୋଲି କୃସୁବାଡା ଗ୍ରାମବାସୀ କହିଛନ୍ତି। ୧୯୫୮ରେ ମାଲକାନଗିରିରେ ଆନ୍ଧ୍ର ଓଡିଶା ସୀମା ସର୍ଭେ ଏବଂ ଜମି ବନ୍ଦୋବସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସେ ସମୟରେ ପୂର୍ବପୁରୁଷ ଓଡିଆ ଜାଣି ନ ଥିବାବେଳେ ତତ୍କାଳୀନ ଅଧିକାରୀମାନେ ତେଲୁଗୁ ଭାଷା ବୁଝିପାରୁ ନ ଥିଲେ। ଏପରି ସ୍ଥିତିରେ ସର୍ଭେ ଏବଂ ବନ୍ଦୋବସ୍ତ ପରେ ୧୯୬୧ରେ ଏହି ସମ୍ପ୍ରଦାୟକୁ ୩୩ଟି ଖାତା ଦିଆଯାଇଛି। ଯେଉଁଥିରେ ସେମାନଙ୍କ ଉପଜାତି ବାଲମିକି ପରିବର୍ତ୍ତେ ଡମ୍ବ ଲେଖାଯାଇଛି। କିନ୍ତୁ ୧୯୨୩ ମସିହାର ମାନ୍ଦ୍ରାଜ୍ ସର୍ଭେ ବାଉଣ୍ଡାରି ଆକ୍ଟ ଧାରା ୨ ଅନୁଯାୟୀ ଆମକୁ ଆଦିବାସୀ ମାନ୍ୟତା ନୋଟିସ ମିଳିଥିଲା । ତାହା ଏଯାବତ୍ କେତେକଙ୍କ ପାଖରେ ଉପଲବ୍ଧ ଅଛି। ମାଲକାନଗିରିର ପାରମ୍ପରିକ ବନବାସୀ ଥିବା ଏହି ଜନଜାତିକୁ ନେଇ କୃସୁବାଡା ଗ୍ରାମଟି ୧୨୦ ବର୍ଷ ପୂର୍ବରୁ ସ୍ଥାପିତ ହୋଇଥିଲା। ଆଦିମ ଅଧିବାସୀମାନେ ଗାଁ ନାଁରେ କୋଣ୍ଡା ଲେଖୁଥିଲେ। ଯେପରିକି ଗୋରାକୁଣ୍ଡା, ସୁର୍ଲୁକୋଣ୍ଡା, ପେଡାକୋଣ୍ଡା, ମାତାକୋଣ୍ଡା, ଗୋମ୍ପାକୋଣ୍ଡା, କାଙ୍ଗୁରୁକୋଣ୍ଡା, ଏହିପରି ଅନେକ ତେଲୁଗୁ ନାମକରଣ ଗ୍ରାମଗୁଡିକ ଏବେ ମାଲକାନଗିରି ଜିଲାର ରାଜସ୍ୱ ଗ୍ରାମରେ ପରିଚିତ । ଏତେ ବର୍ଷ ଧରି ରହି ଆସୁଥିଲେ ମଧ୍ୟ ଆମକୁ ଆଦିବାସୀ ମାନ୍ୟତା ମିଳିନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ୨୧ ସେପ୍ଟେମ୍ବର ୨୦୧୭ରେ ଗାଁରେ ଜଙ୍ଗଲ ଜମି ଅଧିକାର ସମ୍ବନ୍ଧୀୟ ପଲ୍ଲିସଭା ବୈଠକ ହୋଇଥିଲା। ଉକ୍ତ ବୈଠକରେ ମାଲକାନଗିରି ରାଜସ୍ୱ ନିରୀକ୍ଷକ, ମଙ୍ଗଳ ବିଭାଗ, ବନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ସେମାନେ ଚାଷ କରୁଥିବା ଜଙ୍ଗଲ ଜମି ସର୍ଭେ ହୋଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଏଠାରେ ଆମେ ଚାଷ କରୁଥିବା ପ୍ରମାଣ ଦେଇଥିଲୁ। କିନ୍ତୁ ଆମକୁ ଜଙ୍ଗଲ ଜମି ପଟ୍ଟା ଏଯାଏ ମିଳିନି ବୋଲି ସେମାନେ କହିଛନ୍ତି। ତୁରନ୍ତ ଜଙ୍ଗଲ ଜମି ପଟ୍ଟା ଦେବାକୁ ଶିଖପାଲି ପୂର୍ବତନ ସରପଞ୍ଚ ତଥା କୃସୁବାଡା ଗ୍ରାମବାସୀ ବାଲାୟା ଦୁଆରି, ଗଣପତି, ଲାଖମା କବାସୀ, ଏଙ୍କାୟା ଗୋଟେ, ରାମାରାଓ ତୋକାଲି, ପ୍ରସାଦରାଓ ପେଦୀ, କାନ୍ନାୟ ଦୁଆରି, ନାଗେଶ ଦୁଆରି, ଜୟରାଜୁ ଦୁଆରିଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଦାବି କରିଛନ୍ତି।



ଜଙ୍ଗଲ ଜମିପଟ୍ଟା ପାଇ ନ ଥିବା ଗ୍ରାମବାସୀ ।









# ଚାପିହୋଇ ରହିଛି ଭୂତଳ ବିଦ୍ୟୁତ୍ ତାର ନିଷ୍ପତ୍ତି

ମାଲକାନଗିରି,୪।୭(ଡି.ଏନ.ଏ.)

ପ୍ରତ୍ୟେକ ବର୍ଷ ଘୋଷଯାତ୍ରା ଓ ବାହୁଡ଼ାଯାତ୍ରା ବେଳେ ମାଲକାନଗିରି ସହରର ବଡ଼ଦାଣ୍ଡର ବିଦ୍ୟୁତ୍ କାଟ ସମସ୍ୟା ସମାଧାନ ହେଉନାହିଁ। ରଥଯାତ୍ରା ଆଳରେ ବିଭାଗ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ କରୁଥିବା ଦେଖିବାକୁ ମିଳୁଛି। ରଥଟଣା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇବା ପାଇଁ ତତ୍କାଳୀନ ଜିଲାପାଳ ବଲବନ୍ତ ସିଂ ବିଦ୍ୟୁତ୍ ତାରଗୁଡ଼ିକୁ ଭୂତଳ ଦେଇ ନେବା ପାଇଁ ନିଷ୍ପତ୍ତି ନେଇଥିଲେ । ମାତ୍ର ତାଙ୍କର ବଦଳି ହେବା ପରେ ଏହି ନିଷ୍ପତ୍ତି ଏଯାଏ ଚାପି ହୋଇରହିଛି । ଫଳରେ ପ୍ରତିବର୍ଷ ଘୋଷଯାତ୍ରା ଓ ବାହୁଡ଼ାଯାତ୍ରାରେ ରଥଟଣା ବେଳେ ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ପଡିଥାଏ। ଏହି ସମୟରେ ପ୍ରାୟ ୪ ଘଣ୍ଟା ଜନସାଧାରଣଙ୍କ ସହ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଅନ୍ଧାରରେ ରହିଥାଏ । ପ୍ରତିବର୍ଷ ଏହି ସମସ୍ୟାକୁ ସମାଧାନ କରିବାକୁ ଜିଲା ପ୍ରଶାସନ କାହିଁକି ପଦକ୍ଷେପ ଗ୍ରହଣ କରୁନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବଡ଼ଦାଣ୍ଡ ଅନ୍ଧାର ରହୁଥିବାରୁ ମହିଳାଙ୍କ ସୁରକ୍ଷା ସହ ସ୍ୱର୍ଣ୍ଣ ଅଳଙ୍କାର ଚୋରି ହେବାର ମଧ୍ୟ ଆଶଙ୍କା ରହୁଛି । ଜିଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ


ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡାରେ ଠାକୁରମାନଙ୍କୁ ପହଣ୍ଡି କରି ନିଆଯାଉଛି ।


ଦୁର୍ଗୀରେ ରଥାରୂଢ଼ ତିନି ଠାକୁର ।


ଚନ୍ଦ୍ରପୁରଠାରେ ପିଲାମାନେ ରଥ ଟାଣୁଛନ୍ତି ।

# ରଥ ପଥ ଜଗନ୍ନାଥ


ଗୁଣପୁରରେ ମହିଳାମାନେ ସାନରଥ ଟାଣୁଛନ୍ତି ।

**ରାୟଗଡା ଅଫିସ୍, ୪।୭**

ସବୁଦିନ ଭକ୍ତ ଭଗବାନଙ୍କ ପାଖକୁ ଯାଉଥିବାବେଳେ ଆଜି ଭଗବାନ ଭକ୍ତଙ୍କୁ ଦର୍ଶନ ଦେବାକୁ ମନ୍ଦିର ବାହାରକୁ ଆସିଥିଲେ। ରଥାରୂଢ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ସକାଳୁ ବିଭିନ୍ନ ରୀତିନୀତି ଅନୁଯାୟୀ ଠାକୁରମାନଙ୍କ ପୂଜା କରାଯାଇଛି। ପରେ ପହଣ୍ଡି ବିଜେ କରାଯାଇ ଥିଲା। ଟାହିଆ ହଲାଇ ଝୁଲିଝୁଲି ଠାକୁରମାନେ ରଥକୁ ଆସିଥିଲେ। ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ଏକ ଭକ୍ତିମୟ ପରିବେଶରେ ରାୟଗଡ଼ା ଜିଲାରେ ପବିତ୍ର ରଥଯାତ୍ରା ପାଳିତ ହୋଇଛି।

**ବାଟରେ ଛିଣ୍ଡିଲା ରଥ ଦଉଡି**

ରାୟଗଡା ସହରସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଗୁରୁବାର ରଥଯାତ୍ରା ପାଳିତ ହୋଇଛି। ବ୍ରାହ୍ମଣସାହିସ୍ଥିତ ସ୍ୱେଚ୍ଛାସେବୀ ଯୁବକ ସଂଘ ପକ୍ଷରୁ ଠାକୁରଙ୍କ ପାଇଁ ଟାହିଆ ଯୋଗାଇ ଦିଆଯାଇଥିଲା। ସକାଳ ୯ଟାରେ ଠାକୁରଙ୍କ ପାଖରେ ଟାହିଆ ଲାଗି କରାଯାଇଥିଲା।୧୦ଟାରେ ଠାକୁରଙ୍କ ପହଣ୍ଡି ବିଜେ କରାଯାଇଥିଲା। ୩ଟାରେ ରାଜ ପୁରୋହିତ ବାଲୁଙ୍କେଶ୍ୱର ଦାଶ ରଥରେ ଛେରା ପହଁରା କରିଥିଲେ। ଅପରାହ୍ନ ୪.୩୦ରେ ରଥ ଟଣା ଆରମ୍ଭ ହୋଇଥିଲା। ଗତ ୨ବର୍ଷ ଭଳି ଚଳିତ ଥର ମଧ୍ୟ ଗୋଟିଏ ପାର୍ଶ୍ୱରେ ପୁରୁଷ ଓ ଅନ୍ୟ ପାର୍ଶ୍ୱରେ ମହିଳାମାନେ ରଥକୁ ଟାଣିଥିଲେ। ଶ୍ରଦ୍ଧାଳୁମାନଙ୍କ ସହ ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଡ. ଶର୍ବଣା ବିବେକ ଏମ୍, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମଧ୍ୟ ରଥଟାଣି ଥିଲେ। ସନ୍ଧ୍ୟା ୬ଟାରେ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲା। ତେବେ କିଛି ବାଟ ଗଡିବାପରେ ରଥ ଦଉଡି ଛିଣ୍ଡିଯାଇଥିଲା। ପରେ କତା ଦଉଡିକୁ ବଦଳାଇ ପ୍ଲାଷ୍ଟିକ ଦଉଡି ବନ୍ଧା ଯାଇଥିଲା। ସହରର ସିଆର୍‌ପିଏଫ୍ କ୍ୟାମ୍ପରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି।


ଗୁଡାରୀରେ ରଥ ଉପରେ ଠାକୁରଙ୍କ ପୂଜାର୍ଚ୍ଚନା ଚାଲିଛି ।


ରାୟଗଡା ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ ।


ଜେକେପୁରଠାରେ ଛେରା ପହଁରା କରାଯାଉଛି ।


ଟିକିରିରେ ଘଣ୍ଟୁଆମାନେ ଘଣ୍ଟନାଦ କରୁଛନ୍ତି ।


ମୁନିଗୁଡା ରଥଯାତ୍ରାରେ ମନ୍ତ୍ରୀ ଜଗନ୍ନାଥ ସାରକା ।

# ସହରରୁ ଗାଁ ଯାଏ ଗଡ଼ିଲା ରଥ

**ମୁନିଗୁଡ଼ା/ ଚନ୍ଦ୍ରପୁର/ଦୂର୍ଗୀ/ଗୁଣପୁର/ ଜେକେପୁର/ଗୁଡ଼ାରୀ, ୪।୭(ଡି.ଏନ୍.ଏ.)**

ମୁନିଗୁଡାରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଛି। ମୁନିଗୁଡା ବ୍ରାହ୍ମଣ ସମାଜ ଓ ମା' ଠାକୁରାଣୀ ଖୋରୁଡା ସଂଘ ସଦସ୍ୟମାନଙ୍କ ଦ୍ୱାରା ପହଣ୍ଡି ବିଜେ କରାଯାଇଥିଲା। ପୁରୋହିତ ଶ୍ୟାମସୁନ୍ଦର ଦାସଙ୍କ ପୌରୋହିତ୍ୟରେ ରଥ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିରର ମୁଖ୍ୟ ସେବକ ନରୋତ୍ତମ ଦାସ ଛେରାପହଁରା କରିଥିଲେ। ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ଥିଲେ। ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ତହସିଲଦାର ଦେବାଶିଷ ଗୌଡ, ଆଇଆଇସି ରାଜେନ୍ଦ୍ର ଦେହୁରୀ, ରଥଯାତ୍ରା କମିଟ ସଦସ୍ୟ ଉପସ୍ଥିତଥିଲେ। ପରେ ଶ୍ରଦ୍ଧାଳୁମାନେ ରଥ ଟାଣି ଥିଲେ। ତିନି ଠାକୁରଙ୍କୁ ରଥରୁ ପହଣ୍ଡି କରି ଗୁଣ୍ଡିଚା ମନ୍ଦିର ରତ୍ନବେଦୀରେ ବିଜେକରାଯାଇଥିଲା। ସେହିପରି ମୁନିଗୁଡାଠାରେ ଅଷ୍ଟମ ବାଟାଲିୟନ ସିଆରପିଏଫ୍ ଯବାନମାନେଙ୍କ ମଧ୍ୟ ରଥଯାତ୍ରା କରିଥିଲେ। ସିଆରପିଏଫ୍ କମାଣ୍ଡେଣ୍ଟ ଏନ୍.କେ. ସିଂ ଛେରାପହଁରା କରିଥିଲେ।

ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ସଦର ମହକୁମାସ୍ଥିତ ସିଆରପିଏଫ ଅଷ୍ଟମ ବାଟାଲିୟନ ପକ୍ଷରୁ ରଥଯାତ୍ରା ପାଳିତ ହୋଇଯାଇଛି। ଏଥିରେ ସିଆରପିଏଫ ଇନ୍ସପେକ୍ଟର କେ.ସି. ପଲ୍ଲୀକ ଛେରା ପହଁରା କରିଥିଲେ। ସ୍ଥାନୀୟ ଲୋକେ ଓ ସିଆରପିଏଫ୍ ଯବାନମାନେ ମଧ୍ୟ ରଥ ଟାଣିଥିଲେ। ସେହିପରି ହନୁମନ୍ତପୁର ପଞ୍ଚାୟତ ପଟ୍ଟାଲିଗୁଡିରେ ମଧ୍ୟ ରଥଯାତ୍ରା ପାଳିତ ହୋଇଛି।

ଦୂର୍ଗୀଠାରେ ମନ୍ଦିର ମୁଖ୍ୟପଣ୍ଡା ଗୌରୀ ଶଙ୍କର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ହୋଇଛି। ସୁଭାଷ ଚନ୍ଦ୍ର ପଣ୍ଡା ଛେରା ପହଁରା କରିଥିଲେ। ଅପରାହ୍ନ ରେ ରଥ ଟଣା ହୋଇଥିଲା।

ଗୁଣପୁରଠାରେ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ବଡରଥ ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ପରେ ସାନ ରଥ ଟଣା ଆରମ୍ଭ ହୋଇଥିଲା। ସାନ ରଥକୁ କେବଳ ମହିଳାମାନେ ଟାଣିଥିଲେ। ବିଧାୟକ ରଘୁନାଥ ଗମାଙ୍ଗ, ପିଡି ଡିଆରଡିଏ ଅମୃତ ରତୁରାଜ, ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ତହସିଲଦାର ନମ୍ରତା ମୋଦି, ସହକାରୀ ଜିଲାପାଳ ପୁଷ୍ପାଞ୍ଜଳି ଚୌଧୁରି, ରିନା ପ୍ରଧାନ, ଏସଡିପିଓ ରାଜକିଶୋର ଦାସ, ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଗୁଣପୁର ଏବଂ ମହିଳା ମହାବିଦ୍ୟାଳୟର ଏନଏସିସି, ,ଜିଆଇଆଇଟିର ଏନଏସଏସ ଗ୍ରୁପ, ଶବର ସାଂସ୍କୃତିକ ସଂଘ, ଆଦିତ୍ୟ ବାହିନୀସଦସ୍ୟମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଆଦିତ୍ୟ ବାହିନୀ ପକ୍ଷରୁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସତ୍ୟସାଇ, ଲାୟନ୍ସ କ୍ଲବ ଏବଂ ଶବର ସଂଘ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ବଳରାମନଗର ବାସିନ୍ଦା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ନିର୍ମିତ ପତିତପାବନ ରଥ ଲୋକଙ୍କ ଆକର୍ଷଣ ପାଲଟିଥିଲା।

ରାୟଗଡ଼ା ଜିଲା ଶିଳ୍ପନଗରୀ ଜେକେପୁରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଜେକେ କାଗଜକଳର ମ୍ୟାନୁଫାକଚରିଂ (ନିର୍ମାଣ) ବିଭାଗର ଉପସଭାପତି ବିନୟ କୁମାର ଦ୍ୱିବେଦୀ ଛେରାପହଁରା କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ରାୟଗଡ଼ା ପୂର୍ବତନ ବିଧାୟକ ଲାଲବିହାରୀ ହିମିରିକା ଉପସ୍ଥିତ ଥିଲେ। ଜେକେପୁର ଜଗନ୍ନାଥ ମନ୍ଦିରର କମିଟି ସଭ୍ୟାମାନେ ରଥଯାତ୍ରା ପରିଚାଳନା କରିଥିଲେ। ସେହିପରି ପୂର୍ବପରି ଅମଳାଭଟାଛକଠାରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ଜେନା ଛେରାପହରା କରିଥିଲେ। ରାୟଗଡ଼ା ବ୍ଲକ ଅଧ୍ୟକ୍ଷ ରାମୁଲୁ ପେଦେଣ୍ଟି, ଜେକେ ପେପରମିଲ୍ ମୁଖ୍ୟ ପ୍ରବନ୍ଧକ ସନ୍ଦୀପ ପାଣ୍ଡେ, କୋଲନରା ବ୍ଲକ ପାଇକପଡା ପାତାଳେଶ୍ୱର ଶୈବପୀଠରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଯାଇଛି। ଥେରୁବାଲି ରାଜସ୍ୱ ନୀରିକ୍ଷକ ଆଦିତ୍ୟ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

ଗୁଡାରୀଠାରେ ସନ୍ଧ୍ୟା ୫ଟାରେ ରଥଟଣା ହୋଇଥିଲା। ସନ୍ଧ୍ୟା ୭ଟାରେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଥିଲା। ପୋଲିସ ଓ ସିଆର୍‌ପିଏଫ୍ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଗୋଦାବରୀ ଶତପଥୀ ଡାହୁକ ଦାୟିତ୍ୱ ତୁଲାଇଥିଲେ।

# ବ୍ରହ୍ମପୁରରେ ଖୋଲିଲା ଦୁଗ୍ଧ ଏଟିଏମ୍

**ବ୍ରହ୍ମପୁର ଅଫିସ୍,୪।୭**

- ୧ ଲିଟର୍‌କୁ ୪୦ଟଙ୍କା
- ଆଉ ୯ ଜାଗାରେ ଖୋଲିବ


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଦୁଗ୍ଧ ଏଟିଏମ୍‌କୁ ଉଦ୍‌ଘାଟନ କରୁଛନ୍ତି । ନିକଟରେ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

ଗଞ୍ଜାମ -ଗଜପତି ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ପକ୍ଷରୁ ରାଜ୍ୟର ପ୍ରଥମ ଦୁଗ୍ଧ ବିଶୋଧିତ ଏବଂ ଭିଟାମିନ୍ ମିଶ୍ରିତ ଏଟିଏମ୍ ଗୁରୁବାର ବ୍ରହ୍ମପୁର ଗେଟ୍‌ବଜାର ନିକଟସ୍ଥ ସଂଘ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଇତ୍ୟବସରରେ ସଂଘ ସଭାପତି ରଜନୀକାନ୍ତ ମଣ୍ଡଳ, ଟାଟା ଷ୍ଟିଲ ସିଏସ୍‌ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ରାଷ୍ଟ୍ରୀୟ ଗୋ-ବିକାଶ ବୋର୍ଡ଼ ରାଜ୍ୟ ସମନ୍ୱୟକାରୀ ଧନରାଜ କ୍ଷେତ୍ରୀ, ଟାଟା ଷ୍ଟିଲ୍ ରୁରାଲ୍ ଡେଭଲପମେଣ୍ଟ ସୋସାଇଟି ମୁଖ୍ୟ ରକି ମାର୍ଟିନ୍ ଏବଂ ସଂଘ ସାଧାରଣ ପରିଚାଳକ ଦିଲୀପ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ ।

ସଂଘ ସାଧାରଣ ପରିଚାଳକ ଦିଲୀପ କୁମାର ପଟ୍ଟନାୟକ କହିଛନ୍ତି, ଗତ କିଛି ମାସ ହେଲା ସଂଘ ଆର୍ଥିକ ଅବସ୍ଥା ଭଲ ନାହିଁ । ଚାଷୀମାନଙ୍କୁ ଦୁଗ୍ଧ ପାଉଣା ଦିଆଯାଉ ପାରୁନି । ଏଣୁ ଏହି ଏଟିଏମ୍ ଖୋଲାଯାଇଛି । ଚାଷୀଙ୍କଠାରୁ କିଣାଯାଉଥିବା କ୍ଷୀରକୁ ବିଶୁଦ୍ଧୀକରଣ ସହ ସେଥିରେ ଭିଟାମିନ୍-ଏ ଏବଂ ଭିଟାମିନ୍-ଡି ମିଶାଇ ବିକ୍ରି କରାଯିବ। ଲିଟର୍ ପିଛା ଦର ରଖାଯାଇଛି ୪୦ଟଙ୍କା। ଜଣେ ଗ୍ରାହକ ମେଶିନ୍‌ରେ ଟଙ୍କା ପକାଇ କ୍ଷୀର କିଣିପାରିବେ। ଅତି କମ୍‌ରେ ୨୫୦ଏମ୍‌ଏଲ୍ ଏବଂ ଅତି ବେଶିରେ ୫ଲିଟର କ୍ଷୀର ଜଣେ ଗ୍ରାହକ ମେଶିନ୍‌ରୁ କିଣିପାରିବେ। ଲାଭର କେତେକ ଅଂଶ ଚାଷୀମାନଙ୍କୁ ପ୍ରଦାନ କରାଯିବ। ସଂଘରେ ଅନୁବନ୍ଧିତ ସମିତିର ନିୟମିତ ଦୁଗ୍ଧ ଚାଷୀ ଏବଂ ଦୁଗ୍ଧ ସମିତି ସମ୍ପାଦକମାନଙ୍କୁ ପ୍ରୋତ୍ସାହିତ କରାଯିବ । ଗ୍ରାହକଙ୍କ ଚାହିଦାକୁ ଦେଖି ଚଳିତ ବର୍ଷ ସହରରେ ଆଉ ୪ ମେଶିନ୍ ଏବଂ ଆସନ୍ତା ବର୍ଷରେ ଆଉ ୫ଟି ମେଶିନ୍ ଖୋଲାଯିବ । ଜାଗା ଚିହ୍ନଟ ପ୍ରକ୍ରିୟା ଚାଲିଛି । ରାଜ୍ୟରେ ଏହା ପ୍ରଥମ ଦୁଗ୍ଧ ଏଟିଏମ୍, ଯେଉଁଠି ବିଶୋଧିତ ଏବଂ ଭିଟାମିନ୍ ମିଶା ଦୁଗ୍ଧ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି ।

ଜିଲାପାଳ କୁଲାଙ୍ଗେ କହିଥିଲେ, ଦୁଗ୍ଧ ଚାଷୀଙ୍କ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହା ବେଶ୍ ଫଳପ୍ରଦ ହେବ। ଆସନ୍ତା ଦିନଗୁଡ଼ିକରେ ମେଡ଼ିକାଲ୍‌ରେ ଏବଂ ଅନ୍ୟାନ୍ୟ ଜାଗାରେ ମଧ୍ୟ ଦୁଗ୍ଧ ଏଟିଏମ୍ ଖୋଲାଯିବ। ଏହା ଦ୍ୱାରା ଉଭୟ ଗ୍ରାହକ ଏବଂ ଚାଷୀମାନେ ଲାଭବାନ୍ ହୋଇପାରିବେ। ପକେଟ୍ କ୍ଷୀରରେ ପଲିଥିନ୍ ବ୍ୟବହାର ହେଉଥିବା ବେଳେ ଏହି ମେଶିନ୍‌ରେ ପଲିଥିନ୍‌ର ଆବଶ୍ୟକତା ନାହିଁ । ଜିଲା ପ୍ରଶାସନ ପକ୍ଷରୁ ପଲିଥିନ୍ ବିରୋଧରେ ଚାଲିଥିବା ଅଭିଯାନରେ ଏହା ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଅବିଭକ୍ତ ଗଞ୍ଜାମ ଜିଲା ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ୧୯୭୬ ଏପ୍ରିଲ୍ ୧୭ତାରିଖରେ ଆରମ୍ଭ ହୋଇଥିଲା। ଜିଲା ବିଭକ୍ତୀକରଣ ପରେ ୧୯୯୪ରେ ଏହାର ନାମ ପରିବର୍ତ୍ତନ କରାଯାଇ ବୃହତ୍ତର ଗଞ୍ଜାମ -ଗଜପତି ସମବାୟ ଦୁଗ୍ଧ ସଂଘ ନାମରେ ପଞ୍ଜୀକୃତ କରାଯାଇଛି । ରାଜ୍ୟସ୍ତରରେ ଏହା ଓମ୍‌ଫେଡ୍ ସହ ଅନୁବନ୍ଧିତ । ଗ୍ରାମ୍ୟସ୍ତରରେ ଦୁଗ୍ଧ ସମିତି ଜରିଆରେ ଦୁଇଟି ଜିଲାର ଚାଷୀଙ୍କଠାରୁ ଦୁଗ୍ଧ କିଣାଯାଉଛି । ବର୍ତ୍ତମାନ ଏହି ସଂଘ ୨୧୨ଟି ଦୁଗ୍ଧ ସମିତିର ୭୧୯୧ଜଣ ଚାଷୀ ସଭ୍ୟ ଅଛନ୍ତି । ଦୈନିକ ପ୍ରାୟ ୧୮ହଜାର ଲିଟର ଦୁଗ୍ଧ ୨୫ଟି କ୍ଷୁଦ୍ର ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଜରିଆରେ ସଂଗ୍ରହ କରାଯାଉଛି ।

## ଦୁର୍ଘଟଣାରେ ଯୁବକ ମୃତ

**ସୋରଡା/ଆସିକା,୪।୭(ଡି.ଏନ୍.ଏ.)**

ଆସିକା ସୋରଡା ଜାତୀୟ ରାଜପଥ ତତାବାଲି ଗ୍ରାମ ନିକଟରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ତତାବାଲିର ଦିଗାମ୍ବର ବେହେରା (୧୮) ଓ ଆହତ ହେଲେ ଗୁଟୁ ବେହେରା। ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ୨ଜଣ ଯୁବକ ରାସ୍ତା କଡରେ କ୍ଷତାକ୍ତ ଅବସ୍ଥାରେ ପଡିଥିବା ଦେଖି ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ସୋରଡାରୁ ଆମ୍ବୁଲାନ୍ସ ଆସି ଉଭୟଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ନେଇଥିଲା। ସେଠାରେ ଦିଗାମ୍ବରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁଟୁଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସୋରଡା ଏଏସ୍‌ଆଇ ତ୍ରିନାଥ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିପରି ଦୁର୍ଘଟଣା ଘଟିଲା ସେ ନେଇ ପୋଲିସ ତଦନ୍ତ ଚଳାଇଛି।

## ରନ୍ଧାମଦ ଜବତ, ୨ ଗିରଫ

**ଆସିକା,୪।୭ (ଡି.ଏନ୍.ଏ.):**

ଆସିକା ଥାନା ବାଲିସିରା ଗ୍ରାମରୁ ପୋଲିସ ବୁଧବାର ରାତିରେ ୪୫ ଲିଟର ରନ୍ଧାମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗାଙ୍ଗପୁର ଥାନା ଖଣ୍ଡରାବଳି ଗ୍ରାମର ଟୁକୁନା ନାୟକ ଓ କଳାସୂତା ଗ୍ରାମର ଧୋବା ବେହେରା । ଟୁକୁନା ୨୫ ଲିଟର ଓ ଧୋବା ୨୦ ଲିଟର ମଦ ନେଇ ବିକ୍ରି କରିବାକୁ ଯାଉଥିବା ବେଳେ ପୋଲିସ ହାବୁଡରେ ପଡିଥିଲେ।

# ଗୁଣପୁରରେ ଖୋଲିଲା କେନ୍ଦ୍ରୀୟ ବିଦ୍ୟାଳୟ ଅଫିସ

**ଗୁଣପୁର,୪।୭(ଡି.ଏନ୍.ଏ.)**

କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ସୋମବାର ଗୁଣପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଆଦେଶ ତଥା ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର ନାମ ଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗୁରୁବାର ଏହାର କାର୍ଯ୍ୟାଳୟ ବେଲ ହଷ୍ଟେଲ ପରିସରରେ ଖୋଲିଛି। ଏହି ଅବସରରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ରାୟଗଡା କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସପାଲ ଦୂର୍ଗା ପ୍ରସାଦ ପଣ୍ଡା, ନବ ନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ, ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଅଶୋକ ଲାବଲା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଏ.ଶ୍ରୀନିବାସ ଆଚାରି ଏବଂ ଅନ୍ୱେଷା କେନ୍ଦ୍ର କେୟାର ଟେକେର ଝୁଲେଶ୍ୱର ମଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ଦିବସରେ ବିନା ମୂଲ୍ୟରେ ନାମ ଲେଖା ଫର୍ମ ଏଠାରେ ଉପଲବ୍ଧ ହେବ। ପୁରୁଣା ଷ୍ଟେଟ ବ୍ୟାଙ୍କ ସାହିସ୍ଥିତ ବେଲ ହଷ୍ଟେଲ ପରିସରରେ ଏହାର ଅସ୍ଥାୟୀ କୋଠାରେ ସକାଳ ୮ଟାରୁ ୨ଟା ମଧ୍ୟରେ ନାମ ଲେଖା ଫର୍ମ ମିଳିବ। ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ପ୍ରଥମରୁ ୫ ଶ୍ରେଣୀ ପିଲାଙ୍କ ନାମ ଲେଖା ଯିବ। ଶୁକ୍ରବାର ଦିପେସ ବାରିକ ପ୍ରିନ୍ସପାଲ ଭାବେ ଦାୟିତ୍ୱ ଗ୍ରହଣ କରିବେ।



କାର୍ଯ୍ୟାଳୟ ଖୋଲିବା ଅବସରରେ ଉପସ୍ଥିତ ଅତିଥି।